


ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
30 YEARS
e-paper www.sambadkalika.in
TM
ସମ୍ବାଦ କଳିକା
E-mail : sambadkalikanews@gmail.com
The Sambad Kalika
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages,₹ 2.00
● ବର୍ଷ–୩୧ ● ସଂଖ୍ୟା–୧୫୧ ● ୨୮ ଜୁନ୍ ୨୦୨୪, ଶୁକ୍ରବାର ● ଭୁବନେଶ୍ୱର ● Vol -31 ● Issue-151 ● 28th June 2024, Friday ● Bhubaneswar
Licensed to post without pre-payment of postage No- BN-60/22-24


## ମିଳିତ ଅଧିବେଶନକୁ ରାଷ୍ଟ୍ରପତିଙ୍କ ଉଦବୋଧନ

# ଆଗାମୀ ବଜେଟ୍ ଭବିଷ୍ୟତବାଦୀ ହେବ

**ନୂଆଦିଲ୍ଲୀ, ୨୭।୬**

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗୁରୁବାର ସଂସଦଭବନର ମିଳିତ ଅଧିବେଶନକୁ ସମ୍ବୋଧିତ କରିଛନ୍ତି । ସେ ସଂସଦଭବନରେ ପହଞ୍ଚିବା ପରେ ଉପରାଷ୍ଟ୍ରପତି ଜଗଦୀପ ଧନଖଡ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କୁ ସ୍ୱାଗତ କରିଥିଲେ। ଏହାପରେ ମିଳିତ ଅଧିବଶେନକୁ ସମ୍ବୋଧିତ କରି ନବନିର୍ବାଚିତ ସାଂସଦମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ରାଷ୍ଟ୍ରପତି।



ସମ୍ବୋଧନ ସଭାରେ ଦେଶର ଗରିବୀଠୁ ନେଇ ଶିକ୍ଷା, ବିଜ୍ଞାନ, ବାଣିଜ୍ୟ ଓ ଭବିଷ୍ୟତ ଯୋଜନା ଉପରେ ଆଲୋକପାତ କରିଛନ୍ତି ରାଷ୍ଟ୍ରପତି ମୁର୍ମୁ। ଆଗାମୀ ବଜେଟ୍ ଭବିଷ୍ୟତବାଦୀ ହେବ ବୋଲି ସେ କହିଛନ୍ତି। ଦେଶରେ ଗରିବୀ ଦୂର ହୋଇଛି, ୨୫ କୋଟି ଭାରତୀୟ ଗରିବୀରୁ ମୁକ୍ତ ହୋଇଛନ୍ତି ବୋଲି ରାଷ୍ଟ୍ରପତି ମୁର୍ମୁ କହିଛନ୍ତି । ଏଥିସହ ଦେଶରେ ବିଜୁଳି ବିଲ ଶୂନ କରିବାକୁ ସରକାର ଯୋଜନା କରୁଥିବା ସେ କହିଛନ୍ତି।

ଦେଶର ଉନ୍ନତି କ୍ଷେତ୍ରରେ ମହିଳାଙ୍କ ଭାଗିଦାରୀ ବିଷୟରେ ଆଲୋଚନା କରି ରାଷ୍ଟ୍ରପତି କହିଛନ୍ତି, ଆଗକୁ ମହିଳାମାନଙ୍କୁ ଡ୍ରୋନ ପାଇଲଟ କରିବାକୁ ଉଦ୍ୟମ ଚାଲିଛି। ୩ କୋଟି ମହିଳାଙ୍କୁ ଲକ୍ଷପତି ଦିଦି କରିବାକୁ ବ୍ୟାପକ ଅଭିଯାନ ଚଳାଯାଇଛି । ଉତ୍ତର-ଦକ୍ଷିଣ ଭାରତରେ ବୁଲେଟ ଟ୍ରେନ ଚଳାଚଳ ପାଇଁ ମଧ୍ୟ ବ୍ୟବସ୍ଥା ଚାଲିଛି ବୋଲି ରାଷ୍ଟ୍ରପତି ମୁର୍ମୁ କହିଛନ୍ତି।

ନିର୍ବାଚନ କମିଶନକୁ ପ୍ରଶଂସା କରି ରାଷ୍ଟ୍ରପତି କହିଛନ୍ତି, ଏଥର କାଶ୍ମୀର ଘାଟିରେ ରେକର୍ଡ ସଂଖ୍ୟକ ଭୋଟିଂ ହୋଇଛି । ଚାରି ଦଶକରୁ ଏଠାରେ ଭୋଟିଂ ପ୍ରତିଶତ କମ ରହି ଆସୁଥିଲା। ଏଥର କିନ୍ତୁ ବିରାଟ ପରିବର୍ତ୍ତନ ଆସିଛି । ମୋ ସରକାର ଉପରେ ଲୋକେ ତୃତୀୟ ଥର ଭରସା କରିଛନ୍ତି । ଲୋକେ ଜାଣିଛନ୍ତି ମୋ ସରକାର ସେମାନଙ୍କ ଆକାଂକ୍ଷା ପୂରଣ କରିପାରିବ।

ସମାଜର ସବୁ ବର୍ଗଙ୍କ ପାଖରେ ବିକାଶ ପହଞ୍ଚିବ ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି । ସେ (ପୃଷ୍ଠା ୭ରେ)



ନୂଆଦିଲ୍ଲୀଗସ୍ତ ଅବସରରେ ରାଷ୍ଟ୍ରପତି ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏବଂ ପ୍ରଭାତୀ ପରିଡ଼ା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସୌଜନ୍ୟ ମୂଳକ ସାକ୍ଷାତ କରୁଛନ୍ତି।

# ବିଭିନ୍ନ ନେତୃବର୍ଗଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ

**ନୂଆଦିଲ୍ଲୀ, ୨୭।୬**

ସଂପ୍ରତି ନୂଆଦିଲ୍ଲୀ ଗସ୍ତରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ତାଙ୍କ ସହିତ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ପ୍ରଭାତୀ ପରିଡା ମଧ୍ୟ ରାଷ୍ଟ୍ରପତିଙ୍କୁ ଭେଟିଥିଲେ। ଏହା ପରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଉପରାଷ୍ଟ୍ରପତି ଜଗଦୀପ ଧନଖଡଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ଏହାପରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଓ ଦୁଇ ଉପମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ମଧ୍ୟ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ଏହାପରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ, କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡକରୀଙ୍କୁ ମଧ୍ୟ ସାକ୍ଷାତ କରିଥିଲେ।

ଓଡ଼ିଶାରେ ବିଜେପି ସରକାର ଗଠନ ପରେ ପ୍ରଥମ ଥର ପାଇଁ (ପୃଷ୍ଠା ୭ରେ)

## ନିଟ୍ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ମାମଲାକୁ ନେଇ ଚିନ୍ତାବ୍ୟକ୍ତ କଲେ ରାଷ୍ଟ୍ରପତି

**ନୂଆଦିଲ୍ଲୀ, ୨୭।୬**

ସଂସଦର ମିଳିତ ଅଧିବେଶନକୁ ସମ୍ବୋଧନ କରିବା ବେଳେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନିଟ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ମାମଲାକୁ ନେଇ ଚିନ୍ତା ବ୍ୟକ୍ତ କରିଛନ୍ତି । ଏହା ଉପରେ ନିରପେକ୍ଷ ଯାଞ୍ଚ ଚାଲିଥିବା ବେଳେ ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ କେନ୍ଦ୍ର ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ରାଷ୍ଟ୍ରପତି କହିଛନ୍ତି ।

ପୂର୍ବରୁ ମଧ୍ୟ ଅନେକ ସମୟରେ ବିଭିନ୍ନ ରାଜ୍ୟରେ ପେପର ଲିକ୍ ଅଭିଯୋଗ ସାମ୍ନାକୁ ଆସିଛି । ରାଜନୈତିକ ଦଳ ଗୁଡିକ ଏହି ପ୍ରସଙ୍ଗ ଉପରେ ରାଜନୀତି କରିବା ବଦଳରେ ସରକାରଙ୍କ ସହ ମିଶି ଏହାର ସମାଧାନ ଦିଗରେ କାର୍ଯ୍ୟ କରିବା ଉଚିତ ବୋଲି ରାଷ୍ଟ୍ରପତି ଅନୁରୋଧ କରିଛନ୍ତି।

ଏହାସହ ନିଜ ଅଭିଭାଷଣରେ ରାଷ୍ଟ୍ରପତି କହିଛନ୍ତି, କେନ୍ଦ୍ର ସରକାର ସମସ୍ତ କ୍ଷେତ୍ରକୁ ଶକ୍ତିଶାଳୀ କରିବା ଦିଗରେ କାର୍ଯ୍ୟ କରୁଛନ୍ତି । ଗତ ୧୦ ବର୍ଷ ହେବ ଗ୍ରାମୀଣ ଅର୍ଥବ୍ୟବସ୍ଥାରେ ଉନ୍ନତି ଆଣିବା ଦିଗରେ ଜୋର ଦେଉଛନ୍ତି ସରକାର । ଏବେ ସରକାର ଭାରତକୁ ବିଶ୍ୱର ତୃତୀୟ ବୃହତ ଅର୍ଥନୀତି ଭାବେ ଆଗକୁ ନେବାକୁ ଅଗ୍ରସର ହେଉଛନ୍ତି । ଚାଷୀଙ୍କୁ ଆର୍ଥିକ ସ୍ୱଚ୍ଛଳ କରିବାକୁ ଖରିଫ ଫସଲ ଉପରେ ଏମଏସପି ବୃଦ୍ଧି କରିଛନ୍ତି ସରକାର । ସରକାରୀ ଯୋଜନାର ସମସ୍ତ ଲାଭ ସାଧାରଣ ଲୋକଙ୍କ ପାଖରେ ପହଞ୍ଚୁଛି।


TATA MOTORS
Light Commercial Vehicles Dealers
24 hours help line :
Sales : 7873770000


## ବଙ୍ଗୋପସାଗରରେ ଘୂର୍ଣ୍ଣିବଳୟ ସକ୍ରିୟ

# ଆସନ୍ତା ୨୪ ଘଣ୍ଟା ମଧ୍ୟରେ ସାରା ରାଜ୍ୟରେ ବର୍ଷା ସମ୍ଭାବନା

**ଭୁବନେଶ୍ୱର, ୨୭।୬**
**ନ୍ୟୁଜ୍ ବ୍ୟୁରୋ**

ଉତ୍ତର ପଶ୍ଚିମ ସଂଲଗ୍ନ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ସକ୍ରିୟ ମୌସୁମୀ ପ୍ରଭାବରେ ଜାରି ରହିଛି ବର୍ଷା। ଆହୁରି ୫ ଦିନ ଲାଗି ରହିବ ବର୍ଷା। ଆସନ୍ତା ୨୪ ଘଣ୍ଟାରେ ସାରା ରାଜ୍ୟରେ ବର୍ଷା ହେବା ନେଇ ସତର୍କତା ଜାରି କରିଛି ପାଣିପାଗ ବିଭାଗ। ଖୋର୍ଦ୍ଧା, ପୁରୀ, ଗଞ୍ଜାମ ଓ କନ୍ଧମାଳରେ ଅତି ପ୍ରବଳ ବର୍ଷା ନେଇ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ଅନୁଗୁଳ, ଢେଙ୍କାନାଳ, ନୟାଗଡ଼, କଟକ, ଗଜପତି, ରାୟଗଡ଼ା, କଳାହାଣ୍ଡି, ମାଲକାନଗିରି, କୋରାପୁଟ, ନବରଙ୍ଗପୁରରେ ପ୍ରବଳ ବର୍ଷା ନେଇ ଆଲର୍ଟ ଜାରି ରହିଛି।



ଶୁକ୍ରବାର ମଧ୍ୟ ଭଦ୍ରକ,କେନ୍ଦ୍ରାପଡା, ଜଗତସିଂହପୁରରେ ଅତି ପ୍ରବଳ ବର୍ଷା ସହ ବରଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଯାଜପୁର, କଟକ, ଖୋର୍ଦ୍ଧା, ପୁରୀରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଅନ୍ୟ କିଛି ସ୍ଥାନରେ ଘଡଘଡି ବିଜୁଳି ସହ ବର୍ଷା ପବନ ହେବ । ୨୯ ଓ ୩୦ ତାରିଖରେ ମଧ୍ୟ ବର୍ଷା ହେବାର ସମ୍ଭାବନା ରହିଛି। ଗତ ୨୪ ଘଣ୍ଟାରେ ରାଜ୍ୟର ୮ଟି ସ୍ଥାନରେ ପ୍ରବଳ ବର୍ଷା ହୋଇଛି । ୧୫୨ ମିମି ବର୍ଷା କୋରାପୁଟରେ ରେକର୍ଡ ହୋଇଥିବା ସୂଚନା ମିଳିଛି ।

# ଦକ୍ଷତା ବିକାଶ କାର୍ଯ୍ୟକ୍ରମକୁ ଶିକ୍ଷାନୁଷ୍ଠାନ, ମହାବିଦ୍ୟାଳୟ ଓ ମିଶନ ଶକ୍ତି ପରିସରଭୁକ୍ତ କରାଯିବ

**ଭୁବନେଶ୍ୱର, ୨୭।୬**
**ନ୍ୟୁଜ୍ ବ୍ୟୁରୋ**

ଦକ୍ଷତା ବିକାଶ କାର୍ଯ୍ୟକ୍ରମକୁ ନିର୍ଦ୍ଦିଷ୍ଟ କେତେକ ଟ୍ରେନି ଛାତ୍ରଛାତ୍ରୀଙ୍କ ମଧ୍ୟରେ ସୀମିତ ନରଖି ଏହାକୁ ଶିକ୍ଷାନୁଷ୍ଠାନ, ମହାବିଦ୍ୟାଳୟ ଓ ମିଶନଶକ୍ତି ପରିସରଭୁକ୍ତ କରାଯିବା ଉପରେ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଗୁରୁତ୍ୱାରୋପ କରିଛନ୍ତି।



ଗୁରୁବାର ପୂର୍ବାହ୍ନରେ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିବା ଅବସରରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଥିଲେ ବିଭିନ୍ନ ଶିକ୍ଷାନୁଷ୍ଠାନ ଓ କମ୍ପାନୀଗୁଡ଼ିକରେ ଓଡ଼ିଆ ଛାତ୍ରଛାତ୍ରୀଙ୍କ ଯୋଗଦାନ ପୂର୍ବରୁ ସେମାନଙ୍କୁ ସୁଦକ୍ଷ କରିବା ଆବଶ୍ୟକ । କମ୍ପାନୀ ଓ ଶିକ୍ଷାନୁଷ୍ଠାନ ବୁଝାମଣାପତ୍ରରେ ଓଡ଼ିଆ ଯୁବକ ଯୁବତୀଙ୍କୁ ସେମାନଙ୍କ ଅନୁଷ୍ଠାନଗୁଡ଼ିକରେ ନିଯୁକ୍ତି ସୁଯୋଗ ପାଇଁ ଚୁକ୍ତିବଦ୍ଧ ହେଉଥିବାବେଳେ ଯୋଗ୍ୟ ପ୍ରାର୍ଥୀମାନେ କୁଶଳୀ ହେବା ନିହାତି ଜରୁରୀ। ସେଥିପାଇଁ ସେହି ପ୍ରାର୍ଥୀମାନଙ୍କୁ ଦକ୍ଷତା ବିକାଶ ପ୍ରଶିକ୍ଷଣ ଦିଆଯିବା ଆବଶ୍ୟକ। ସ୍ଥଳବିଶେଷରେ କମ୍ପାନୀ ଓ ଶିକ୍ଷାନୁଷ୍ଠାନଗୁଡ଼ିକୁ ମଧ୍ୟ ଉପଯୁକ୍ତ ଟ୍ରେନର ଓ ଭିତ୍ତିଭୂମି ଯୋଗାଇ ଦେବା ପାଇଁ ଚୁକ୍ତି କରାଯାଇପାରିବ। ଯେଉଁ ଅଞ୍ଚଳରେ ଦକ୍ଷତା ବିକାଶ ଯେତେ ଉନ୍ନତ ସେ ଅଞ୍ଚଳର ଶିକ୍ଷାନୁଷ୍ଠାନ ଓ କମ୍ପାନୀଗୁଡ଼ିକ ସେତିକି ଦକ୍ଷ। ଏଥିପାଇଁ ଭିଏତ୍‌ନାମ, ସୁଇଜରଲାଣ୍ଡ ଓ ସିଙ୍ଗାପୁର ଇତ୍ୟାଦି ଅଞ୍ଚଳରେ ଉତ୍ପାଦିକତା ମଧ୍ୟ ତୁଳନାତ୍ମକ ଭାବେ ଅଗ୍ରଣୀ ଭୂମିକା ନେଇପାରିଛି । ତେଣୁ ଦକ୍ଷତା ବିକାଶ କାର୍ଯ୍ୟକ୍ରମକୁ ବ୍ୟାପକ କରି ଶିକ୍ଷାନୁଷ୍ଠାନ, ମହାବିଦ୍ୟାଳୟ ଓ ମିଶନ ଶକ୍ତି ସହ ଯୋଡ଼ିବା ଆବଶ୍ୟକ। ମହାବିଦ୍ୟାଳୟ ସ୍ତରରେ ମଧ୍ୟ ମହାବିଦ୍ୟାଳୟଗଡ଼ିକରେ ପାଠପଢ଼ା ସମୟରେ ଏହାର ଛାତ୍ରଛାତ୍ରୀ ଓ ପାଠପଢ଼ା ସମୟ ବାହାରେ ଯୁବକ ଯୁବତୀଙ୍କୁ ଦକ୍ଷତା ବିକାଶ କାର୍ଯ୍ୟକ୍ରମରେ ସାମିଲ କରାଯାଇପାରିବ । ସେହିପରି ମିଶନଶକ୍ତି ଓ ଆପ୍ରେଣ୍ଟିସିପ୍ ସହ ଦକ୍ଷତା ବିକାଶ ଟ୍ରେନିଂକୁ ଯୋଡ଼ିବାର ଢେର ଆବଶ୍ୟକତା ଅଛି ବୋଲି ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି ।

ସମୀକ୍ଷା ମୁତାବକ ୩୦ ଗୋଟି ଜିଲ୍ଲାର ଉଚ୍ଚଶିକ୍ଷା ଅନୁଷ୍ଠାନରେ (ପୃଷ୍ଠା ୭ରେ)

# ୭୦ ଡେଇଁଲେ ପ୍ରତ୍ୟେକ ଭାରତୀୟଙ୍କୁ ମିଳିବ ମାଗଣା ଚିକିତ୍ସା

**ନୂଆଦିଲ୍ଲୀ, ୨୭।୬**

୭୦ ବର୍ଷ ବୟସରୁ ଅଧିକ ସମସ୍ତ ଭାରତୀୟଙ୍କୁ ମାଗଣାରେ ଚିକିତ୍ସା ସୁବିଧା ପ୍ରଦାନ କରାଯିବ। ଭାରତ ସରକାରଙ୍କ ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ବୀମା ଯୋଜନାରେ ଯେକୌଣସି ସ୍ଥାନରେ ଏପରି ସୁବିଧା ମିଳିବ।



ଗୁରୁବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏପରି ଘୋଷଣା କରିଛନ୍ତି। ସେହିପରି ଦେଶରେ ୨୫ ହଜାର ଜନ ଔଷଧୀ କେନ୍ଦ୍ର ଖୋଲିବା କାର୍ଯ୍ୟକ୍ରମ ଦ୍ରୁତଗତିରେ ଆଗେଇ ଚାଲିଥିବା ରାଷ୍ଟ୍ରପତି ମୁର୍ମୁ ସଂସଦର ମିଳିତ ଅଧିବେଶନକୁ ସମ୍ବୋଧନ କରିବା ବେଳେ କହିଛନ୍ତି।

ସେ କହିଛନ୍ତି, ଆୟୁଷ୍ମାନ ଭାରତ-ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା(ଏବି-ପିଏମ୍‌ଜେଏୱାଇ)ରେ ମାଗଣା ସ୍ୱାସ୍ଥ୍ୟ ସେବା ୫୫ କୋଟି ହିତାଧିକାରୀଙ୍କୁ ଦିଆଯାଉଛି। ଏବେ ସରକାର ଏ କ୍ଷେତ୍ରରେ ଆଉ ଏକ ବଡ଼ ନିଷ୍ପତ୍ତି ନେବାକୁ ଯାଉଛନ୍ତି। ଏବେ ସମସ୍ତ ୭୦ ବର୍ଷ ବୟସରୁ (ପୃଷ୍ଠା ୭ରେ)

# ନିଟ୍ ପେପର ଲିକ୍‌ର ମୁଖ୍ୟ ଅଭିଯୁକ୍ତଙ୍କୁ ଧରିଲା ପୋଲିସ

**ନୂଆଦିଲ୍ଲୀ, ୨୭।୬**

ନିଟ୍ ପେପର ଲିକ୍‌କୁ ନେଇ ଚାଲିଥିବା ବିବାଦ ମଧ୍ୟରେ ମହାରାଷ୍ଟ୍ରରୁ ଏକ ବଡ଼ ସୂଚନା ସାମ୍ନାକୁ ଆସିଛି । ପେପର ଲିକ ମାମଲାର ତଦନ୍ତ କରୁଥିବା ଲାଟୁର ପୋଲିସ କେବଳ ନିଟ ନୁହେଁ ବରଂ ଗ୍ରେଡ ସି ଏବଂ ଗ୍ରେଡ ବି ନିଯୁକ୍ତି ପରୀକ୍ଷାରେ ବି ହାଜର ପ୍ରାର୍ଥୀଙ୍କ ପାଇଁ ହଲ ଟିକେଟ ଜବତ କରିଛି। ଏହା ସୂଚାଇ ଦେଉଛି ଯେ, ପେପର ଲିକ୍‌ର ଅଭିଯୁକ୍ତ କେବଳ ମେଡିକାଲ ପ୍ରବେଶିକା ପରୀକ୍ଷାରେ ସଂପୃକ୍ତ ନୁହନ୍ତି ବରଂ ସରକାରୀ ନିଯୁକ୍ତି ପରୀକ୍ଷାରେ ମଧ୍ୟ ଜଡ଼ିତ ଅଛନ୍ତି।




ପୋଲିସ ସନ୍ଦେହ କରୁଛି ଯେ,ନିଟ ପେପର ଲିକର ମୁଖ୍ୟ ଅଭିଯୁକ୍ତ ଗଙ୍ଗାଧର ଗୁଣ୍ଡେ ମେଡିକାଲ ପ୍ରବେଶିକା ପରୀକ୍ଷା ତଥା ରାଜ୍ୟ ସରକାରଙ୍କ ଦ୍ୱାରା କରାଯାଇଥିବା ପରୀକ୍ଷାରେ କଳଙ୍କ ଲଗାଇଛନ୍ତି । ଗଙ୍ଗାଧର ହିଁ ମାଷ୍ଟରମାଇଣ୍ଡ୍ । ଲାଟୁର ପୋଲିସର ଅନୁସନ୍ଧାନରୁ ଜଣାପଡ଼ିଛି ଯେ, ନିଟ ପେପର ଲିକ୍ ମାମଲାରେ ପଳାତକ ଅଭିଯୁକ୍ତ ଗଙ୍ଗାଧର ଗୁଣ୍ଡେ ଶିକ୍ଷକ ଏବଂ ଏଜେଣ୍ଟଙ୍କ ମଧ୍ୟରେ ସାଧାରଣ ଲିଙ୍କ। ଏହି ସମୟରେ ଗଙ୍ଗାଧରଙ୍କ ସ୍ତ୍ରୀ କହିଛନ୍ତି, ଉତ୍ତରପ୍ରଦେଶ ପୋଲିସ ଗଙ୍ଗାଧରଙ୍କୁ ଗିରଫ କରିଛି। ସେ କହିଛନ୍ତି, ଜୁନ ୨୫ରୁ ସେ ଗଙ୍ଗାଧରଙ୍କ ସହ କଥାବାର୍ତ୍ତା କରିପାରିନାହାନ୍ତି।

ମହାରାଷ୍ଟ୍ରର ଲାଟୁର ପୋଲିସର ଅନୁସନ୍ଧାନରୁ ଜଣାପଡ଼ିଛି ଯେ, ବିହାର ରାଜ୍ୟର କିଛି ଲୋକଙ୍କ ସହ ଗଙ୍ଗାଧର ନିରନ୍ତର ଯୋଗାଯୋଗରେ ଥିଲେ। ପୋଲିସ କହିଛି, ବିହାରର ଯେଉଁମାନଙ୍କ ସହ ଗଙ୍ଗାଧର ଯୋଗାଯୋଗ କରୁଥିଲେ ସେମାନେ ହେଉଛନ୍ତି ନିଟ ଛାତ୍ର କିମ୍ବା ଦଲାଲ। ଯେଉଁମାନଙ୍କର (ପୃଷ୍ଠା ୭ରେ)

## ଲାଲକୃଷ୍ଣ ଆଡଭାନୀଙ୍କ ଅବସ୍ଥା ସ୍ଥିର



**ନୂଆଦିଲ୍ଲୀ, ୨୭।୬**


ଦେଶର ସର୍ବୋଚ୍ଚ ନାଗରିକ ସମ୍ମାନ ଭାରତରତ୍ନରେ ଅଳଙ୍କୃତ ଓ ଭାରତୀୟ ଜନତା ପାର୍ଟିର ବରିଷ୍ଠ ନେତା ଲାଲକୃଷ୍ଣ ଆଡଭାନୀଙ୍କୁ ବିଳମ୍ବିତ ରାତିରେ ଦିଲ୍ଲୀର ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନରେ (ପୃଷ୍ଠା ୭ରେ)

## ଏକାଳ ପକାଳ



ଫୁଲ ଚାହୁଁଥିଲେ ଫୁଟିଲା ଫୁଲ
ପୁରଣ ହେବକି ଆଶା
ଶିକ୍ଷା ବିଭାଗଟା ହନ୍ତସନ୍ତ ଭାରି
କହିବାକୁ ନାହିଁ ଭାଷା
ପଛେ ହେଉ ନିଅଣ୍ଟିଆ ବର୍ଷା
ଶିକ୍ଷକ ଠୁ ଛାତ୍ର ସଭିଁଏ ଭାବନ୍ତି
ମଙ୍ଗଳେ ଉଇଁବ ଉଷା।

# ପୃଥିବୀ ଉପରେ ମାଡିଆସୁଛି ବିପଦ: ନାସା ଦେଲା ଚେତାବନୀ



**ନୂଆଦିଲ୍ଲୀ, ୨୭।୬**

ଗ୍ରୀନହାଉସ ଗ୍ୟାସ ପୃଥିବୀରେ କଣ ଖରାପ ପ୍ରଭାବ ପକାଏ, ଆମେରିକାର ସ୍ପେସ ଏଜେନ୍ସି ନାସା ଦ୍ୱାରା ଭିଜୁଆଲାଇଜେସନ ମାଧ୍ୟମରେ ଦର୍ଶାଯାଇଛି। ନାସା ଏହି ଭିଜୁଆଲାଇଜେସନକୁ ସୋସିଆଲ ମିଡିଆରେ ଶେୟାର କରିଛି । ନାସା ଲେଖିଛି ଯେ, ମାନବ କାର୍ଯ୍ୟକଳାପ ଦ୍ୱାରା ଉତ୍ପାଦିତ ଗ୍ୟାସ ସମୁଦ୍ରରେ ପରିବର୍ତ୍ତନ ଆଣୁଛି। ଏହି ପରିବର୍ତ୍ତନଗୁଡ଼ିକ ପୃଥିବୀ ଉପରେ ଜୀବନ ପାଇଁ ବିପଜ୍ଜନକ ପ୍ରମାଣିତ ହେଉଛି।

ସୋସିଆଲ ମିଡିଆ ପ୍ଲାଟଫର୍ମ ଇନଷ୍ଟାଗ୍ରାମରେ ନାସା ଏକ ଗ୍ରାଫିକ ଭିଡିଓ ଶେୟାର କରିଛି । ନାସା ଏ ବିଷୟରେ ବିସ୍ତୃତ ଭାବରେ ବ୍ୟାଖ୍ୟା କରିଛି । ନାସା କହିଛି ଯେ, ବିଭିନ୍ନ ରଙ୍ଗ ସମୁଦ୍ର ପୃଷ୍ଠର ସ୍ରୋତର ହାରାହାରି ତାପମାତ୍ରାକୁ ପ୍ରତିଫଳିତ କରିଥାଏ। ନାଲି, କମଳା ଏବଂ ହଳଦିଆ ଗରମ ତାପମାତ୍ରାକୁ ଏବଂ ସବୁଜ ଏବଂ ନୀଳ ଶୀତଳ ତାପମାତ୍ରାକୁ ପ୍ରତିପାଦିତ କରେ।

ନାସା କ୍ୟାପସନରେ ଲେଖିଛି, ପୃଥିବୀର ୭୦ ପ୍ରତିଶତ ଜଳ ଆଚ୍ଛାଦିତ ହୋଇଥିବାରୁ ପୃଥିବୀରେ ଜୀବନ ଏବଂ ଜଳବାୟୁ ସନ୍ତୁଳନ ବଜାୟ ରଖିବା ପାଇଁ ମହାସାଗରଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ । ଏହା ସତ୍ତ୍ୱେ ମାନବ କାର୍ଯ୍ୟକଳାପରୁ ଗ୍ରୀନ ହାଉସ ଗ୍ୟାସ ବୃଦ୍ଧି ସମୁଦ୍ରରେ (ପୃଷ୍ଠା ୭ରେ)

# ବିଏସଏନଏଲ ସର୍ଭରରୁ ଲକ୍ଷାଧିକ ଉପଭୋକ୍ତାଙ୍କ ଡାଟା ନେଇଗଲେ ସାଇବର ଅପରାଧୀ

**ନୂଆଦିଲ୍ଲୀ, ୨୭।୬**

ଆଜିର ସମୟରେ, ଲୋକଙ୍କ ତଥ୍ୟ ଲିକ କରିବା ଅତି ସହଜ ହୋଇଛି । ହ୍ୟାକରମାନେ ଜାଣିଶୁଣି ଲୋକଙ୍କ ତଥ୍ୟକୁ ସହଜରେ ଚୋରି କରିନେଉଛନ୍ତି। ତେବେ ସରକାରଙ୍କ ଅଧୀନରେ ଥିବା ଏକ ଅନୁଷ୍ଠାନରୁ ଅତ୍ୟଧିକ ସମ୍ବେଦନଶୀଳ ଟେଲିକମ ତଥ୍ୟ ଚୋରି କରିବା ଏକ ଛୋଟ କାମ ନୁହେଁ । ସରକାରୀ ଟେଲିକମ କମ୍ପାନୀ ବିଏସଏନଏଲ ସହିତ ମଧ୍ୟ ସମାନ ଘଟଣା ଘଟିଛି । ଯେଉଁଠାରେ ଲକ୍ଷ ଲକ୍ଷ ଗ୍ରାହକଙ୍କ ତଥ୍ୟ ହ୍ୟାକରମାନଙ୍କ ନିକଟରେ ପହଞ୍ଚିଛି ଏବଂ ଆଶ୍ଚର୍ଯ୍ୟଜନକ କଥା ହେଉଛି ଯେ ଡାଟା ଚାଲିଯିବା ପରେ




କମ୍ପାନୀ ଏତେ ବଡ ସାଇବର ଆକ୍ରମଣ ବିଷୟରେ ଜାଣିବାକୁ ପାଇଲା। ସାଇବର ସୁରକ୍ଷା ବିଶେଷଜ୍ଞଙ୍କ (ପୃଷ୍ଠା ୭ରେ)





# ପୁରୀ-କୋଣାର୍କ ରେଳପଥ ନିର୍ମାଣ କାର୍ଯ୍ୟ ଆରମ୍ଭ:ଜମି ଅଧିଗ୍ରହଣ କାର୍ଯ୍ୟ ଶେଷ



**କୋଣାର୍କ, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ର ସରକାର ତୃତୀୟ ଥର ପାଇଁ କେନ୍ଦ୍ରରେ ସରକାର ଗଠନ ଓ ପୁଣି ରେଳମନ୍ତ୍ରୀ ଭାବେ ଅଶ୍ୱିନୀ ବୈଷ୍ଣବ ବିଭାଗ ପାଇବା ପରେ ଓ ବିଶେଷ ଭାବେ ଓଡ଼ିଶାରେ ପ୍ରଥମଥର ବିଜେପିର ଡବଲ ଇଞ୍ଜିନ ସରକାର ଗଠନ ପରେ କେନ୍ଦ୍ର ସରକାରଙ୍କ ପ୍ରତିଶ୍ରୁତି ଅନୁଯାୟୀ ପ୍ରସ୍ତାବିତ ପୁରୀ-କୋଣାର୍କ ୩୨ କିମି ରେଳପଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ଗତି ଧରିଛି । ଏନେଇ ରେଳବିଭାଗ ପକ୍ଷରୁ ପୂର୍ବତଟ ରେଳ, ଭୁବନେଶ୍ୱର ଉପମୁଖ୍ୟ ଇଞ୍ଜିନିୟର (ନିର୍ମାଣ) ଓ ହାଇଦ୍ରାବାଦର ଏରିଏଲ ଡାଟା ଆପ୍ଲିକେସନ୍ସ ଓ ମ୍ୟାପିଙ୍ଗ ସର୍ଭିସେସ୍ ପକ୍ଷରୁ ପୁରୀର କୁମୁଟି ପାଟଣା ଠାରୁ ଆରମ୍ଭ ହୋଇ କାସିହରିପୁର, ସମଗ୍ରା, ଭାରତୀପୁର, ହରେକୃଷ୍ଣପୁର, ଆଳଙ୍ଗ, ନାଳିହଣା, ଛାଇତନା, ଭୁଆଁ, ଇତିଭୁଆଁ, ଇଞ୍ଜଳ, ବଡ଼ଗାଁ, ପୁଟୁପଡ଼ା, ତୋରକର, ସୁତନ, ବେରୁହଁ, ଅଚ୍ୟୁତପୁର, ଗୁଣ୍ଡି, ବାହାରଣା, ଜନ୍ତନା, ନୂଆଗାଁ ସମୁଦାୟ ୩୭ ଗୋଟି ଗ୍ରାମ ଦେଇ ଏହି ରେଳପଥ ଆସିବା ପାଇଁ ମାର୍ଗ ପ୍ରସ୍ତୁତ କରାଯାଇଛି । ଏହି ୩୭ ଗୋଟି ଗ୍ରାମର ବେସରକାରୀ ଥିବା ୧୮୩.୩୨ ହେକ୍ଟର ଜମି ଓ ୩୫.୪୦ ହେକ୍ଟର ସରକାରୀ ଜମି ସମୁଦାୟ ୨୧୮.୭୨ ହେକ୍ଟର ଜମିକୁ ଚିହ୍ନଟ କରାଯାଇଛି । ଖୁବ୍‌ଶୀଘ୍ର ଉକ୍ତ ଜମିଗୁଡ଼ିକୁ ଅଧିଗ୍ରହଣ କରାଯାଇ ରେଳ ବିଭାଗକୁ ହସ୍ତାନ୍ତର କରାଯିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ କାର୍ଯ୍ୟ ଆରମ୍ଭ କରାଯାଇଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି । ସ୍ୱର୍ଣ୍ଣ ତ୍ରିଭୁଜ ମାନଚିତ୍ରରେ ସ୍ଥାନିତ ହେବ ପୁରୀ-କୋଣାର୍କ ରେଳମାର୍ଗ । କୋଣାର୍କ ଅଞ୍ଚଳବାସୀଙ୍କ ଦୀର୍ଘଦିନର ସ୍ୱପ୍ନ ପୁରୀ-କୋଣାର୍କ ରେଳପଥ ନିର୍ମାଣ ଏବେ ଖୁବ୍‌ଶୀଘ୍ର ପୂରଣ ହେବାକୁଯାଉଛି । ଗତ ୨୦୨୧ ମସିହା ଅଗଷ୍ଟ ୧୯ରେ ଏନେଇ କେନ୍ଦ୍ର ରେଳମନ୍ତ୍ରୀ ପୁରୀରେ ପ୍ରଥମେ ଘୋଷଣା କରିଥିଲା ବେଳେ ବର୍ତ୍ତମାନ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ପୁଣି ଗତ ୨୦୨୪ରେ ପୁରୀ ଆସିଥିଲା ବେଳେ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏନେଇ ବିଧିବଦ୍ଧ ଭାବେ ଏକ ସାମ୍ବାଦିକ ସମ୍ମିଳନୀରେ ଘୋଷଣା କରିଥିଲେ ଓ ଖୁବ୍‌ଶୀଘ୍ର ରେଳ ବିଭାଗ ପକ୍ଷରୁ ପୁରୀ-କୋଣାର୍କ ଦୀର୍ଘ ୩୨ କିମି ରେଳପଥ କାର୍ଯ୍ୟ ଆରମ୍ଭ କରାଯିବ ବୋଲି କହିଥିଲେ । କେନ୍ଦ୍ର ସରକାର ଏହି ପ୍ରସ୍ତାବକୁ ମଞ୍ଜୁରୀ ଦେଇ ଏହି ୩୨ କିମି ରେଳପ୍ରକଳ୍ପ ପାଇଁ ୪୯୨ କୋଟି ଟଙ୍କା ମଞ୍ଜୁରକରି ଓଡ଼ିଶାବାସୀ ତଥା ବିଶେଷ ଭାବେ ପୁରୀ-କୋଣାର୍କ ବାସୀଙ୍କୁ ଭେଟି ଦେଇଛନ୍ତି । ରାଜ୍ୟ ସରକାରଙ୍କ ପକ୍ଷରୁ କେନ୍ଦ୍ର ରେଳବିଭାଗ ଦ୍ୱାରା ସର୍ଭେ କରାଯାଇଥିବା ଅଞ୍ଚଳର ଜମି ଅଧିଗ୍ରହଣ କରି ହସ୍ତାନ୍ତର କରାଯିବା ପରେ ଖୁବ୍‌ଶୀଘ୍ର କାର୍ଯ୍ୟ ଆରମ୍ଭ କରାଯାଇ କୋଣାର୍କ-ପୁରୀକୁ ରେଳପଥରେ ଯୋଡ଼ାଯିବ ବୋଲି ମନ୍ତ୍ରୀ ଅଶ୍ୱିନ ବୈଷ୍ଣବ ପ୍ରକାଶ କରିଥିଲେ । ରାଜ୍ୟ ପର୍ଯ୍ୟଟନ ଭିତ୍ତିଭୂମି ବିକାଶରେ ପୁରୀ-କୋଣାର୍କ ରେଳପଥ ପ୍ରକଳ୍ପ ମୁଖ୍ୟ ଭୂମିକା ନିଭାଇବ ବୋଲି ବିଭିନ୍ନ ସ୍ତରରୁ ଏନେଇ ମତପ୍ରକାଶ ପାଇଛି ।

# ଅନ୍ତର୍ଜାତୀୟ ରିପୋର୍ଟ:ଭାରତ ଇସ୍ରାଏଲ୍‌କୁ ଯୁଦ୍ଧ ପାଇଁ ଯୋଗାଇଛି ୧୫୦୦ କେଜି ବିସ୍ଫୋରକ, ୧୨ ଟନ୍ ରକେଟ୍

**ନୂଆଦିଲ୍ଲୀ, ନ୍ୟୁଜ୍ ବ୍ୟୁରୋ**

ଆତଙ୍କବାଦୀ ସଂଗଠନ ହମାସ ବିରୋଧୀ ଯୁଦ୍ଧ ମଧ୍ୟରେ ଭାରତ ଇସ୍ରାଏଲ୍‌କୁ ଅସ୍ତ୍ରଶସ୍ତ୍ର ରପ୍ତାନୀ କରିଛି । କାତାର ଗଣମାଧ୍ୟମ ଅଲଜଜିରା ପକ୍ଷରୁ ଏହି ଦାବି କରାଯାଇଛି । ରିପୋର୍ଟ ଅନୁଯାୟୀ ଭାରତ ୨୦ ଟନ୍ ରକେଟ୍ ଇଞ୍ଜିନ, ୧୨.୫ ଟନ୍ ବିସ୍ଫୋରକ ଚାର୍ଜ ଥିବା ରକେଟ୍, ୧୫୦୦ କେଜି ବିସ୍ଫୋରକ ସାମଗ୍ରୀ ଏବଂ ୪୭୦ କେଜି ଗୋଳାବାରୁଦ ଇସ୍ରାଏଲ୍ ପଠାଇଛି । ମେ' ୧୫ରେ ବୋରକମ ନାମକ ଏକ କାର୍ଗୋ ଜାହାଜ ସ୍ପେନ୍ ଉପକୂଳରେ ପହଞ୍ଚିଥିଲା । ଏଠାରେ କିଛି ପ୍ରଦର୍ଶନକାରୀ ପାଲେଷ୍ଟାଇନ୍ ପତାକା ହାତରେ ଧରି ଜାହାଜର ତଲାସୀ ନେବାକୁ ଦାବି କରିଥିଲେ । ୟୁରୋପୀୟ ସଂଘ (ଇୟୁ) ସଂସଦର ବାମପନ୍ଥୀ ସଦସ୍ୟମାନେ ଏହି ଜାହାଜକୁ ଅଟକିବାକୁ ଅନୁମତି ନଦେବା ପାଇଁ ସ୍ପେନ୍ ରାଷ୍ଟ୍ରପତି ପେଦ୍ରୋ ସାଞ୍ଚେଜଙ୍କୁ ନିବେଦନ କରିଥିଲେ । ତେବେ ସ୍ପେନ୍ କୌଣସି ନିଷ୍ପତ୍ତି ନେବା ପୂର୍ବରୁ ଏହି ଜାହାଜ ସ୍ଲୋଭେନିଆର କୋପର ଉପକୂଳକୁ ଚାଲିଯାଇଥିଲା । ସ୍ପେନ୍‌ର ବାମପନ୍ଥୀ ସମର ପାର୍ଟି ପକ୍ଷରୁ କୁହାଯାଇଥିଲା ଯେ ଅସ୍ତ୍ରଶସ୍ତ୍ର ଲଦା ହୋଇଥିବାରୁ ଜାହାଜ ଦେଶର ଉପକୂଳରୁ ପଳାଇଥିଲା । ଏବେ ଅଲଜଜିରା ଏହି ଦାବି ବିଷୟରେ ସୂଚନା ଦେଇଛି । ସୂଚନାନୁଯାୟୀ ବୋରକମ୍ ଜାହାଜ ଏପ୍ରିଲ ୨ରେ ଚେନ୍ନାଇ ଉପକୂଳରୁ ବାହାରିଥିଲା । ଏହା ଇସ୍ରାଏଲ୍‌ର ଅସ୍‌ଦୋଦ ବନ୍ଦରରେ ପହଞ୍ଚିଥିଲା । ଏହି ବନ୍ଦର ଗାଜା ଷ୍ଟ୍ରିପ୍‌ରୁ ମାତ୍ର ୩୦ କି.ମି. ଦୂରେ ରହିଛି । ମରିନ୍ ଟ୍ରାକିଂ ୱେବ୍‌ସାଇଟ୍‌ର ସୂଚନା ଆଧାରରେ କୁହାଯାଇଛି ଯେ ହୁତି ବିଦ୍ରୋହୀଙ୍କ ଆକ୍ରମଣ ଭୟରେ ଏହି ଜାହାଜ ଲୋହିତ ସାଗର ଦେଇ ଇସ୍ରାଏଲ୍‌ରେ ପହଞ୍ଚିନଥିଲା । ରିପୋର୍ଟ ଅନୁଯାୟୀ ଜାହାଜର କ୍ରୁ (ଚାଳକ ଦଳ) ସଦସ୍ୟଙ୍କ ସହିତ ସମସ୍ତ କର୍ମଚାରୀ ଏବଂ ରପ୍ତାନୀ ଅଧିକାରୀଙ୍କୁ କଡ଼ା ନିର୍ଦ୍ଦେଶ ଦିଆଯାଇଥିଲା । କୌଣସି ସ୍ଥିତିରେ ଇସ୍ରାଏଲ୍ କିମ୍ବା ସେଠାକାର ସବୁଠାରୁ ବଡ଼ ଅସ୍ତ୍ରଶସ୍ତ୍ର ନିର୍ମାଣକାରୀ କମ୍ପାନୀ ଆଇଏମ୍‌ଆଇର ନାମ ନନେବାକୁ କୁହାଯାଇଥିଲା । ଏହାପରେ ମଇ ୨୧ରେ ଭାରତର ଏକ କାର୍ଗୋ ଜାହାଜକୁ ସ୍ପେନ୍‌ର କାର୍ଟାଜିନା ବନ୍ଦରରେ ଅଟକିବାକୁ ଅନୁମତି ମିଳିନଥିଲା । ସ୍ପେନିସ ଖବରକାଗଜ 'ଏଲ୍ ପାଇସ' ଅନୁଯାୟୀ ମେରିଏନ୍ ଡେନିକା ନାମକ ଜାହାଜ ୨୭ ଟନ୍ ବିସ୍ଫୋରକ ସାମଗ୍ରୀ ଧରି ଇସ୍ରାଏଲ୍‌ର ହାଇଫା ବନ୍ଦରରେ ପହଞ୍ଚିଥିଲା । ନୁସିରତ କ୍ୟାମ୍ପ ଉପରେ ଇସ୍ରାଏଲ୍ କରିଥିବା ଆକ୍ରମଣରେ ଭାରତରେ ନିର୍ମିତ ଅସ୍ତ୍ରଶସ୍ତ୍ର ବ୍ୟବହାର ହୋଇଥିବା ନେଇ ଦାବି କରାଯାଇଥିଲା ।

# ଆର୍‌ଡିଏର କର୍ମଚାରୀଙ୍କୁ ୨ ବର୍ଷ ଲେଖାଏଁ ଜେଲ୍

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

କ୍ଷମତାର ଦୁରୁପଯୋଗ କରି ରାଉରକେଲା ଉନ୍ନୟନ କର୍ତ୍ତୃପକ୍ଷ (ଆର୍‌ଡିଏ)ରେ ଆଇନ୍ ସହାୟକ ଭାବେ ମନୋଜ କୁମାର ଦାଶଙ୍କୁ ବେଆଇନ୍ ନିଯୁକ୍ତି ପ୍ରଦାନ ମାମଲାରେ ସୁନ୍ଦରଗଡ଼ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ୨ ପୂର୍ବତନ କର୍ମଚାରୀଙ୍କ ସମେତ ୩ ଜଣଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି । ମାମଲାରେ ପୂର୍ବତନ ଜନସ୍ୱାସ୍ଥ୍ୟ ନିର୍ବାହୀ ଯନ୍ତ୍ରୀ ତଥା ଆର୍‌ଡିଏ ଇଞ୍ଜିନିୟରିଂ ସଭ୍ୟ ଶିବଚରଣ ମହାନ୍ତି, ବେଆଇନ୍ ନିଯୁକ୍ତି ପାଇଥିବା ମନୋଜ କୁମାର ଦାଶଙ୍କୁ ୨ ବର୍ଷ ଲେଖାଏଁ କାରାଦଣ୍ଡ ଓ ୫ ହଜାର ଟଙ୍କା ଲେଖାଏଁ ଜରିମାନା ଆଦେଶ ଦେଇଛନ୍ତି । ଜରିମାନା ଅନାଦେୟ କ୍ଷେତ୍ରରେ ଅଧିକ ୩ ମାସ ଜେଲ୍‌ଦଣ୍ଡ ଶୁଣାଇଛନ୍ତି । ସୁନ୍ଦରଗଡ଼ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ । ସେହିପରି ମାମଲାର ଅନ୍ୟତମ ଅପରାଧୀ ପୂର୍ବତନ ଆର୍‌ଡିଏ ସମ୍ପାଦକ ମେଡିସେଟ୍ଟି ଶେଷାଦ୍ରୀ ରାୟ ପ୍ରକାଶ ଦିନ ଉଦ୍ଦେଶ୍ୟମୂଳକ ଭାବେ କୋର୍ଟରେ ହାଜର ନହେବାରୁ ତାଙ୍କ ନାମରେ ଜାମିନବିହୀନ ଗିରଫ ପରୱାନା (ଏନ୍‌ବିଡବ୍ଲ୍ୟୁ) ଜାରି କରାଯାଇଛି । ୧୯୯୯ରେ ଆର୍‌ଡିଏ ପୂର୍ବତନ ସମ୍ପାଦକ ଶ୍ରୀ ଶେଷାଦ୍ରୀ, ପୂର୍ବତନ ନିର୍ବାହୀ ଯନ୍ତ୍ରୀ ମହାନ୍ତିଙ୍କୁ ନେଇ ଗଠିତ ଜାଲ୍ କମିଟି କ୍ଷମତାର ଅପବ୍ୟବହାର କରି ମନୋଜ କୁମାରଙ୍କୁ ଆର୍‌ଡିଏର ଆଇନ୍ ସହାୟକ ଭାବେ ନିଯୁକ୍ତି ଦେଇଥିଲେ । ଏହି ମାମଲା ଭିଜିଲାନ୍ସ ନିକଟରେ ପହଞ୍ଚିବା ପରେ ଆରମ୍ଭ ହୋଇଥିଲା ତନାଘନା । ଏହି ମାମଲାର ତଦନ୍ତ କରି କୋର୍ଟରେ ଚୂଡ଼ାନ୍ତ ରିପୋର୍ଟ ଦାଖଲ କରାଯାଇଥିଲା । ପରେ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଶୁଣାଣି କରି ରାୟ ପ୍ରକାଶ କରିବା ସହ ଦଣ୍ଡାଦେଶ ଶୁଣାଇଛନ୍ତି । ଏଥିସହ ଶିବଚରଣ ପେନ୍‌ସନ୍ ବନ୍ଦ କରିବା ସହ ଆର୍‌ଡିଏର ଆଇନ୍ ସହାୟକ ମନୋଜଙ୍କୁ ଚାକିରିରୁ ବିଦା କରିବାକୁ କ୍ଷମତାପ୍ରାପ୍ତ ପ୍ରାଧିକାରୀଙ୍କ ନିକଟରେ ଆବେଦନ କରିବା ବୋଲି ଜଣାପଡ଼ିଛି । ଏହି ମାମଲାରେ ପୂର୍ବତନ ଭିଜିଲାନ୍ସ ଡିଏସ୍‌ପି ବିଷ୍ଣୁ ଚରଣ ଦାସ ତଦନ୍ତକାରୀ ଅଧିକାରୀ ରହିଥିବା ବେଳେ ମାମଲା ପରିଚାଳନା କରୁଥିଲେ ସ୍ୱତନ୍ତ୍ର ଭିଜିଲାନ୍ସ ପିପି ଶ୍ୟାମସୁନ୍ଦର ମିଶ୍ର ।

# ଲୋକସଭାର ସଦସ୍ୟ ଭାବେ ଶପଥ ଗ୍ରହଣ କଲେ ଅନନ୍ତ ନାୟକ



**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

କେନ୍ଦୁଝର ଲୋକସଭା ଆସନରୁ ତୃତୀୟ ଥର ପାଇଁ ନିର୍ବାଚିତ ହୋଇଥିବା ଅନନ୍ତ ନାୟକ ଆଜି ସଂସଦରେ ଲୋକସଭା ସଦସ୍ୟ ଭାବେ ଶପଥ ଗ୍ରହଣ କରିଛନ୍ତି ଚଳିତ ସଂସଦୀୟ ଅଧିବେଶନର ଦ୍ୱିତୀୟ ଦିନରେ କାମଚଳା ବାଚସ୍ପତି ଭର୍ତ୍ତୃହରି ମହତାବ ତାଙ୍କୁ ଶପଥ ଗ୍ରହଣ କରାଇଛନ୍ତି ଶ୍ରୀ ନାୟକ ଓଡ଼ିଆ ଭାଷାରେ ଶପଥ ଗ୍ରହଣ କରିଛନ୍ତି ଶପଥ ଗ୍ରହଣ କରିବା ପରେ ଶ୍ରୀ ନାୟକ ସୋସିଆଲ ମିଡିଆରେ ପୋଷ୍ଟ କରି କେନ୍ଦୁଝର ବାସୀଙ୍କୁ ଧନ୍ୟବାଦ ଦେବା ସହ ଲୋକଙ୍କ ଆକାଂକ୍ଷାକୁ ପୂରଣ କରିବାକୁ ଚେଷ୍ଟା କରିବେ ବୋଲି ଲେଖିଛନ୍ତି ସେ ଲେଖିଛନ୍ତି, ୧୮ତମ ଲୋକସଭାର ସଦସ୍ୟ ଭାବରେ ଶପଥ ଗ୍ରହଣ କଲି କେନ୍ଦୁଝର ଲୋକସଭା ଆସନରୁ ପୁଣି ଥରେ ପ୍ରତିନିଧିତ୍ୱ କରିବାକୁ ସୁଯୋଗ ଦେଇଥିବାରୁ କେନ୍ଦୁଝରବାସୀଙ୍କୁ ହୃଦୟରୁ କୃତଜ୍ଞତା ଜଣାଉଛି ଲୋକଙ୍କ ଆକାଂକ୍ଷାକୁ ପୂରଣ କରିବା ସହ ନିଜ ସାମର୍ଥ୍ୟ ଅନୁଯାୟୀ ସମାଜର ସେବା କରିବା ପାଇଁ ସବୁବେଳେ ଚେଷ୍ଟା କରିବି ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ବିକଶିତ ଭାରତ ପାଇଁ ଆମେ ସଂକଳ୍ପବଦ୍ଧ ଜୟ ଜଗନ୍ନାଥ ଜୟ ମା ତାରିଣୀ ଏଠାରେ ଉଲ୍ଲେଖ କରାଯାଇ ପାରେ ଯେ ଶ୍ରୀ ନାୟକ ଏହା ପୂର୍ବରୁ ଦୁଇ ଥର କେନ୍ଦୁଝର ଲୋକସଭା ଆସନରୁ ପ୍ରତିନିଧିତ୍ୱ କରି ସାରିଛନ୍ତି ୨୦୦୦ ଓ ୨୦୦୪ ମସିହାରେ ଲଗାତାର ଭାବେ ସେ କେନ୍ଦୁଝର ଆସନରୁ ବିଜୟୀ ହୋଇଥିଲେ ଚଳିତ ସାଧାରଣ ନିର୍ବାଚନରେ ଶ୍ରୀ ନାୟକ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀଙ୍କୁ ୯୭ ହଜାରରୁ ଉର୍ଦ୍ଧ୍ୱ ଭୋଟରେ ପରାଜିତ କରିଥିଲେ ।

# ଦାଦନ ଶ୍ରମିକର ସନ୍ଦେହ ଜନକ ମୃତ୍ୟୁ:ହତ୍ୟା ଅଭିଯୋଗ ଆଣିଲେ ବାପା

**ମୁଖୀଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

ଦାଦନ ଖଟିବାକୁ ପୁଅ ଗଲା ପୁଅତ ଫେରିଲା ନାହିଁ ତାର ଶବ ମଧ୍ୟ ଗାଁ କୁ ଫେରିଲା ନାହିଁ । ପରିବାର ଲୋକେ ଅନ୍ତିମ ସଂସ୍କାର ମଧ୍ୟ କରିପାରିଲେ ନାହିଁ । ମୃତ୍ୟୁ ଖବର ପରିବାର ଲୋକଙ୍କୁ ମଧ୍ୟ ଦିଆଗଲା ନାହିଁ ।ଏଣୁ ପୁଅକୁ ହତ୍ୟା କରାଯାଇଥିବା ଜୟପାଟଣା ଥାନାରେ ଅଭିଯୋଗ ଆଣିଛନ୍ତି ବାପା। ଜୟପାଟଣା ବ୍ଲକ ଅନ୍ତର୍ଗତ ବଡାସୀଗୁଡା ଗ୍ରାମର ଉପେନ୍ଦ୍ର ପାତ୍ର (୩୧) ଦାଦନ ଖଟିବାକୁ ବଡଚେରଗାଁର ଠିକାଦାର ଅଧୀନରେ ବିଜୟୱାଡ଼ା ଯାଇଥିଲେ । ଗତ ୧୨ତାରିଖରେ ତାଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା ସେଠାରେ କୁହାଯାଇ ଥିଲା ଲିଫ୍ଟରୁ ପଡି ଯାଇଥିଲେ ବୋଲି । ଚିକିତ୍ସାଧୀନ ଅବସ୍ଥାରେ ଉପେନ୍ଦ୍ରଙ୍କ ମୃତ୍ୟୁ ହୋଇଥିଲା। ପରିବାର ବର୍ଗଙ୍କୁ ମୃତ୍ୟୁ ଖବର ନ ଦିଆଯାଇ ଶବ ପୋଡି ଦିଆଯାଇଥିଲା ।ହେଲେ ମୃତ ଉପେନ୍ଦ୍ରଙ୍କ ବାପା ଗତ ୧୩ ତାରିଖରେ କରଲାକୋଟର ଜଣେ ବ୍ୟକ୍ତି ଠାରୁ ପୁଅର ମୃତ୍ୟୁ ଏବଂ ଦାହ କରାଯାଇଥିବା ଖବର ପାଇଥିଲେ ।ଉପେନ୍ଦ୍ରଙ୍କ ମୃତ୍ୟୁ ସମ୍ପର୍କିତ ଖବର କାହିଁକି ତାଙ୍କ ବାପାଙ୍କୁ ଦିଆଗଲା ନାହିଁ କିମ୍ବା ପରିବାରବର୍ଗଙ୍କୁ କୌଣସି ସୂଚନା ନଦିଆଯାଇ ଶବକୁ ସେଠାରେ ପୋଡିଦିଆଯାଇଥିବାରୁ ପୁଅକୁ ହତ୍ୟା କରାଯାଇ ପ୍ରମାଣ ନଷ୍ଟ କରାଯାଇଥିବା ବାପା ମକରନ୍ଦ ପାତ୍ର ଜୟପାଟଣା ଥାନାରେ ଅଭିଯୋଗ କରିଛନ୍ତି ।ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଦାବି ହୋଇଛି ।

# ସାତ ଫୁଟର ଅଜଗର ସାପ ଉଦ୍ଧାର

**ମାଲକାନଗିରି, ନ୍ୟୁଜ୍ ବ୍ୟୁରୋ**

ମାଲକାନଗିରି ସଦର ମହକୁମା ମୁଣ୍ଡାଗୁଡା ଠାରେ ଥିବା ମାଲ୍ୟବନ୍ତ ପାଣି ଫାକ୍ଟ୍ରିରେ ରାତ୍ର ୧୦ଟା ୩୦ ମିନିଟ୍ ସମୟରେ ଏକ ବିରାଟ କାୟ ଅଜଗର ସାପ ପଶି ଥିବା ଫାକ୍ଟ୍ରିରେ କାମ କରୁଥିବା ଲୋକ ଓ ମାଲିକ ଦେଖିବା ପରେ ତୁରନ୍ତ ସ୍ନେକ୍ ହେଲ୍ପ ଲାଇନ୍‌କୁ ଜଣାଇଥିଲେ। ଖବରପାଇ ବିଭୁତି ଭୂଷଣ ସେଠାରେ ପହଞ୍ଚି ସାତ ଫୁଟ ଲମ୍ବ ଓ ୧୫ ଓଜନର ଅଜଗର ସାପକୁ ଉଦ୍ଧାର କରି ନିକଟସ୍ଥ ଜଙ୍ଗଲରେ ଛାଡି ଥିଲେ।

# ଭଦ୍ରକ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଯୁକ୍ତ-୩ ଫଳ ପ୍ରକାଶିତ



**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଭଦ୍ରକ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଯୁକ୍ତ ୩ ଫଳାଫଳ ପ୍ରକାଶପାଇଛି । କଳାରେ ପାସ୍ ହାର ସର୍ବାଧିକ ୭୮.୦୧ ହୋଇଥିବା ବେଳେ ବିଜ୍ଞାନରେ ୬୫.୦୩ ଏବଂ ବାଣିଜ୍ୟରେ ପାସ୍‌ହାର ୬୫.୦୯ ହୋଇଛି । ଚଳିତ ବର୍ଷ କଳାରେ ୯୦୬ ଜଣ ପରୀକ୍ଷା ଦେଇଥିବା ବେଳେ ସେଥିରୁ ୬୬୨ ଜଣ କୃତକାର୍ଯ୍ୟ ହୋଇଛନ୍ତି । ସେହିଭଳି ବିଜ୍ଞାନରେ ୨୨୫ ଜଣ ପରୀକ୍ଷା ଦେଇଥିବା ବେଳେ ୧୪୭ ଜଣ ଏବଂ ବାଣିଜ୍ୟରେ ୨୨୯ ଜଣ ପରୀକ୍ଷା ଦେଇଥିବା ବେଳେ ୧୫୧ ଜଣ କୃତକାର୍ଯ୍ୟ ହୋଇଛନ୍ତି । କଲେଜର ରସାୟନ ବିଭାଗର ଛାତ୍ରୀ ସ୍ୱାଗତିକା ଦାସ ସର୍ବାଧିକ ୯୧.୮୫ ପ୍ରତିଶତ ନମ୍ବର ରଖି କଲେଜ ଟପ୍ପର ହୋଇଛନ୍ତି । ସେହିଭଳି କଳାରେ ସର୍ବାଧିକ ୨୦୧ ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ବିଜ୍ଞାନରେ ୧୩୯ ଜଣ ଏବଂ ବାଣିଜ୍ୟରେ ୯୭ ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ବୁଧବାର ଅପରାହ୍ଣରେ କଲେଜ ଅଧ୍ୟକ୍ଷ ଡ଼. ଦୁର୍ଗା ଶଙ୍କର ଦାସ ପ୍ରକାଶିତ ଫଳକୁ ଫିତା କାଟି ଆନୁଷ୍ଠାନିକ ଭାବେ ଉନ୍ମୋଚନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପରୀକ୍ଷା ନିୟନ୍ତ୍ରକ ଡ଼. ମୃତ୍ୟୁଞ୍ଜୟ ଦାସ, ଡ. ପଦ୍ମନାଭ ପତ୍ରୀ, ଅଜିତ କୁମାର ଦାସ, ଡ଼. ସନ୍ତୋଷ କୁମାର ସେଠୀ, ପ୍ରତାପ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ସୁବର୍ଣ୍ଣପୁର ଜିଲ୍ଲା ଦେଇ ଗଞ୍ଜେଇ ଚାଲାଣ ମୁଖ୍ୟ ସଡ଼କ ପାଲଟିଛି

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲାର ସୋନପୁର ସଦର ଓ ତରଭା ଥାନା ଅଞ୍ଚଳରେ ଏବେ ବ୍ୟାପକ ଗଞ୍ଜେଇ ଚାଲାଣ ବୃଦ୍ଧି ପାଉଛି । ବିଶେଷ କରି ସୋନପୁର ଓ ତରଭା ଅଞ୍ଚଳ ଦେଇ ବିଭିନ୍ନ ରାଜ୍ୟକୁ ଗଞ୍ଜେଇ ଚାଲାଣ କରାଯାଉଥିବା ବେଳେ ମଧ୍ୟ ଅବକାରୀ ବିଭାଗ କିମ୍ବା ପୋଲିସ ବିଭାଗ ଚଢ଼ଉ କରୁନଥିବା ଯୋଗୁଁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ଘଟଣାରୁ ଜଣାପଡିଛି ଯେ ପଡୋଶୀ ବୌଦ୍ଧ ଜିଲ୍ଲା ଓ କନ୍ଧମାଳ ଜିଲ୍ଲାର କିଛି ପାହାଡିଆ ଅଞ୍ଚଳରେ ଗଞ୍ଜେଇ ଚାଷ ହୋଇଥିବା ବେଳେ ଅନେକ ଗଞ୍ଜେଇ ଚାଷୀ ଅମଳ କରି ନିଜ ନିଜ ଗୁପ୍ତ ସ୍ଥାନରେ ଗଚ୍ଛିତ କରି ରଖିଥାନ୍ତି । ବର୍ତ୍ତମାନ ନିର୍ବାଚନ ସରିଥିବା ବେଳେ ନୂଆ ସରକାର ଗଠନ ହୋଇଛି । ଗଞ୍ଜେଇ ବ୍ୟବସାୟୀମାନେ ନାମୀ ଦାମୀ ହ୍ୟାଣ୍ଡ ବ୍ୟାଗ ଜରିଆରେ ଗଞ୍ଜେଇ ବାହାରକୁ ଚାଲାଣ କରୁଛନ୍ତି । ସୋନପୁର ଅଞ୍ଚଳକୁ ଆସି ସେମାନେ ସୋନପୁର ଠାରେ ନୂତନ ଭାବେ ରେଳ ଷ୍ଟେସନ ତିଆରି ହୋଇଥିବା ବେଳେ ଟ୍ରେନ୍ ଯୋଗେ ବାହାର ଅଞ୍ଚଳକୁ ଚାଲାଣ କରୁଛନ୍ତି । ସୋନପୁର ସଦର ଓ ତରଭା ପୋଲିସ ଓ ଅବକାରୀ ବିଭାଗର ପେଟ୍ରୋଲି କଡା କଡ଼ି କରାଯାଉ ନଥିବା ଯୋଗୁଁ ନିର୍ଭୟରେ ବ୍ୟବସାୟୀ ମାନେ ଗଞ୍ଜେଇ ନେଇ ଚାଲାଣ କରୁଛନ୍ତି । କିଛି ଦିନ ତଳେ ସୋନପୁର ଥାନା ଅଞ୍ଚଳରେ ମାତ୍ରାଧିକ ଗଞ୍ଜେଇ ଜବତ ହୋଇଥିବା ବେଳେ ଅନେକ ଗଞ୍ଜେଇ ବେପାରୀ ବହୁ ଗଞ୍ଜେଇ ଧରି ଗଳା ବାଟଦେଇ ବାହାର ରାଜ୍ୟ ଓ ଜିଲ୍ଲାକୁ ପଳେଇ ଯାଉଛନ୍ତି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ସୋନପୁର ସଦର ଓ ତରଭା ଦେଇ ପ୍ରତେକ ଦିନ ଗଞ୍ଜେଇ ଚାଲାଣ ହେଉଥିଲେ ମଧ୍ୟ ବିଭାଗୀୟ ଅଧିକାରୀ ମାନଙ୍କ ନିରବତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏଥିପ୍ରତି କେନ୍ଦ୍ରାଞ୍ଚଳ ଡିଆଇଜି ଦୃଷ୍ଟି ଦେଇ ଟିମ୍ ଜରିଆରେ ଚଢ଼ଉ କରିବା ପାଇଁ ଦାବି ହୋଇଛି ।

# ର୍‍ୟାଗିଂ ଯୋଗୁ ଡାକ୍ତରୀ ଛାତ୍ରଙ୍କ ଯକୃତ ଓ ବୃକକ୍ ନଷ୍ଟ !

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

ରାଜସ୍ଥାନରୁ ବିଚଳିତ କରିବା ଭଳି ମାମଲା ସାମ୍ନାକୁ ଆସିଛି । ଡୁଙ୍ଗରପୁର ମେଡିକାଲ କଲେଜର ଏମ୍‌ବିବିଏସ୍ ପ୍ରଥମ ବର୍ଷର ୫୦ରୁ ଅଧିକ ଛାତ୍ରଙ୍କୁ ର୍‍ୟାଗିଂ କରାଯାଇଛି । ସୂଚନାନୁଯାୟୀ ବରିଷ୍ଠ (ଦ୍ୱିତୀୟ ବର୍ଷ)ର ଛାତ୍ରମାନେ ପ୍ରଥମ ବର୍ଷର ଛାତ୍ରଙ୍କୁ କଲେଜ ନିକଟରେ ଥିବା ଏକ ପାହାଡ଼କୁ ଡାକିଥିଲେ । ସେଠାରେ ସମସ୍ତଙ୍କୁ ୩୦୦ରୁ ଅଧିକ ଥର ବସ୍‌ଉଠ୍ କରାଇଥିଲେ । ଏହାଦ୍ୱାରା ଜଣେ ଛାତ୍ରଙ୍କ ବୃକକ୍ ଏବଂ ଯକୃତ ଖରାପ ହୋଇଯାଇଛି । ଆଉ ଜଣେ ଯୁବକ ମଧ୍ୟ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି । ମୋଟ ୪ ଜଣ ଅସୁସ୍ଥ ହୋଇଛନ୍ତି । ଅନ୍ୟପକ୍ଷରେ ଅଭିଯୋଗ ହେବାପରେ ଦ୍ୱିତୀୟ ବର୍ଷର ୭ ଛାତ୍ରଙ୍କୁ କଲେଜରୁ ନିଲମ୍ବନ କରିଦିଆଯାଇଛି । ଏମାନଙ୍କ ବିରୋଧରେ ଏତଲା ରୁଜୁ କରାଯାଇଛି । ମେଡ଼ିକାଲ କଲେଜର ଅଧ୍ୟକ୍ଷ ଏସ. ବାଲା ମରଗୁନଭେଲୁ ଏହି ସୂଚନା ଦେଇଛନ୍ତି । ସଦର ଥାନା ଅଧିକାରୀ ଗିରିଧାରୀ ସିଂହ କହିଛନ୍ତି ଯେ ଏହି ମାମଲା ଦେଢ଼ ମାସ ତଳର (ମେ' ୧୫) । ପ୍ରଥମ ବର୍ଷର ଛାତ୍ର ହର୍ଷିତ ଖନ୍ନାଙ୍କ ସହ ର୍‍ୟାଗିଂ ହୋଇଥିଲା । ଦ୍ୱିତୀୟ ବର୍ଷର ଛାତ୍ର ଦେବେନ୍ଦ୍ର ମିନା, ଅଙ୍କିତ ଯାଦବ, ରବିନ୍ଦ୍ର କୁଲରିୟା, ସୁରଜିତ, ବିଷ୍ଣେନ୍ଦ୍ର ଧାୟଲ, ସିଦ୍ଧାର୍ଥ ପରିବାର ଏବଂ ଅମନ ରାଗେରା ତାଙ୍କୁ ର୍‍ୟାଗିଂ କରିଥିଲେ । ଡୁଙ୍ଗରପୁର ହସ୍ପିଟାଲ୍‌ରେ ସ୍ୱାସ୍ଥ୍ୟାବସ୍ଥାରେ କୌଣସି ପରିବର୍ତ୍ତନ ନହେବାରୁ ପରିବାର ସଦସ୍ୟ ତାଙ୍କୁ ଗୁଜରାଟର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି । ଏପର୍ଯ୍ୟନ୍ତ ହର୍ଷିତଙ୍କ ୪ ଥର ଡାଏଲିସିସ୍ ହେଲାଣି । ପୀଡ଼ିତଙ୍କ ସୂଚନା ଅନୁଯାୟୀ ତାଙ୍କ ସହ ପ୍ରଥମ ବର୍ଷର ୫୦ରୁ ଅଧିକ ଛାତ୍ର ଥିଲେ । ଦ୍ୱିତୀୟ ବର୍ଷର ୪୦ରୁ ଅଧିକ ବରିଷ୍ଠ ଛାତ୍ର ସମସ୍ତଙ୍କୁ ର୍‍ୟାଗିଂ କରିଥିଲେ ।

# ଆମ୍ବୁଲାନ୍ସ-ବାଇକ୍ ମୁହାଁମୁହିଁ ଧକ୍କା, ଜଣେ ମୃତ ଅନ୍ୟ ଜଣେ ଆହତ



**ବାଲିଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

କନ୍ଧମାଳ ଜିଲ୍ଲାର ତୁମୁଡିବନ୍ଧ ନେତାଜୀ ସୁବାଷ ବୋଷ ଜୁନିୟର ମହାବିଦ୍ୟାଳୟ ନିକଟରେ ଜଣେ ଯୁବକ ନିଜ କେଟିଏମ୍ ବାଇକ୍‌ରେ ଷ୍ଟଣ୍ଟ କରି ଦ୍ରୁତ ଗତିରେ ବାଇକ୍ ଚଳାଇବା ହେଲା କାଳ । ଏକ ଘରୋଇ ଆମ୍ବୁଲାନ୍ସ ଶବ ଧରି ଯାଉଥିବା ବେଳେ ମୁହାଁ ମୁହିଁ ଧକ୍କା ହେବା ଫଳରେ ଘଟଣା ସ୍ଥଳରେ ବାଇକ୍ ଚାଳକ ମୃତ୍ୟୁବରଣ କରିଥିବା ବେଳେ ଅନ୍ୟ ଜଣେ ବାଇକ୍ ଚାଳକ ଆହତ ହୋଇଥିବା ଜଣାପଡିଛି । ଘଟଣାରୁ ପ୍ରକାଶ ଯେ, ବୁଧବାର ତୁମୁଡିବନ୍ଧ ସ୍ଥିତ ନେତାଜୀ ସୁବାଷ ବୋଷ ଜୁନିୟର ମହାବିଦ୍ୟାଳୟ ନିକଟରେ ଏକ ଘରୋଇ ଆମ୍ବୁଲାନ୍ସ ଭବାନୀପାଟଣାରୁ ଏକ ଶବ ଧରି ନୟାଗଡ ଯାଉଥିବା ବେଳେ ମର୍ମନ୍ତୁଦ ଦୁର୍ଘଟଣା ହୋଇଥିଲା । ବେନାରବାଲରୁ ତୁମୁଡିବନ୍ଧ ଆସିଥିବା କେଟିଏମ୍ ବାଇକ୍‌କୁ ଷ୍ଟଣ୍ଟ କରି ଦ୍ରୁତଗତିରେ ବାଇକ୍‌ଟି ଆସୁଥିଲା । ଏହି ସମୟରେ ବାଇକ୍‌ଟି ଭାରସାମ୍ୟ ହରାଇ ଆମ୍ବୁଲାନ୍ସକୁ ଧକ୍କା ଦେଇଥିଲା । ଯାହାଫଳରେ ଆମ୍ବୁଲାନ୍ସଟି ରାସ୍ତା କଡକୁ ଚାଲିଯାଇଥିବା ବେଳେ କେଟିଏମ୍ ବାଇକ୍‌ଟି ସମ୍ପୂର୍ଣ୍ଣ ଭାବେ ଚୁରମାର୍ ହୋଇଯାଇଥିଲା । ଏହା ସହ ଲଙ୍କାଗଡର ଜନକ ପାତ୍ର (୨୦) ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିଲା । ଏହି ସମୟରେ ଅନ୍ୟ ଏକ ବାଇକ୍ ଉପରକୁ ଆମ୍ବୁଲାନ୍ସଟି ଧକ୍କା ଦେବା ଫଳରେ ନୂଆମୁଣ୍ଡା ଗ୍ରାମର ଗଜପତି ସାହୁ ଆହତ ହୋଇ ତୁମୁଡିବନ୍ଧ ମେଡିକାଲରେ ଭର୍ତ୍ତି ହୋଇଛନ୍ତି ।

# ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**


| | | |
|---|---|---|
| ୧୨ ବୃ / ଲଗ୍ନ ଶୁକ୍ର | ୧୧ମ | ଚରା୧୦ / ଶ୍ମ ୯ |
| ୨ | ୨୫ / ୧୨ | ୮ |
| ୩ / ୪ କେ | ୫ | ୭ / ୬ |

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ


**ତା୨୮।୬।୨୦୨୪, ଆଷାଢ ଦି୧୪ନ, ଶୁକ୍ରବାର**


**ସୂର୍ଯ୍ୟୋଦୟ- ଘ୦୫।୧୦।୩୯** **ଚନ୍ଦ୍ରୋଦୟ- ରାଘ ୧୧।୩୬।୧୨**


**ସପ୍ତମୀ-** ଦିଘ ୪।୨୮ ପର୍ଯ୍ୟନ୍ତ। **ପୂର୍ବଭାଦ୍ର ନକ୍ଷତ୍ର-** ଦିଘ ୧୦।୧୧ ପର୍ଯ୍ୟନ୍ତ। **ମୀନ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ମିଥୁନ, କନ୍ୟା, ତୁଳା, ମକର ଓ ମୀନ ରାଶିର । **ଘାତଚନ୍ଦ୍ର-** ଧନୁ ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ତାଳ ଦିଘ ୪।୨୮ ପରେ ନଡ଼ିଆ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୦୭ ଗତେ ଘ ୬।୫୯ ମଧ୍ୟେ । ଦିଘ ୧୨।୧୬ ଗତେ ଘ ୨।୫୫ ମଧ୍ୟେ।


**ମେଷ:** କାର୍ଯ୍ୟ ହାସଲ ହେବ । ଉତ୍ତମ ଭୋଜନ ମିଳିବ । ଶତ୍ରୁ ନାଶ ହେବେ । ମନରେ ସାହସ ଆସିବ । ରୋଜଗାରରେ ଅଭିବୃଦ୍ଧି ଘଟିବ । ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ ।


**ବୃଷ:** କର୍ମକ୍ଷେତ୍ରରେ ଅଗ୍ରଗତି ହେବ । ଶୁଭ ଖବର ପ୍ରାପ୍ତ ହେବ । ପିଲାମାନେ ଶୁଭଫଳ ପାଇବେ । ଆୟ ଓ ବ୍ୟୟ ସମାନ ରହିବ । ବନ୍ଧୁ ଦର୍ଶନ ଯୋଗ ରହିଛି । ପାରିବାରିକ ଶାନ୍ତି ବିରାଜମାନ କରିବ ।



**ମିଥୁନ:** ଚାକିରୀ କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ । ମାଲିମୋକଦ୍ଦମାରେ ସଫଳତା ମିଳିବ । ରୋଜଗାର ବୃଦ୍ଧି ହେବ । ମହିଳାମାନେ ସୁଖୀ ହେବେ । ସମ୍ମାନ ମଧ୍ୟ ମିଳିବ । ପରିବାରରେ ସୁଖ ଶାନ୍ତି ଲାଭ ।



**କର୍କଟ:** କର୍ମକ୍ଷେତ୍ରରେ ଦୃଢ଼ ପଦକ୍ଷେପ ନେବେ। ପ୍ରତିଯୋଗିତାରେ କୃତକାର୍ଯ୍ୟ ହେବେ । ପରିବାରରେ ସାମାନ୍ୟ ଅଶାନ୍ତି ଦେଖାଦେବ । ଆୟ ଠାରୁ ବ୍ୟୟର ମାତ୍ରା ବଢ଼ିବ । ଦୂରଯାତ୍ରା କରିପାରନ୍ତି ।


**ସିଂହ:** ଶରୀର ସୁସ୍ଥ ରହିବ । ଧନ ଲାଭ ହେବ । ପିଲାମାନେ କୃତକାର୍ଯ୍ୟ ହେବେ । ଧର୍ମ ମାର୍ଗରେ ମନୋନିବେଶ କରିବେ । ପରିବାରରେ ସୁଖ ଶାନ୍ତି ବଜାୟ ରହିବାର ସୂଚନା । ମହିଳାମାନେ ସୁଖୀ ହେବେ ।



**କନ୍ୟା:** ବ୍ୟବସାୟରେ ଲାଭବାନ୍ ହେବେ । ପରିବାରରେ ପ୍ରୀତି ଲାଭ ହେବ । ଆୟ ମଧ୍ୟମ ହେବ । ମନ ପ୍ରସନ୍ନ ରହିବ । ସୁଖକର ଘଟଣାମାନ ଘଟିପାରେ । ଦୂରକୁ ଯାତ୍ରା କରି ସଫଳତା ପ୍ରାପ୍ତ ହେବ ।



**ତୁଳା:** ଶତ୍ରୁ ହାନି ଘଟିବ । ରୋଜଗାର ବଢ଼ିବ । କାର୍ଯ୍ୟ କ୍ଷେତ୍ରରେ ଉନ୍ନତି ହେବ । ମାନସିକ ଅଶାନ୍ତି ଦୂର ହେବ । ଶୁଭ ସମ୍ବାଦ ପାଇ ଆନନ୍ଦିତ ହେବେ । ଦେବ ଦର୍ଶନର ସୁଯୋଗ। ମନ ପ୍ରସନ୍ନ ରହିବ ।


**ବିଛା:** ଦେହ ଓ ମନ ଭଲ ରହିବ । ବନ୍ଧୁ ମିଳନରୁ ଆନନ୍ଦିତ ହେବେ । ପିଲାମାନେ ପଢ଼ା ଲେଖାରେ କୃତକାର୍ଯ୍ୟ ହେବେ । ପରିବାରରେ ସୁଖ ଶାନ୍ତି ପ୍ରାପ୍ତ ହେବ । ଶରୀର ସୁସ୍ଥ ରହିବ । ଖର୍ଚ୍ଚର ପରିମାଣ ବଢ଼ିବ ।


**ଧନୁ:** କର୍ମକ୍ଷେତ୍ରରେ ଅସହଯୋଗ ଦେଖାଦେବ । ପରିବାରରେ କଳହ ଓ ଅଶାନ୍ତି ସୃଷ୍ଟି ହେବ । ଆୟ ଓ ବ୍ୟୟ ସମାନ ରହିବ । ଠକାମିର ଶିକାର ହୋଇପାରନ୍ତି । ବନ୍ଧୁ ସାଙ୍ଗେ କଳହ ଯୋଗ ମଧ୍ୟ ରହିଛି ।


**ମକର:** ଦେବ ଦର୍ଶନର ସୁଯୋଗ ସୃଷ୍ଟି ହେବ । ଶୁଭ କାର୍ଯ୍ୟ ପାଇଁ ଦିନଟି ଉତ୍ତମ ଅଟେ । ପାରିବାରିକ ଶାନ୍ତି ମିଳିବ । ଶତ୍ରୁ ନାଶ ହେବେ । ଆୟ ସ୍ଥିର ରହିବ । ମାଲିମୋକଦ୍ଦମାରେ ଶୁଣାଣି ବିଳମ୍ବ ହେବ ।


**କୁମ୍ଭ:** ବ୍ୟବସାୟରେ ସଫଳତା ମିଳିବ । ଦୂରଯାତ୍ରା କରିପାରନ୍ତି । ଶୁଭ ସମାଚାର ପାଇ ଆନନ୍ଦିତ ହେବେ । ଆର୍ଥିକ ସ୍ଥିତି ସୁଦୃଢ଼ ହେବ । ଦେହ ଓ ମନ ଭଲ ରହିବ । ପରିବାରରେ ସୁଖ ଶାନ୍ତି ଅବ୍ୟାହତ ରହିବ ।


**ମୀନ:** ଆଜି ଆପଣଙ୍କର ଦିନଟି ଆନନ୍ଦଦାୟକ ହେବ । ଏଣୁ ଭଲ ଆୟ ହେବ । ନୂଆ ବନ୍ଧୁ ଜୁଟିବେ । ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ । ପାରିବାରିକ ସୁଖ ଶାନ୍ତି ଲାଭ ହେବ । ମହିଳାମାନେ ସୁଖୀ ହେବେ ।

# ହାଇକୋର୍ଟଙ୍କ ନିର୍ଦ୍ଦେଶ:ସସ୍ମିତା ମିଞ୍ଜଙ୍କ ମୃତ୍ୟୁ ମାମଲାରେ ରେକର୍ଡ ଦିଅ

**କଟକ, ନ୍ୟୁଜ୍ ବ୍ୟୁରୋ**

ରାଉରକେଲାର ସହକାରୀ ଜିଲ୍ଲାପାଳ ସୁସ୍ମିତା ମିଞ୍ଜଙ୍କ ମୃତ୍ୟୁ ମାମଲାରେ ପୋଲିସ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ବା ପଦକ୍ଷେପ ଗ୍ରହଣ କରିନଥିବା ଅଭିଯୋଗରେ ଦାଏର ମାମଲାର ଶୁଣାଣି କରି ରାଜ୍ୟ ସରକାରଙ୍କୁ ରେକର୍ଡ ଦାଖଲ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ସୁସ୍ମିତାଙ୍କ ଭାଇ ସନ୍ଦୀପ ମିଞ୍ଜଙ୍କ ପକ୍ଷରୁ ଦାଏର ଆବେଦନ ଶୁଣାଣି କରି ଜଷ୍ଟିସ ଭି. ନରସିଂହ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ଆସନ୍ତା ଅଗଷ୍ଟ ୫କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଅଦାଲତ ଧାର୍ଯ୍ୟ କରିଛନ୍ତି । ମାମଲାରୁ ପ୍ରକାଶ ଯେ ସୁସ୍ମିତାଙ୍କ ମୃତ୍ୟୁ ମାମଲାର କ୍ରାଇମବ୍ରାଞ୍ଚ ବା ଅନ୍ୟ ସ୍ୱାଧୀନ ଏଜେନ୍ସି ମାଧ୍ୟମରେ ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଉ ବୋଲି ଦର୍ଶାଇ ହାଇକୋର୍ଟରେ ଏହି ମାମଲା ରୁଜୁ ହୋଇଥିଲା । ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ଶିବଶଙ୍କର ମହାନ୍ତି ମାମଲା ପରିଚାଳନା କରୁଛନ୍ତି ।

# ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

**ତା୨୯।୬।୨୦୨୪, ଆଷାଢ ଦି୧୫ନ, ଶନିବାର**

**ସୂର୍ଯ୍ୟୋଦୟ- ଘ୦୫।୧୦।୫୬** **ଚନ୍ଦ୍ରୋଦୟ- ରାଘ ୧୨।୧୪।୦୬**

**ଅଷ୍ଟମୀ-** ଦିଘ ୮।୪୯ ପର୍ଯ୍ୟନ୍ତ। **ଉତ୍ତରାଭାଦ୍ର ନକ୍ଷତ୍ର-** ଦିଘ ୮।୫୦ ପର୍ଯ୍ୟନ୍ତ। **ମୀନ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ମିଥୁନ, କନ୍ୟା, ତୁଳା, ମକର ଓ ମୀନ ରାଶିର । **ଘାତଚନ୍ଦ୍ର-** ଧନୁ ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । ଏବଂ ନବମୀର ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ନଡ଼ିଆ ଦିଘ ୮।୪୯ ପରେ ଲାଉ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୧୦।୧୧ ଗତେ ଘ ୧୨।୧୬ ମଧ୍ୟେ । ଦିଘ ୩।୦୭ ଗତେ ଘ ୩।୪୭ ମଧ୍ୟେ। **ପର୍ବୋତ୍ସବ-** ଜାତୀୟ ପରିସଂଖ୍ୟାନ ଦିବସ ।

ସମ୍ପାଦକୀୟ

30 YEARS
ସମ୍ବାଦ କଳିକା

# ୮୫%ରୁ ଅଧିକ ଧନୀ ଉଚ୍ଚ ଜାତିର

ଜାତିଭେଦର ସମୃଦ୍ଧି ସହିତ ଗଭୀର ସମ୍ପର୍କ ରହିଛି। ଏଭଳିକି ଧନୀକ ଶ୍ରେଣୀ ସହ ମଧ୍ୟ ଜାତିର ପ୍ରାସଙ୍ଗିକତା ରହିଛି। ଏକ ଆକଳନରୁ ଜଣାପଡ଼ିଛି ଯେ ଭାରତରେ ୮୫ ପ୍ରତିଶତରୁ ଅଧିକ ଧନୀ ହେଉଛନ୍ତି ଉଚ୍ଚ ଜାତିର ଲୋକ। ବିଲିଓନେୟାର ଧନୀଙ୍କ ମଧ୍ୟରେ ଅନୁସୂଚିତ ଜାତି (ଏସ୍‌ସି)ଙ୍କ ଭାଗ ମାତ୍ର ୨.୬ ପ୍ରତିଶତ ରହିଥିବା ବେଳେ ଅନୁସୂଚିତ ଜନଜାତି (ଏସ୍‌ଟି) ଭାଗ ପ୍ରାୟ ଶୂନ ରହିଛି। ୱାର୍ଲଡ୍ ଇନ୍‌ଇକ୍ୱାଲିଟି ଲ୍ୟାବ୍ ତଥ୍ୟ ଅନୁଯାୟୀ ଭାରତରେ ୯ ପ୍ରତିଶତ ଧନୀ ହେଉଛନ୍ତି ଅନ୍ୟାନ୍ୟ ପଛୁଆ ବର୍ଗର ଲୋକ। କେବଳ ୧୦୦ କୋଟି ଡଲାରରୁ ଅଧିକ ସମ୍ପତ୍ତିର ଲୋକମାନଙ୍କୁ ନେଇ ଏହି ତାଲିକା ପ୍ରସ୍ତୁତ କରାଯାଇଛି। ସେଥିରେ ଅନୁସୂଚିତ ଜନଜାତିର ଜଣେ ବି ଲୋକଙ୍କ ନାମ ନାହିଁ। ଅଧ୍ୟୟନରୁ ଜଣାପଡ଼ିଛି ଯେ କିଛି ବର୍ଷ ମଧ୍ୟରେ ଅନ୍ୟାନ୍ୟ ପଛୁଆ ବର୍ଗର ଧନୀ ଲୋକଙ୍କ ସଂଖ୍ୟା ହ୍ରାସ ପାଇଥିବା ବେଳେ ଉଚ୍ଚ ଜାତିର ଧନୀ ଲୋକଙ୍କ ସଂଖ୍ୟା ବଢ଼ିଛି। ଗତ କିଛି ବର୍ଷ ଭିତରେ ସୃଷ୍ଟି ହୋଇଥିବା ପ୍ରାୟ ସବୁ ଧନୀ ଲୋକ ହେଉଛନ୍ତି ଉଚ୍ଚ ଜାତିର।

ଉଚ୍ଚଜାତିର ଲୋକଙ୍କୁ ଉତ୍ତମ ଶିକ୍ଷା, ସ୍ୱାସ୍ଥ୍ୟ, ସାମାଜିକ ଓ ଋଣ ସୁବିଧା ମିଳିଯାଉଛି। ସେଥିପାଇଁ ଉଦ୍ୟମିତା ଓ ସମ୍ପତ୍ତି ସୃଷ୍ଟି କରିବା ଲାଗି ସେମାନେ ଆଗେଇ ଆସୁଛନ୍ତି। ଅଧିକାଂଶ ଦଳିତ ଲୋକଙ୍କ ପାଖରେ ନିଜସ୍ୱ ଜମି ନାହିଁ। ଫଳରେ ସେମାନଙ୍କ ଅର୍ଥନୈତିକ ପ୍ରଗତି ଗୁରୁତର ଭାବେ ପ୍ରଭାବିତ ହୋଇଛି। ଅଜିମ୍ ପ୍ରେମଜୀ ବିଶ୍ୱବିଦ୍ୟାଳୟର ତଥ୍ୟ ଅନୁସାରେ ଦେଶର ଶ୍ରମଶକ୍ତିରେ ଅନୁସୂଚିତ ଜାତି (ଏସ୍‌ସି) ଓ ଅନୁସୂଚିତ ଜନଜାତି (ଏସ୍‌ଟି)ର ଲୋକମାନଙ୍କ ସଂଖ୍ୟା ଯେଉଁଭଳି ଉଚ୍ଚ ସ୍ତରରେ ରହିଛି, ଉଦ୍ୟମିତା କ୍ଷେତ୍ରରେ ତାହାର ବ୍ୟତିକ୍ରମ ଦେଖିବାକୁ ମିଳୁଛି। ଛୋଟଠାରୁ ବଡ଼ ପର୍ଯ୍ୟନ୍ତ ସବୁ ପ୍ରକାର ସଂସ୍ଥାରେ ଉଚ୍ଚ ଜାତିର ଲୋକଙ୍କ ଆଧିପତ୍ୟ ଦେଖିବାକୁ ମିଳୁଛି। ଶ୍ରମ ଶକ୍ତିରେ ଅନୁସୂଚିତ ଜାତିର ଲୋକମାନଙ୍କ ଭାଗ ୧୯.୩ ପ୍ରତିଶତ ଥିବା ବେଳେ ସଂସ୍ଥା ମାଲିକାନା କ୍ଷେତ୍ରରେ ସେହି ହାର ୧୧.୪ ପ୍ରତିଶତ ରହିଛି।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ସତ୍ୟ ଭାଗବତ

**ପ୍ରଥମ ଅଧ୍ୟାୟ**

**ଓଁ**

**'ଜୟନ୍ତୀ, ମଙ୍ଗଳା, କାଳୀ,**
**ଭଦ୍ରକାଳୀ କପାଳିନୀ**
**ଦୁଗସ୍ତା, କ୍ଷମା, ଶିବା, ଧାତ୍ରୀ**
**ସ୍ୱହା ସ୍ୱଧା ନମୁତେ ।'**



ଶ୍ରୀ ଅଭିରାମ ସରସ୍ୱତୀ

ତୁଳି ସିନା ମୂଳପଥ
ଆଉ ସବୁ ମାୟା
ତୋ ପାଦକୁ ଛାଡିଦେଲେ
ଭକ୍ତ ଭାବେ ବାୟା (୭)

ତୋର ନାମ ତୋରଜ୍ଞାନ
ହୃଦୟରେ ଦେବୁ
ଉଡା କଥା ମାନ ମୋର
କଣ୍ଠସରେ ନଦେବୁ (୮)

ଆଉ ନାହିଁ ବେଳ କାଳ
ଭଜିବାର ପାଇଁ
ଭକତଙ୍କୁ ଅ୍ୱ ବ୍ୟ
କଳା କରୁଥାଇ (୯)

ତେଣୁ କରି ଏବିପଦେ
ଡାକେ ମାଆ ବୋଲି
ତୋ ଭକ୍ତକୁ ରକ୍ଷାକର
ବଣତ ବଢାଇ (୧୦)

ଜୀବ ଜଗତେ ସ୍ଥିରତା
ଟିକେ ହେଲେ ନାହିଁ
ଅସ୍ଥିର ପରାୟେ ମନ
ତାଙ୍କର ହୁଅଇ (୧୧)

ତେଣୁ କରି ତୋର ପାଦେ
କରୁଛି ଗୁହାରି
ନିମିଷକେ ନାଶ କରି
ଭକତ ଅଇରି (୧୨)

ବେଳ କାଳ ଆଉ ନାହିଁ
ଭାବିବାର ପାଇଁ
କେବଳ ତୋହରି ନାମ
ହୃଦରେ ଭାବଇ (୧୩)

ସଦା କାଳେ ସାହା ହେବୁ
ଜଗତ ଜନନୀ
ଯିବା ଆସିବା ପଥକୁ
ଜଗିବୁ ଭବାନୀ (୧୪)

କାଳ ସଦା ଗ୍ରାସୁ ଅଛି
ଭକତକୁ ଆସି
କାଳି ରୂପେ ସାହାହୁଅ
ଆହେ ପୌଣ୍ଡସମାସୀ (୧୫)

ଲକ୍ଷ୍ୟ ମୋର ପାଉ ନାହିଁ
ଏଜଗତ ମଧ୍ୟେ
ଲକ୍ଷ୍ମୀ ରୂପେ ବସ ଆସି
ମୋର ହୃଦ ମଧ୍ୟେ (୧୬)

ଶ୍ରଦ୍ଧା ମୋର ଆଉ ନାହିଁ
ଏ ଜଗତ ପାଇଁ
ଶାରଳା ରୂପରେ ବସ
ମୋ କଣ୍ଠରେ ତୁହି (୧୭)

ଦୁଃଖମୋର ବେଳୁ ବେଳୁ
ହେଉଛି ପ୍ରବଳ
ଦୁଗସ୍ତା ରୂପେ ସାହାହେବୁ
ଦେଇ ଝୁଲା ଥାଳ (୧୮)

ତାରଣ ମାରଣ ପ୍ରତି
ନାହିଁ ଅନୁରାଗ
ତାରିଣୀ ରୂପରେ ମାତ
ଜଗ ପୃଷ୍ଠ ଭାଗ (୧୯)

ନବଦ୍ୱାରେ ନବଶକ୍ତି
ତୁହି ମାତ ଦେବୁ
ଦଶ ଦ୍ୱାର ଶୂନ୍ୟବାସୀ
ତୁହି ବୋଲାଇବୁ (୨୦)

ତୋର ଛଡା ଏ ଶରୀର
କିଏ ସେ ରଖିବ
ତୁହି ଯଦି ନ ରଖିବୁ
ନାରଖାର ହେବ (୨୧)

ସବସ ମଙ୍ଗଳ କାରିଣୀ
ତୁହି ମା ମଙ୍ଗଳା
ବିପଦ ସମୟେ ଭକ୍ତର
ତୁହି ଭାବ ଭେଳା (୨୨)

ତୋର ଘର ମୋ ଶରୀର
ତୋତେ ସମର୍ପିଲି
ସବୁଛାଡି ତୋର ପାଶେ
ଶରଣ ପଶିଲି (୨୩)

ରଖିଲେ ରଖିବୁ ତୁହି
ମାରିଲେ ମାରିବୁ
ବିପଦ ସମୟେ ସଦା
ତୁହି ସାହାହେବୁ (୨୪)

(କ୍ରମଶଃ)

# ଭବିତବ୍ୟ ଯାହା ଅବଶ୍ୟ ଘଟିବ-୪୧




ସୁଧାଂଶୁ ମୋହନ ଶତପଥୀ
ଶ୍ରୀରାମ ଭବନ, ଚଟୁଆ
କୁଜଙ୍ଗ, ଜଗତସିଂହପୁର
ମୋ-୯୬୭୮୨୯୮୪୯୪

କୌଶଲ୍ୟାଙ୍କର ଚେତା ଫେରି ପାଇବା ପରେ ଲକ୍ଷ୍ମଣ କୈକେୟୀଙ୍କ ପଦସ୍ପର୍ଶ କରିବାକୁ ଆଗମନ କରିବା ବେଳେ କୈକେୟୀ କାନ୍ଦୁଛନ୍ତି। ତାଙ୍କ ନିକଟରୁ ପାଦଧୂଳି ଆଣିବା ବେଳେ କୈକେୟୀ ତାଙ୍କୁ ଏପରି ଛାତିରେ ବାନ୍ଧି ରଖିଦେଲେ ଯେ ପୃଥିବୀର କୌଣସି ଶକ୍ତି ତାଙ୍କ ନିକଟରୁ ମୁକ୍ତ କରିପାରିବ ନାହିଁ ଲକ୍ଷ୍ମଣଙ୍କୁ। କୈକେୟୀ ହୋଇଯାଇଥିଲେ ସମ୍ପୂର୍ଣ୍ଣ ପାଗେଳି। ସେ ନିଜେ ମଧ୍ୟ ଜାଣିପାରୁନଥାନ୍ତି ଯେ ସେ ହେଉଛନ୍ତି ରଘୁବଂଶର କନିଷ୍ଠ କୂଳବଧୂ। ରଘୁ ବଂଶର ମାନ, ମର୍ଯ୍ୟାଦା, ଗୌରବମୟ ଇତିହାସ ସହିତ ତାଙ୍କର କୌଣସି ସଂପର୍କ ସତେ ଯେପରି ନାହିଁ। ଆଗରୁ ଯେତେବେଳେ ଦଶରଥଙ୍କ ହାତ ଧରି ଏ ରାଜଭବନକୁ ଆସିଥିଲେ ସେତେବେଳେ ଠାରୁ ଓ ଏ ବଂଶ ପ୍ରତି ଏକ ନୈରାଶ୍ୟ ମନୋଭାବ ସୃଷ୍ଟି ହୋଇଥିଲା, ଆଉ ଆଜି ଲକ୍ଷ୍ମଣଙ୍କର ଏ ହୃଦୟ ବିଦାରକ ବର୍ଜନ ସମୟରେ ସେ ଗୌରବମୟ ଇତିହାସକୁ ପୋଡି ପାଉଁଶ କରିଦେଲେ। ଧିକ୍‌କାର କରୁଥିଲେ ତାଙ୍କର ଜୀବନକୁ। ଏହା ପରେ ସେ ହେଉଛନ୍ତି ଜନନୀ। ଏ ସଂସାର ତାଙ୍କୁ ଆଜି ପର୍ଯ୍ୟନ୍ତ ଯେଉଁ ଦୃଷ୍ଟି ଭଙ୍ଗୀରେ ଦେଖି ଆସୁଥିଲା, ବାସ୍ତବରେ ତାହା ସଂପୂର୍ଣ୍ଣ ଭୂଲ ବୋଲି ଉପସ୍ଥିତ ଅଗଣିତ ପ୍ରଜା ନିଜ ଚକ୍ଷୁରେ ଦେଖି ହତବାକ୍ ହୋଇ ଯାଉଥାନ୍ତି। ଯେତେ ଚେଷ୍ଟା କଲେ ବି କୌଣସି ପରିସ୍ଥିତିରେ ସେ ଲକ୍ଷ୍ମଣଙ୍କୁ ନିଜ ପାଖରୁ ଛାଡିବା ପାଇଁ ପ୍ରସ୍ତୁତ ନୁହନ୍ତି। ଲକ୍ଷ୍ମଣ ବି ଚିନ୍ତା କରି ସାରିଲେଣି ସେ କନିଷ୍ଠ ମାତାଙ୍କ ନିକଟରୁ ଯେତେ ଚେଷ୍ଟା କଲେବି ଆତ୍ମ ବିସର୍ଜନ କରିବା ପାଇଁ ଯାଇ ପାରିବେନି। ପରିସ୍ଥିତି ଅଣାୟତ୍ତ ଓ ଅତିଶୟ ଉଦ୍‌ବେଗ ଜନକ ଯେତେବେଳେ ହେଲା ବଶିଷ୍ଠ, ଜାବାଳି, ମାର୍କଣ୍ଡେୟ ପ୍ରଭୃତି ପ୍ରାତଃସ୍ମରଣୀୟ ତପସ୍ୱୀମାନେ ବିଚାର କରି ଗୋଟିଏ କଠୋର ନିଷ୍ପତ୍ତି କୈକେୟୀଙ୍କ ସମ୍ମୁଖରେ ଉପସ୍ଥାପନ କରି କହିଲେ 'କୈକେୟୀ ! ଆମେମାନେ ଶପଥ କରି କହୁଛୁ ଯେ ଯଦି ଲକ୍ଷ୍ମଣ ଆଜି ଆତ୍ମ ବିସର୍ଜନ କରନ୍ତି, ତେବେ ମନେ ରଖନ୍ତୁ ତୁମେ ତାଙ୍କର ମୃତ୍ୟୁ ପରେ ପରେ ତୁମେ ବି ସରଯୁ ନଦୀରେ ଆତ୍ମ ବିସର୍ଜନ କରିବ।' ଏହି କଥା ପରେ ଲକ୍ଷ୍ମଣ ଆସିଲେ ନିଜ ମାତା ସୁମିତ୍ରାଙ୍କ ନିକଟରୁ ବିଦାୟ ନେବା ପାଇଁ । ରାଜ ଭବନଟା ଆଜି ଅଯୋଧ୍ୟାର ପ୍ରଜାମାନଙ୍କର ଗହଳିରେ ପରିପୂର୍ଣ୍ଣ। କେହି ଜଣେ ପ୍ରଜା ମଧ୍ୟ ନକାନ୍ଦି ରହି ପାରୁନଥାଏ। ଯୁଆଡେ ଚାହିଁବ ଖାଲି ପ୍ରଜାମାନଙ୍କର ଗହଳିରେ ଅଯୋଧ୍ୟାର ରାଜଭବନ ଠାରୁ ଲମ୍ବିଯାଇଥିବା ରାଜପଥ ପର୍ଯ୍ୟନ୍ତ ଅସମ୍ଭବ ଭିଡ। କୋହଭରା କାନ୍ଦରେ ରାଜପଥ ଉଛୁଳି ପଡୁଛି। ଏବେ ସୁମିତ୍ରାଙ୍କ କକ୍ଷରେ ଲକ୍ଷ୍ମଣ ପାଦଧୂଳି ନେବା ପାଇଁ ଚେଷ୍ଟା କରୁଛନ୍ତି। ସୁମିତ୍ରା ଏମିତି କାନ୍ଦୁଛନ୍ତି ଯେ, ତାଙ୍କର ଆଉ ହିତାହିତ ଜ୍ଞାନ ମଧ୍ୟ ରହୁନାହିଁ। ରାଜଭବନର ଗୋଟାଏ ଚଟାଣ ଉପରେ ତାଙ୍କର ମୁଣ୍ଡକୁ ପିଟି ପିଟି ଏମିତି ଲହୁ ଲୁହାଣ କରି ସାରିଲେଣି ଯେ ସତେ ଯେପରି ମାତ୍ର କିଛି ସମୟ ଭିତରେ ତାଙ୍କର ପ୍ରାଣ ଛାଡିଯିବା ଭଳି ପ୍ରତୀୟମାନ ହେଉଥାଏ। ବଡ ବିଚିତ୍ର ଦୃଶ୍ୟ ଏ ରଘୁବଂଶର ଇତିହାସରେ। ଦେହ ସାରା ରକ୍ତ ଜୁଡୁବୁଡୁ ହୋଇଗଲାଣି। ଏ ଦୁନିଆରେ ଏପରି କେଉଁ ମା ଅଛି ତା'ର ପୁଅ, ତା ପ୍ରାଣର ଧନ ତା ଆଖି ଆଗରେ ମରିବାକୁ ଯିବ ଆଉ ଏପରି ଅବସ୍ଥା ଦେଖି ପ୍ରାଣ ଧରି ରହି ପାରିବ ? କିଏ ଦେବ ଏଠାରେ ତାଙ୍କୁ ସାନ୍ତ୍ୱନା ? ପୃଥିବୀରେ ଏପରି କେଉଁ ଶକ୍ତି ଅଛି ଏପରି ମାଆକୁ ସାନ୍ତ୍ୱନା ଦେଇ ହୃଦୟ ଫଟା କ୍ରନ୍ଦନରୁ ମୁକ୍ତ କରିପାରିବ ? ନିଜେ ସ୍ୱୟଂ ରାମ ପାଗଳଙ୍କ ପରି ଗୋଟିଏ ସ୍ଥାନରେ ବସି ଲୁହ ଢାଳୁଛନ୍ତି। କୌଶଲ୍ୟା ବାରମ୍ବାର ମୂର୍ଚ୍ଛିତ ହୋଇ ପଡୁଛନ୍ତି। ସେ ମରିବେ କି ବଞ୍ଚିବେ ତାହାବି ଠିକ୍ ନାହିଁ। ରାଜଭବନଟା ସଂପୂର୍ଣ୍ଣ ରକ୍ତ ରଞ୍ଜିତ ହୋଇ ଗଲାଣି। ଯେଉଁ ବଶିଷ୍ଠଙ୍କ କଥାରେ ରଘୁ ବଂଶର ପ୍ରତିଟି ସଦସ୍ୟ ଆତଯାତ ହୁଅନ୍ତି ସେମାନେ ଆଜି ସମସ୍ତେ ପାଗଳ, ପାଗଳିଙ୍କ ଭଳି ବିଚଳିତ ଅବସ୍ଥାରେ କାନ୍ଦୁଛନ୍ତି। ଲକ୍ଷ୍ମଣଙ୍କ ଶରୀରଟା ମା' ମାନଙ୍କର ଆଖି ଲୁହ ଓ ରକ୍ତରେ ସମ୍ପୂର୍ଣ୍ଣ ଭିଜି ଗଲାଣି। ବଶିଷ୍ଠ ନିଜେ ହୃଦୟ ଫଟା କାନ୍ଦ କାନ୍ଦୁଛନ୍ତି କିନ୍ତୁ ସବୁ ଦିଗକୁ ଲକ୍ଷ୍ୟକରି ଏତେ ସଂଯତ ହେଉଛନ୍ତି ଯେ ସମ୍ଭବତଃ ସେ ଭାବିନେଲେଣି ଯଦି ତାଙ୍କ ଆଖିର ଲୁହକୁ ରଘୁବଂଶର କୌଣସି ଜଣେ ହେଲେ ସଦସ୍ୟ ଦେଖିନିଏ ତେବେ ଏ ବଂଶଟା ଗୋଟାଏ ଦିନ ଭିତରେ ଧ୍ୱଂସ ହୋଇଯିବ। ଏତେ ବଡ ବିରଳ ବିପତ୍ତିରେ ଏ ବଂଶକୁ ସହାୟତା କରିବ କିଏ ? ତେଣୁ ନିଜକୁ ପଥର କରିଦେଲେଣି। ବଶିଷ୍ଠ କହିଲେ ' ମା, ସୁମିତ୍ରା ତୁମେ ଆଉ ବିଚଳିତ ହୁଅନା। ଲକ୍ଷ୍ମଣ ଯେତେବେଳେ ସରଯୁରେ ଆତ୍ମ ବିସର୍ଜନ କରିବେ, ମୁଁ ପ୍ରତିଶୃତି ଦେଉଛି, ତୁମେ ମାନେ ସମସ୍ତେ ଆତ୍ମ ବିସର୍ଜନ କରିବ। କାରଣ ମୁଁ ବି ମଧ୍ୟ ଗୋଟିଏ ମାଆର ସନ୍ତାନ, ସନ୍ତାନଟିର ଯେତେବେଳେ ମା' ସମ୍ମୁଖରେ ମୃତ୍ୟୁ ହୋଇଯାଉଛି। ଆଉ ସେହି ଶବକୁ ଯେତେବେଳେ ମଶାଣି ଭୂଇଁକୁ ନିଆଯାଇ ଚିତାନଳରେ ଶୁଆଇ ଦେଇ ଅଗ୍ନି ସଂଯୋଗ କରାଯାଉଛି ସେତେବେଳେ ଏ ପୃଥିବୀର ଏପରି କେଉଁ ମା ଅଛି ସେ ଛାତିଫଟା ଦୃଶ୍ୟକୁ ଦେଖି ଧୈର୍ଯ୍ୟଧରି ରହିପାରିବ ? ହେ ସୁମିତ୍ରା ! ତଥାପିତ ଏପରି ଅସରନ୍ତି ବିକଳ ପରିସ୍ଥିତି ପୃଥିବୀ ପୃଷ୍ଠରେ ପ୍ରତି ନିୟତ ଘଟୁଛି ଓ ଘଟିଚାଲିବ। (କ୍ରମଶଃ

# ନିରାମିଷ ଖାଦ୍ୟର ମହତ୍ତ୍ୱ

## (ଗବେଷଣା ଯୁକ୍ତ)



ଇମରଟସ୍ ପ୍ରଫେସର ଡା. ଚତୁର୍ଭୁଜ ଭୂୟାଁ
ଡ଼.ଡି. ୱାଇ ପାଟିଲ ବିଶ୍ୱବିଦ୍ୟାଳୟ
ପୁନେ, ମହାରାଷ୍ଟ୍ର
ମୋ-୯୫୫୬୫୭୨୨୧୨

ଖାଦ୍ୟ ଆମ ଜୀବନ ଧାରଣର ଏକ ମୌଳିକ ବସ୍ତୁ। ଖାଦ୍ୟ, ବସ୍ତ୍ର, ବାସ ୩ଟି ମୌଳିକ ପଦାର୍ଥ ମଧ୍ୟରୁ ଖାଦ୍ୟର ଆବଶ୍ୟକତା ପ୍ରଧାନ ସ୍ଥାନ। ବଂଚିବା ପାଇଁ ଖାଦ୍ୟ କି ଖାଦ୍ୟ ଖାଇବା ପାଇଁ ବଂଚିବା। ଏ ଦୁଇଟି ଖାଦ୍ୟ ମୁଦ୍ରାର ଦୁଇ ପାର୍ଶ୍ୱ ଥିଲା ଭଳି ମନେହୁଏ। ସମାଜରେ ଅନେକ, ଏହି ଦୁଇଟି ଯାକର ସଦ୍ ବ୍ୟବହାର କରିଥାନ୍ତି। କାହାର କିରି ଚିନ୍ତାଧାରା ତାକୁ ବଦଳାଇବା ସମ୍ଭବ, ଯାହା ପରିବେଶ ପରିସ୍ଥିତି ଉପରେ ନିର୍ଭର କରେ। ତେବେ ସମାଜରେ ବଂଚିବା ପାଇଁ ଖାଦ୍ୟ ନୀତିରେ ଅଧିକ ନିଶ୍ଚିତ ବିଶ୍ୱାସ କରନ୍ତି ଓ ବିନିଯୋଗ ମଧ୍ୟ କରିଥାନ୍ତି। ଖାଦ୍ୟର ପ୍ରଚୁର ପ୍ରବଳତା ମଧ୍ୟରେ ବିଶ୍ୱରେ ଖାଦ୍ୟର ଅଭାବ ସମସ୍ୟା ମଧ୍ୟ ଦେଖାଯାଉଛି। ଏହି ଖାଦ୍ୟ ପେଟ ପୁରାଏ, ପ୍ରାଣ ଦିଏ, ପେଟ ପାଇଁ ସବୁ ନାଟ। ସବୁ କୂଟ, କପଟ, ଲୋହ, ମୋହ ଇତ୍ୟାଦି ଇତ୍ୟାଦି। ଯେଉଁ ମାନେ ଭୋକ ଶୋଷର ଉର୍ଦ୍ଧ୍ୱରେ ସେମାନେ ପ୍ରାୟତଃ ସଂସାର ଜାଲରେ ପଡି ମୀନ ମାଛ ଭଳି ଛଟପଟ ହୁଅନ୍ତି ନାହିଁ।

ଆମ ପ୍ରାଣୀସମାଜର ଖାଦ୍ୟ ପଦାର୍ଥକୁ ନେଇ, ୩ ପ୍ରକାର ବିଭାଗ କରାଯାଇଛି। ସାମିଷ ଭୋଜି ପ୍ରାଣୀ, ନିରାମିଷ ଭୋଜି ପ୍ରାଣୀ ଓ ଉଭୟ ଭୋଜି ପ୍ରାଣୀ ଦେଖିବାକୁ ମିଳନ୍ତି। ତେବେ ଆମ ମଣିଷ ସମାଜରେ ସାମିଷ ଖାଦ୍ୟ, ନିରାମିଶ ଏବଂ ମିଶ୍ରିତ ଖାଦ୍ୟ ଖାଉଥିବା ବର୍ଗର ଲୋକମାନେ ମିଳନ୍ତି। ପରିବେଶ, ପରିସ୍ଥିତି, ସ୍ଥାନ, କାଳ, ଗୋଷ୍ଠୀ ପ୍ରଭୃତି ବିଚାରକୁ ନେଇ ଆଞ୍ଚଳିକ ଖାଦ୍ୟ ଆବଶ୍ୟକତାର ମହତ୍ତ୍ୱକୁ ପ୍ରାଧାନ୍ୟ ଦିଆଯାଏ। ଯେପରି ଶୀତ/ଥଣ୍ଡା ଅଞ୍ଚଳରେ ବସବାସ କରୁଥିବା ଅଧିବାସୀମାନେ ମଦିରାପାନ ସହିତ ସାମିଷ ଭୋଜନରେ ଗୁରୁତ୍ୱ ଓ ଆବଶ୍ୟକତା ଅନୁଭବ କରୁଥିଲାବେଳେ ତାହାର ପ୍ରଚଳନ ପରିପୋଷଣ ହୋଇ ବଞ୍ଚିବା ପାଇଁ ପ୍ରୟୋଜନ ହୁଏ। କିନ୍ତୁ ତାହା ଅନ୍ୟ ସ୍ଥାନରେ ଆବଶ୍ୟକ ନ ଥିବାବେଳେ ବ୍ୟବହାର କରି ଖାଦ୍ୟ ସହିତ ପରିବେଶର ଦୁଷ୍ପ୍ରଭାବ ହୋଇଥାଏ। ଫଳରେ ନାନା ପ୍ରକାର ଅଘଟଣ ଘଟି ସାମାଜିକ ଶୃଙ୍ଖଳାରେ ବ୍ୟାଘାତ ଉପୁଯାଏ। ସମାଜ କଳଙ୍କିତ, ଜର୍ଜରିତ, ପୀଡିତ ହୋଇଥାଏ। ଖାଦ୍ୟର ପ୍ରଭାବ ସୁଦୂରପ୍ରସାରୀ। ପ୍ରସଙ୍ଗରେ ପ୍ରକାଶ କଲେ ଜଣାଯାଏ ଯେ ସନାତନ ଧର୍ମ ଯେ କି ଜୀବନଶୈଳିର ଧର୍ମ ତଥା ନୀତି ଓ ଉତ୍ତମ ଜୀବନ ଚର୍ଯ୍ୟା ଶିଖାଏ। ସେଠାରେ ସିଦ୍ଧାନ୍ତ ଉପଦେଶରେ କୁହାଯାଇଛି ସାତ୍ତ୍ୱିକ ଖାଦ୍ୟ ମଣିଷ ଜୀବନକୁ ଉର୍ଦ୍ଧ୍ୱକୁ ଉଚ୍ଚ ଆଦର୍ଶଗାମୀ କଲାବେଳେ ତାମସିକ ଖାଦ୍ୟ ମଣିଷ ଜୀବନ ଯାତ୍ରାକୁ ନିମ୍ନଗାମୀ କରିଥାଏ ଏବଂ ରାଜସିକ ଖାଦ୍ୟ ହିଂସା, ଲୋଭ, ପ୍ରତିହିଂସା, ମୋହ, କ୍ରୋଧ, ଉତ୍ପିଡନଶୀଳ କରିପକାଏ। ଏସବୁ ଖାଦ୍ୟର ଗବେଷଣାରୁ ଜଣାଯାଇଛି। ଗବେଷଣାରେ ଶତାଧିକ ତାମସିକ ଗୁଣଖାଦ୍ୟ, ସାତ୍ତ୍ୱିକ ଖାଦ୍ୟ ଏବଂ ରାଜସିକ ଖାଦ୍ୟର ପ୍ରକାର ନିର୍ଦ୍ଧାରଣ ପରେ ଅନୁଧ୍ୟାନ କରାଯାଇଛି। ଖାଦ୍ୟ ପ୍ରକାର-ରସ ଅନୁସାରେ ମିଠା, ଖଟା, ଲୁଣିଆ, ରାଗ, ପିତା ଏବଂ କଷା ଏପରି ଷଡରସ ବିଶିଷ୍ଟ ଖାଦ୍ୟ ଆମେମାନେ ଖାଉ। ଖାଦ୍ୟ ବାସ୍ତବରେ ୬ରସ ପୂର୍ଣ୍ଣ ହେବା ଉଚିତ ଯାହାକୁ ପୂର୍ଣ୍ଣାଂଶ ଖାଦ୍ୟ କହନ୍ତି। କିନ୍ତୁ ଅନେକ ବ୍ୟକ୍ତି ବିଶେଷରେ ଖାଦ୍ୟ ରୁଚି ଅନୁସାରେ ଗ୍ରହଣ କରନ୍ତି। ଏହି ପ୍ରକ୍ରିୟାରୁ ହିଁ ସତ୍ତ୍ୱ, ରଜ, ତମ ଗୁଣ ଖାଦ୍ୟର ବ୍ୟକ୍ତି ନିର୍ଣ୍ଣୟ କରାଯାଇଥାଏ। ଯେପରି ସାଧାରଣତଃ ସାତ୍ତ୍ୱିକ-ମଧୁର, ତମ-ଆମ୍ଳିକ ବା ଖଟା ଓ ରଜ-ରାଗ ରସରୁ ଗଣତି ହୁଏ।

ଆଦର୍ଶ ଖାଦ୍ୟ ବାସ୍ତବରେ ଷଡ଼ଗୁଣ ଯୁକ୍ତ ହେବା ଉଚିତ। ବିଶ୍ୱରେ ଏବେ ଖାଦ୍ୟ ସଚେତନତା ଏବଂ ଗମନାଗମନ, ସଂସ୍କୃତିର, ଜୀବନଧାରଣର ଆଚରଣାଦିର ପରିବର୍ତ୍ତନ, ଗ୍ରହଣାଦି ଯୋଗୁଁ ସାମିଷ ଏବଂ ନିରାମିଷ ଖାଦ୍ୟର ପ୍ରଭାବ ଅନୁଭବ କରି ସାରିଲେଣି। ସାମିଷ ଖାଦ୍ୟରେ ପରିତୋଷିତ ବ୍ୟକ୍ତିର , ଶାରୀରିକ, ମାନସିକ ବିଭିନ୍ନ ପରୀକ୍ଷା ନିରିକ୍ଷା କରି ଦେଖିବା, ଜୀବନର ବୟସ, ଅବଧି, ଅର୍ଥାତ୍ ଆୟୁଷ, ରୋଗ ବ୍ୟାଧି, କାମ କରିବା ଶୈଳୀ , ଚିନ୍ତା ଶୈଳୀ, ଷ୍ଟ୍ରେସ, ସାମାଜିକ, ଆର୍ଥିକ, ହିଂସା, ଦ୍ୱେଷ କ୍ରୋଧ ଇତ୍ୟାଦି ଅନେକ ପାରାମିଟର ନେଇ ଅନୁସନ୍ଧାନ କରାଗଲାବେଳେ , ନିରାମିଷ ଖାଦ୍ୟରେ ପାଳିତ ବ୍ୟକ୍ତିଙ୍କୁ ଦେଖାଯାଇଛି ଏବଂ ଏହି ଅନୁସନ୍ଧାନର ନିଷ୍କର୍ଷରେ ଦେଖାଗଲା, ନିରାମିଷ ବ୍ୟକ୍ତିର ଆୟୁଷ ଅଧିକ ଏବଂ ସମାଜ ଉପଯୋଗୀ । ମଣିଷ ଜୀବନ କେବଳ ନିଜ ପାଇଁ ନୁହେଁ। ମଣିଷ ତ ଶ୍ରେଷ୍ଠ, ବିବେକୀ, ସେ ନିଜ ପାଇଁ କରିବା ବେଳେ ଅନ୍ୟର ହିତ ପାଇଁ ଏବଂ ପରୋପକାର, ଯେଉଁ ପ୍ରକାର ହେବ ତାହା କରଣୀୟ। ଖାଦ୍ୟ ଦ୍ୱାରା ଶରୀରକୁ ଏବଂ ମନକୁ ଶ୍ୱେତସାର, ପୁଷ୍ଟିସାର, ଜୀବସାର, ଖଣିଜ, ଲବଣାଦି ପୋଷକ ବସ୍ତୁ ମିଳିଥାଏ। ଏହି ସବୁକୁ ଦେଖି ଆଞ୍ଚଳିକ ଖାଦ୍ୟର ପ୍ରଚଳନ ପ୍ରାୟତଃ ହୋଇଥାଏ। ତେବେ ପୌଷ୍ଟିକ ଖାଦ୍ୟ ଷଡ଼ରସପୂର୍ଣ୍ଣ ନହେଲେ ମଧ୍ୟ ପରିବେଶ ଅନୁସାରେ ଆଞ୍ଚଳିକ ବଳ ସମାଜକୁ ଶକ୍ତି, ସାମର୍ଥ୍ୟ ସହିତ ଗୋଷ୍ଠୀ, ସଂଗୋଷ୍ଠୀରେ ବଂଚିବା ପାଇଁ ରାହା ଦେଖାଇଥାଏ। ବଣ ଜଙ୍ଗଲର ପତ୍ର, ଫୁଲ, ମୂଳ ଅର୍ଥାତ୍ ଉଦ୍ଭିଦଜ ପଦାର୍ଥ , ପନିପରିବା ଏବଂ ପ୍ରାଣୀଜ-ଦୁଧ, ଦହି, ଛେନା, କ୍ଷୀର, ଘିଅ, ଲହୁଣୀ ଇତ୍ୟାଦି ନିରାମିଷ ଅନ୍ତର୍ଭୁକ୍ତ ହେଲା ବେଳେ ମାଛ, ମାଂସ, ଅଣ୍ଡା ଆଦି ସାମିଷ ରୂପେ ଗ୍ରହଣ କରନ୍ତି। ମଠ, ମନ୍ଦିରାଦି ପ୍ରଥାନୁସାରେ କେତେକ ଉଦ୍ଭିଦଜ ଯଥା ପିଆଜ. ରସୁଣ, ଛତୁ ଇତ୍ୟାଦି ସାମିଷ ଗୁଣ କହିବା ବିଜ୍ଞାନ ଧାରାରେ ତାହା ଗ୍ରହଣ ନୁହେଁ, ଏହା ବିବାଦୀୟ ବସ୍ତୁ ରୂପେ ଅନେକ ଗ୍ରହଣ କରିନିଅନ୍ତି। ଆଞ୍ଚଳିକ ଭିତ୍ତିରେ କିନ୍ତୁ ନୈଷ୍ଠିକ , ମୌଳିକ ଧାରାରେ ବଞ୍ଚୁଥିବା ବ୍ୟକ୍ତି ବିଶେଷ ଯେଉଁ ଖାଦ୍ୟ ଉତ୍ତେଜନା ଆଣିଦିଏ ଏବଂ ଶାସ୍ତ୍ର ବିଧି ବର୍ଣ୍ଣିତ ସାତ୍ତ୍ୱିକ ଖାଦ୍ୟ ଯାହା ନୁହେଁ ତାକୁ ବର୍ଜନ କରିଥାନ୍ତି। ସମସ୍ତ ଖାଦ୍ୟର ଅଧିକାରୀ, ଈଶ୍ୱର। ଅନେକ ବ୍ୟକ୍ତି ତେଣୁ ବିବେକ ବର୍ଜିତ, ଅନୁଚିତ ଆହାର ଈଶ୍ୱରଙ୍କୁ ଉତ୍ସର୍ଗ କରିନଥାନ୍ତି। ଉତ୍ସର୍ଗ କଲେ ତ ଭୋଜନ କରିବେ। ତେଣୁ ଖାଆନ୍ତି ନାହିଁ। ଅନ୍ନକୁ ବ୍ରହ୍ମ ବା ଭଗବାନ କହନ୍ତି।

ନିରାମିଶ ବା ସାକାହାର ଖାଦ୍ୟ ପଦାର୍ଥରେ ଯଥେଷ୍ଟ ପୌଷ୍ଟିକ ଜୀବସାର ପଦାର୍ଥ ଥାଏ ଯାହାକି ସାମିଷ ଖାଦ୍ୟରେ ନଥାଏ। ନିରାମିଷ ଖାଦ୍ୟ ବସ୍ତୁ ଅନେକ ଏବଂ ବିବିଧ ପ୍ରକାର ରସ, ଗୁଣ, ପରିପାକ ଏପରିକି ଔଷଧୀ ଗୁଣଯୁକ୍ତ। **କେତେକ ରୋଗରେ କେବଳ ଖାଦ୍ୟ ହିଁ ଔଷଧ ଆକାରରେ ଚିକିତ୍ସା କରାଯାଏ।** ଏହି ଶାକାହାର ଖାଦ୍ୟରେ ବ୍ୟାଧି ପ୍ରତିରୋଧକ କ୍ଷମତା ଯାହାର ଇମ୍ୟୁନିଟି ଶକ୍ତି ଅଧିକ ଥାଏ ଯେ କି ଶରୀରର ରୋଗ ସହିତ ଲଢିପାରେ। ଦେଖାଯାଇଛି ଯେ ଶାକାହାରୀ ବ୍ୟକ୍ତି ବହୁତ କମ ରୋଗରେ ପୀଡିତ। ଏହି ପରିପ୍ରେକ୍ଷୀରେ ଜୈନ ସାଧୁମାନେ ତଥା ମହିମାବଲମ୍ବୀ ସାଧୁମାନେ ଅଧିକ ନିରୋଗୀ ଏବଂ ଦୀର୍ଘାୟୁ ବୋଲି ଜଣାଯାଏ। ଏମାନଙ୍କ ନିର୍ବିକାର ମୋହ, ଲୋଭ, କ୍ରୋଧଶୂନ୍ୟ ଆଚରଣାଦି ଖାଦ୍ୟ ସହିତ ଅନାସକ୍ତ ଭାବରୁ ଜଣାପଡେ। ନିରାମିଷ, ସଜ ପନିପରିବା, ଫଳମୂଳାଦି ସହଜରେ ହଜମ ହୁଏ। ଏବଂ ସେଥିରେ ଥିବା ଜୀବସାରାଦି, ଆଣ୍ଟି ଅକ୍ସିଡାଣ୍ଟ ଆମିନୋଏସିଡ ପୌଷ୍ଟିକ, ପୋଷକ ଉପାଦାନ ଶରୀରରେ ଗ୍ରହଣ ହୋଇ ଶରୀରକୁ ନିରୋଗ ରଖିବାରେ ସାହାଯ୍ୟ କରେ। ଏହି ପ୍ରକ୍ରିୟାକୁ ବିଶ୍ଳେଷଣ କଲେ ଜାଣିବା ଯେ ନିରାମିଷ ଶାକ ସବଜିର ଅନେକ ପଦାର୍ଥରେ ତନ୍ତୁ ବା ଫାଇବର ଯଥେଷ୍ଟ ପରିମାଣରେ ଥାଏ, ଯେ କି ଖାଦ୍ୟକୁ ସହଜ ହଜମ ଠାରୁ ଆରମ୍ଭ କରି ମହାସ୍ରୋତ ବା ଏଲିମେଣ୍ଟାରୀ କେନାଲକୁ ମଇଳା ବା ମଳ ପଦାର୍ଥ ବାହାର କରିବା ପାଇଁ ସକ୍ଷମ ହୁଏ। ଏଣୁ ଝାଡ଼ା କଠିନ ବା ମଳାଶୟ ରୋଗୀ ଅଥବା ଗାଷ୍ଟ୍ରୋଇଣ୍ଟଷ୍ଟାଇନାଲ ରୋଗୀ ଯଥା ପେଟ, ଯକୃତ, ପ୍ଳୀହା, ଅନ୍ତ୍ରାଦି ରୋଗରେ ଏ ପ୍ରକାର ଖାଦ୍ୟକୁ ସୁପାରିଶ କରାଯାଏ। ଶାକାହାର ଖାଦ୍ୟରେ ବିଶ୍ୱାସ ଓ ନିଷ୍ଠାରେ ବଞ୍ଚିଥିବା ବ୍ୟକ୍ତିମାନଙ୍କର ପ୍ରତ୍ୟେକ ଅଙ୍ଗ, ଉପାଙ୍ଗ ଯେପରି ହୃଦୟ, ଫୁସଫୁସ, ଯକୃତ, ପ୍ଳୀହା ଇତ୍ୟାଦି ସକ୍ରିୟ ସତେଜ ରହେ। ଶାକାହାରୀ ବ୍ୟକ୍ତିର ମାନସିକ ବଳ, ଶାରୀରିକ ବଳ ଅପେକ୍ଷା ଅଧିକ ମନ ଶରୀରକୁ ନିୟନ୍ତ୍ରଣ କରେ। ସଂଯମତା ଦ୍ୱାରା ପଞ୍ଚ ଜ୍ଞାନେନ୍ଦ୍ରିୟ, ପଞ୍ଚ କର୍ମେନ୍ଦ୍ରିୟ ଆୟତ୍ତରେ ରହିଥାନ୍ତି। ଏଣୁ ନିରୋଗ, ସ୍ୱାସ୍ଥ୍ୟବାନ ହେବାରେ ଚମତ୍କାରିତା ଥାଏ। ଏବେ ଶାସନ କଳରେ ପଶୁହିଂସା ଆଇନ ବଳରେ ପଶୁପକ୍ଷୀ ବଧ ବନ୍ଦ କରି ସେମାନଙ୍କର ସୃଷ୍ଟି କରିବା, ପାଳନ କରିବା, ସଂରକ୍ଷଣ କରିବା, ବା ଗଛ ଲଗାଇବା, ଜଙ୍ଗଲ ନିର୍ମାଣ କରି ପଶୁ ପକ୍ଷୀଙ୍କୁ ଥଇଥାନରେ ରଖିବା ମଣିଷର ଚେତନା ସ୍ତରରେ ଆସିଛି। ସମସ୍ତ ବିଶ୍ୱବାସୀ, ଜନସାଧାରଣ ଆନ୍ତରିକ ଭାବରେ ସଚେତନ ହେଲେ ଏହା ସମ୍ଭବ। ଯାହାହେଉ ଆମେ ଯଦି ସଚେତନ ହେବା ଯେ ଆମେ ଶାକାହାରୀ, ନିରାମିଷ, ଭୋଜନ ଏବଂ ବଂଚିବା ପାଇଁ ଖାଇବା, ଖାଦ୍ୟ ପଦାର୍ଥକୁ ଅପଚୟ, ଅବବ୍ୟୟ, ନଷ୍ଟ ନ କରିବା ତେବେ ଖାଦ୍ୟର ମୂଲ୍ୟ ଓ ସମ୍ମାନ ରହିବ।

# ଯାତ୍ରୀ ନିରାପତ୍ତା ପ୍ରତି ଧ୍ୟାନ ଦିଅ



ସୌଭାଗ୍ୟ ରଞ୍ଜନ ମହାନ୍ତି (ରାଜା)
ଗଙ୍ଗୋତ୍ରୀ ନଗର
ଶରୋଡ ନଂ-୩,
ଶିଶୁପାଳଗଡ
ମୋ-୪୩୭୯୯୪୩୭୯

ବର୍ଷକ ତଳେ ଓଡିଶାର ବାଲେଶ୍ୱର ଜିଲ୍ଲାରେ ବାହାନଗାରେ ଭୟାବହ ରେଳ ଦୁର୍ଘଟଣା ମନରୁ ଲିଭି ନଥିବାବେଳେ ଏବେ ପଶ୍ଚିମବଙ୍ଗର ନ୍ୟୁ ଜଲପାଇଗୁଡି ନିକଟରେ ସମାନ ଢଙ୍ଗରେ ଆଉ ଏକ ବଡ ଦୁର୍ଘଟଣା ରେଳବାଇର ଯାତ୍ରୀ ସୁରକ୍ଷା ବ୍ୟବସ୍ଥା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ବାହାନଗା ଦୁର୍ଘଟଣାରୁ ରେଳବାଇ କିଛି ଶିକ୍ଷା କରିପାରିନାହିଁ ବୋଲି କୁହାଯାଇପାରେ। ବାହାନଗାରେ କରମଣ୍ଡଳ ଏକ୍ସପ୍ରେସକୁ ଏକ ମାଲବାହୀ ପଛପଟୁ ଧକ୍କା ଦେବା ପରେ ଲାଇନଚ୍ୟୁତ ଟ୍ରେନ ସହ ଯଶୋବନ୍ତପୁର ଏକ୍ସପ୍ରେସ ଧକ୍କା ହେବା ଯୋଗୁଁ ୨୯୬ଜଣ ଯାତ୍ରୀଙ୍କର ମୃତ୍ୟୁ ଘଟିଥିବାବେଳେ ଶହଶହ ଆହତ ହୋଇଥିଲେ, ଯାହାକି ଚଳିତ ଦଶନ୍ଧିର ସବୁଠାରୁ ବଡ ଦୁର୍ଘଟଣା ଥିଲା। ନ୍ୟୁ ଜଲପାଇଗୁଡି ଏକ୍ସପ୍ରେସକୁ ମାଲବାହୀ ପଛପଟୁ ଧକ୍କା ଦେଇ ୩ ବଗି ଉପରେ ଚଢିଯାଇଥିଲା। ଏହି ବଗିଗୁଡିକ ପାର୍ଶଲ ବଗି ଓ ଗାର୍ଡ ବଗି ଥିବା ଯୋଗୁଁ ମାତ୍ର ୧୫ଜଣଙ୍କର ମୃତ୍ୟୁ ଘଟିଥିଲା। ଯଦି ବଗିଗୁଡିକରେ ଯାତ୍ରୀ ଥାଆନ୍ତେ ତେବେ ମୃତ୍ୟୁ ସଂଖ୍ୟା ବାହାନଗାଠାରୁ ବଳିଯାଇଥାନ୍ତା ବୋଧହୁଏ, ଏଥିରେ କେହି ଅସହମତ ହେବେ ନାହିଁ। ଆମେ ଏଠାରେ ଏହା ଅବତାରଣା କରିଛୁ ଏଇଥିପାଇଁ ଯେ, ଉଭୟ ଦୁର୍ଘଟଣା ସିଗନାଲ୍ ଜନିତ ତୃଟିକୁ ଘଟିଛି, ଯାହାକୁ କି ରେଳବାଇ କେତେ ସଚେତନ, ତତ୍ପର ତାହା ବୁଝାପଡେ। ଏହା ସତ୍ୟ ଯେ, ରେଳ ଦୁର୍ଘଟଣା ପରେ ମୃତାହତ ଯାତ୍ରୀଙ୍କୁ ଅନୁକମ୍ପାମୂଳକ ସହାୟତା ଘୋଷଣା ଓ ତଦନ୍ତ ନିର୍ଦ୍ଦେଶ ଦେଇ ନିଜର କର୍ତ୍ତବ୍ୟ ସାରିଦେଉଛି। ଅଥଚ ଦେଶରେ ରେଳ ଦୁର୍ଘଟଣା ବଢି ବଢି ଚାଲିଛି। ଦେଶରେ ବାର୍ଷିକ ହାରାହାରି ୭୧ଟି ରେଳ ଦୁର୍ଘଟଣା ଘଟୁଥିବା ରିପୋର୍ଟ ପ୍ରକାଶ ପାଇଛି।, ଯାହାକି ରେଳବାଇର ପାରଦର୍ଶିତା ନେଇ ସଂକେତ ପ୍ରଦାନ କରେ ବୋଲି କୁହାଯାଇପାରେ। ସରକାରୀ ସୂତ୍ରରୁ ମିଳିଥିବା ରିପୋର୍ଟ ଅନୁଯାୟୀ ୨୦୦୦-୦୫ରେ ୧୯୫, ୨୦୧୪-୧୫ରେ ୧୦୪ଟି, ୨୦୨୧-୨୨ରେ ୨୩ଟି ଏବଂ ୨୦୨୨-୨୩ରେ ୪୮ଟି ଦୁର୍ଘଟଣା ଘଟିଛି। ସେହିପରି ୨୦୦୦ରୁ ୨୦୨୩ ମଧ୍ୟରେ ୧୯୧୩ଟି ଦୁର୍ଘଟଣା ଘଟିଥିବାବେଳେ ୨୦୨୧-୨୨ ତୁଳନାରେ ୨୦୨୨-୨୩ ବର୍ଷରେ ବଡ ଧରଣର ଦୁର୍ଘଟଣା ସଂଖ୍ୟା ୩୫ରୁ ୪୮କୁ ବୃଦ୍ଧି ପାଇଥିବା ରିପୋର୍ଟ ପ୍ରକାଶ ପାଇଛି। ଏହା ନିସନ୍ଦେହ ଯେ, ଭାରତୀୟ ରେଳବାଇ ଦେଶର ସର୍ବବୃହତ ଯାତ୍ରୀ ଓ ମାଲପରିବହନକାରୀ ସଂସ୍ଥା ଭାବେ ପରିଚିତ। ଦୈନିକ ୧୦କୋଟିରୁ ଉର୍ଦ୍ଧ୍ୱ ଯାତ୍ରୀ ଯାତାୟତ କରିଥିବାବେଳେ ଲକ୍ଷଲକ୍ଷ ଟନ ମାଲ ପରିବହନ ହୋଇଥାଏ। ଶସ୍ତା, ସୁନ୍ଦର ଓ ବିଶ୍ୱାସଯୋଗ୍ୟ ପରିବହନକାରୀ ସଂସ୍ଥା ଭାବେ ରେଳବାଇ ଆଦୃତ ହୋଇପାରିଥିବାବେଳେ ୨୦୨୩ରୁ ଯେଉଁଭଳି ଭାବେ ଦୁର୍ଘଟଣାଜନିତ ସମସ୍ୟାର ସମ୍ମୁଖୀନ ହେଉଛି, ପୂର୍ବରୁ କେବେ ଦେଖାଯାଇନଥିଲା। ବଗି ଲାଇନଚ୍ୟୁତ, ବଗିରେ ଅଗ୍ନିକାଣ୍ଡ, ବଗିକୁ ଛାଡି ଇଂଜିନ ଚାଲିଯିବା, ସିଗ୍ନାଲ ତୃଟିରୁ ମୁହାଁମୁହିଁ ବା ପଛରୁ ଧକ୍କା ଆଦି ଦୁର୍ଘଟଣା ବୃଦ୍ଧି ପାଇଛି, ଯାହା ରିପୋର୍ଟ କହେ। କେବଳ ଏତିକି ନୁହେଁ, ଇତି ମଧ୍ୟରେ ବନ୍ଦେ ଭାରତ ପରି ଦୃତଗାମୀ ଏବଂ ଯାତ୍ରୀ ସୁଖସ୍ୱାଚ୍ଛନ୍ଦ୍ୟ ପୂର୍ଣ୍ଣ ଟ୍ରେନ ଚଳାଚଳ କରି ସରକାର ବାହାବା ନେଉଥିବାବେଳେ ବୁଲେଟ ଟ୍ରେନ ଚଳାଇବା ପାଇଁ ଯୋଜନା କରିଛନ୍ତି। କିନ୍ତୁ ରେଳବାଇ ସାମାନ୍ୟ ତୃଟିଗୁଡିକୁ ସୁଧାରିପାରିବାରେ ବିଫଳ ହୋଇଥିବାବେଳେ ଦୁର୍ଘଟଣା ରୋକିବା ବା ଆଗୁଆ ସତର୍କ ସୂଚନା ପାଇଁ 'ଅଟୋମେଟିକ୍ ପ୍ରୋଟେକସନ ସିଷ୍ଟମ ବା କବଚ' କାର୍ଯ୍ୟକାରୀ କରିବା ପାଇଁ ୨୦୧୩-୧୪ ବର୍ଷରେ ତତ୍‌କାଳୀନ ରେଳମନ୍ତ୍ରୀ ବଜେଟରେ ଘୋଷଣା କରିଥିଲେ। ଇତିମଧ୍ୟରେ ଗୋଟିଏ ଦଶନ୍ଧି ବିତିଯାଇଥିବାବେଳେ ଦେଶରେ ୬୯ହଜାର କିଲୋମିଟର ରେଳପଥ ମଧ୍ୟରୁ ମାତ୍ର ୧୪୬୫ କିଲୋମିଟର ଓ ୧୩୯ ଲୋକୋମୋଟିଭରେ 'କବଚ' ବ୍ୟବସ୍ଥା ୨୦୨୪ ଫେବୃୟାରୀ କେବଳ ଦକ୍ଷିଣ କେନ୍ଦ୍ରୀୟ ରେଳବାଇରେ କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ, କବଚ ପାଇଁ ୨୦୧୩-୧୪ରେ ଯେତିକି ବ୍ୟୟ ବରାଦ କରାଯାଇଥିଲା, ୨୦୨୩-୨୪ରେ ତାହା ୯ଗୁଣ ବୃଦ୍ଧି ପାଇଁ ୨.୪ ଲକ୍ଷ କୋଟିରେ ପହଁଚିଲାଣି। ଗୋଟିଏ ପଟେ ଦେଶରେ ରେଳବାଇରେ ଦୁର୍ଘଟଣା ବଢି ଚାଲିଥିଲାବେଳେ ଅନ୍ୟପଟେ କବଚ ବ୍ୟୟଭାର ବଢିଚାଲିଛି। ଏହାରି ମଧ୍ୟରେ ବନ୍ଦେ ଭାରତ ପରି ଦୃତଗାମୀ ଓ ବିଳାସପୂର୍ଣ୍ଣ ଟ୍ରେନ ଚଳାଚଳର ଶୁଭାରମ୍ଭ କରିଥିବାବେଳେ ବୁଲେଟ ଟ୍ରେନ ଚଳାଚଳର ସ୍ୱପ୍ନ ଦେଖିଲେଣି। ଏଭଳି ସ୍ଥଳେ ଯାତ୍ରୀ ନିରାପତା ଏକ ପ୍ରକାର ଗୁରୁତ୍ୱହୀନ ହୋଇପଡିଛି ବୋଲି କହିଲେ ହୁଏତ ଅତିରଞ୍ଜିତ ହେବ ନାହିଁ। ଏହା ନିସନ୍ଦେହ ଯେ, ଭାରତୀୟ ରେଳବାଇ ଯାତ୍ରୀ ଓ ମାଲ ପରିବହନରେ ଦେଶର ଏକ ଅବିଚ୍ଛେଦ୍ୟ ପରିବହନ ଢାଞ୍ଚାରେ ପରିଣତ ହୋଇଛି। ନିରାପତ୍ତା ଯାତ୍ରୀଙ୍କ ପ୍ରଥମ ଓ ପ୍ରଧାନ ଅଧିକାର। ଏଥିପ୍ରତି ସରକାର ସଚେତନ ହେବା ଜରୁରୀ। ପ୍ରତି ଦୁର୍ଘଟଣାର ବିସ୍ତୃତ ତଦନ୍ତ କରି ଏହାର ନିରାକରଣ ପାଇଁ ବିହିତ ପଦକ୍ଷେପ ନେବା ଆବଶ୍ୟକ। ନୂଆ ଆଧୁନିକ ଟ୍ରେନ ନୁହେଁ, ପ୍ରଥମେ ଯାତ୍ରୀଙ୍କ ନିରାପତ୍ତା ପ୍ରତି ଧ୍ୟାନ ଦିଅ। ଆଗାମୀ ୫ବର୍ଷ ମଧ୍ୟରେ ସରକାର କବଚ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବେ ବୋଲି ଆମର ଆଶା।

*Printed & Published by* **Basanti Roy** on behalf of **Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.**
Editor : **Jayasish Roy** E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : **ଜୟାଶୀଷ ରାୟ**

# ସଂସାର ଚିତ୍ର

**ସୁଦର୍ଶନ ମହାପାତ୍ର**



ସେଦିନ ରାତିରେ ସମସ୍ତେ ଖାଇ ସାରି ଉଠିଲା ବେଳକୁ ପୁଅ ଉଦ୍ଦେଶ୍ୟରେ ମା' କହିଲା-'କାଲି ବୋହୂର ସାବିତ୍ରୀ ପୂଜା ପାଇଁ ଶାଢ଼ି ଆଉ ଫଳମୂଳ ନେଇ ଆସିବୁ,ହେଲା ।'

ଶାଶୁର କଥା ନ ସରୁଣୁ ଚିହିଁକି ଉଠିଲା ବୋହୂ।

-'ସେ ସୁଆଗିଆ କଥା ରଖିଦିଅ। ସବୁ ଖାଲି ଉପରେ ଉପରେ। ପଇସା କୋଉଠି ହେଉଛି ଯେ ଭଲ ଶାଢି ଖଣ୍ଡିଏ ମଣିଷ ପିନ୍ଧିବ ?'

-' ମୁଁ କ'ଣ ମୋ ପାଇଁକି କିଛି କଉଚି କି ? ମଣିଷ ଭଲକଥା କହିଲେ ଆଜିକାଲି ଖରାପ ପରା... !'

ଅଗଣା ପିଣ୍ଡାକୁ ଆଉଜି ବସି ସବୁ ଶୁଣୁଥିଲା ପୁଅ।

-'ଘରେ ବସି ଦି' ଗୁଣ୍ଡା ଠୁଙ୍କି ଦଉଚ ତ, କିଛି ଜଣା ପଡୁନି ଦିହକୁ।' ଶାଶୁ ଉଦ୍ଦେଶ୍ୟରେ ପୁଣି କଥା ବାଢିଲା ବୋହୂ।

-'ମୁଁ ତ ସମସ୍ତଙ୍କ ଆଖିରେ କଣ୍ଟା ! ସବୁ ଖାଇ ଯାଉଛି। ଘରେ କ'ଣ କିଛି କାମ କରୁଚିକି ? ତା'ହେଲେ ମୁଁ ଏଥର ଯିବି ମୂଲ ମଜୁରୀ କରି। ହେଲା !' ଗୁଣୁଗୁଣୁଇଲା ଶାଶୁ।

ମା'ର ଚଢା ଗଳାରେ ଚମକି ପଡ଼ିଲା ବରଜୁ ।

-'କାଲି ଠାରୁ ଦୋକାନରେ ଯାଇ କାମ କରିବୁ ହେଲା।' ସମସ୍ତେ ଶୁଣି ପାରିଲା ଭଳି ମାଆ ଶୋଉଥିବା ଘର ଦୁଆର ମୁହଁରେ ବଡ ପାଟିରେ କହିଲା ଯାଇ ପୁଅ। ଏତିକି ଶୁଣି ବୋହୂ ମୁହଁରେ ଫୁଟି ଉଠିଲା ବିଜୟିନୀର ହସ।

ପର ଦିନ ସକାଳୁ ପୁଅ ବିଛଣା ଛାଡ଼ିଲା ବେଳକୁ ମା' ଉଠି ଚୁପ୍ ଚାପ୍ ଚାଲି ଯାଇଥିଲା ଗାଁ ସେମୁଣ୍ଡରେ ଥିବା ପୁଅର ଚା' ଜଳଖିଆ ଦୋକାନକୁ। ଦୋକାନ ଭିତର ଏବଂ ବାହାର ପରିଷ୍କାର କରି, ପାଣି ଆଣି ସାରି କୋଇଲା ଆଞ୍ଚ ଲଗାଇ ସାରିଲା ବେଳକୁ ପୁଅ ଆସି ପହଞ୍ଚିଲା । କାଲି ରାତିରେ ଯାଉ ସାଉ ଦୁଇ ପଦ କହିଦେଇ ଥିବାରୁ, ସିଧା ଚାହିଁ ପାରୁନଥିଲା ମାଆ ମୁହଁକୁ ।

ଅଳ୍ପ କେତେକ ଗରାଖଙ୍କ କଥା ବୁଝିସାରି, ପ୍ଲେଟ ଭର୍ତ୍ତି ଜଳଖିଆ ବାଢିଦେଲା ମା ପାଇଁ। ଯେତେ ମନାକଲେ ବି ଶୁଣିଲାନି । ଆଉ ଗୋଟିଏ ପ୍ଲେଟରେ ଦୁଇଟି ଖଜା ବି , ମାଆ ଯାହାକୁ ଖୁବ୍ ଭଲପାଏ। ଘରେ ତ' ଏସବୁ ଜିନିଷ ପାଟିରେ ବାଜିବା ମୁସ୍କିଲ। କିଛି ଭଲ ଜିନିଷ ମା'କୁ ଦେଲେ ଆରମ୍ଭ ହୋଇଯାଏ ଠିଆ ପାଲା। ବାପା ଛେଉଣ୍ଡ ପୁଅକୁ ମା ତା'ର ମଣିଷ କରିବାକୁ କି କଷ୍ଟ ଯେ ନ ସହିଛି, ତା ଛଡା କିଏ ଆଉ ବୁଝି ପାରିବ ? ପୁଅ ଭାବନା ରାଇଜରେ ବୁଡ଼ି ଯାଇଥିଲା।

-'ପୁଅ, ତୁ ଆଗ ଖାଇଦେ। ଅଇଣ୍ଠା ବାସନ ଗୁଡାକ ମାଜିଆଣେ। ମୁଁ ପରେ ଖାଇବିନି କି ?'

-'ନା,ମା ! ବୋହୂ ଆଣିଲା ପରଠୁଁ ତୋ ପାଟିରେ ଟିକେ ଭଲ ଦରବ ମୁଁ ଦେଇପାରୁନି। ନିତି ତ ଝଗଡ଼ା। ସେଇଥିପାଇଁ କାଲି ରାତିରେ କହିଥିଲି ତୁ ଦୋକାନରେ ଯାଇ କାମ କରିବୁ। ଖାଲି ତୋ ବୋହୂ ଜାଣୁ ଯେ ତୁ କାମ କରୁଚୁ ବୋଲି। ରାହାବାଳୀଟା ଟିକେ ଶାନ୍ତିରେ ରଖେଇ ଦେଉନି।'

ମାଆ ଅବିଶ୍ୱାସର ଆଖି ନେଇ ଚାହିଁଥିଲା ପୁଅକୁ।

-' ହେଲେ...ତୋର ଏଠି କିଛି କରିବା ଦରକାର ନାହିଁ। ଏବେ ଟିକେ ଶାନ୍ତିରେ ଖାଆ ମାଆ।' ଅନୁନୟ ହେଲା ଭଳି କଣ୍ଠରେ କହିଲା ପୁଅ।

ପୁଅ ତା'ର ବଦଳି ଯାଇନି ଜମା..! ଆଶ୍ୱସ୍ତ ହେଲା ମାଆ।

ତା' ଆଖିରେ ଶୋଭା ପାଉଥିଲା ସମୁଦ୍ରେ ଖୁସିର ଲୁହ...!

କୁଞ୍ଜବିହାରୀ ଲେନ, କଟକ
ମୋ-୯୪୩୮୧୭୫୫୪୨

# ଗୋଟେ ବାପାର ମନ

**ସତ୍ୟନାରାୟଣ ପ୍ରଧାନ**

ସେଦିନ ପପୁ ରଜ ସଂକ୍ରାନ୍ତିର ସନ୍ଧ୍ୟାରେ ଘର ପାଖ ଅଣ୍ଟିଆ ବଜାରକୁ ପିଲାମାନେ ଖାଲି ପୋଡ଼ ପିଠା ନ ଖାଇ ସେଥିରେ ଘୁଗୁନି ଲଗାଇ ଖାଇବାକୁ ଅଝଟ କରିବାରୁ କିଣିବାକୁ ଯାଇଥିଲା । ପର୍ବରେ ପିଠା ଓ ମିଠାର ଅଭାବ ନ ଥିବାରୁ ଦୋକାନୀକୁ କେବଳ ଘୁଗୁନି ଟିକେ ମାଗିବାକୁ ନିଜର ଇଛା ନ ଥିବା ସତ୍ତ୍ୱେ ଦେବାକୁ ହସି ଦେଇ କହିଥିଲା । ଦୋକାନୀ ତେଲ ଭାଜି ଜିନିଷ ନ କିଣିଲେ ଦେବ ନାହିଁ ସିଧା ମନା କରି ଦେଇଥିଲା । ସେ ଏପରି କଥା ଶୁଣି ବିନା ଦ୍ୱିଧାରେ ନମ୍ର ସ୍ୱରରେ ଯାହା ତୁମର ଇଛା କହି ସେଠାରୁ ଚାଲି ଆସିଥିଲା । ଦୋକାନୀର ମନକୁ କ'ଣ ଆସିଲା କେଜାଣି ପଛରୁ ନେବାକୁ କହିବାରୁ ପପୁ ତା ଠାରୁ ଯାହା ଦାମ୍ ହାତରେ ଧରାଇ ଘରକୁ ନେଇ ଆସିଥିଲା । ଘରେ ପହଞ୍ଚିବା ପରେ ତାକୁ ଘଟିଥିବା ଘଟଣା ଭଲ ନ ଲାଗିବାରୁ ସବୁ କଥା ଖୋଲି ପରିବାର ଆଗରେ ଜଣାଇ ଥିଲା । ସମାଜରେ ପରିବାର ଲୋକ ସ୍ୱାଭିମାନର ସହିତ ଜୀବନ ବିତାଉ ଥିବାରୁ ସେ ଦେବାକୁ ପ୍ରଥମରୁ ମନା କରି ଅପମାନିତ କଲା ପରେ ତା ଠାରୁ କାହିଁକି ଆଣିଲୁ ବୋଲି ସମସ୍ତେ ଆଶ୍ଚର୍ଯ୍ୟ ହୋଇ ଚାହିଁ ରହିଥିଲେ । ପପୁ ସମସ୍ତଙ୍କ ମନରେ ଉଙ୍କି ମାରିଥିବା ଭାବନାକୁ ଦୂର କରିବା



ନିମନ୍ତେ ସେ ଦୋକାନୀ ଠାରୁ ଯାହା ଶୁଣିଥିଲା ଅନ୍ୟ କେହି ହୋଇଥିଲେ ଯେତେ ପଛରୁ ଡାକିଲେ ମଧ ନ ନେଇ ଚାଲି ଆସିଥାନ୍ତା । ଖାଲି ହାତରେ ଫେରି ଆସିଥିଲେ ପିଲାମାନେ କୌଣସି କଥା ବୁଝି ନ ପାରି ରଜ ଭଳି ପର୍ବରେ କନ୍ଦା କଟା କରିଥିଲେ ମଣିଷ ହିସାବ ଅପେକ୍ଷା ଗୋଟେ ବାପାର ମନ ବୋଲି ମୋଟେ ସହି ପାରି ନ ଥାନ୍ତା ସେଥିପାଇଁ ନିରୁପାୟ ହୋଇ ଆଣିବାକୁ ବାଧ ହୋଇଥିଲି ଆଖିରୁ ବହି ଯାଉଥିବା ଲୁହକୁ ପୋଛି କହୁଥିଲା । ପୁଅ ତାର ବାପା ହେବା ପରେ ସନ୍ତାନ ମାନଙ୍କ ଲାଗି ନିଜ କର୍ତ୍ତବ୍ୟ ପାଳନ କରିଥିବାରୁ ସମସ୍ତେ ହସି ପକାଇ ସାବାସ ଜଣାଇବାରେ ମୋଟେ ବିଳମ୍ବ କରି ନ ଥିଲେ । ସେ ସମୟରେ ପପୁ ଟିକେ ମୁରୁକି ହସି ଦୋକାନୀକୁ ଧନ୍ୟବାଦ୍ ଦେଇ ଆସିବା କଥା କହିବାକୁ ଭୁଲି ଯାଇଥିଲା ବୋଲି କହି ଦେଇଥିଲା ।

ଜିଲ୍ଲା - ଯାଜପୁର,
ପିନ୍-୭୫୫୦୨୩,
ମୋ -୯୧୭୮୩୧୩୬୪୪

# ଅମୃତଭଣ୍ଡା

**ଲଳିତ ମୋହନ ମିଶ୍ର**



ହଇ ହେ... ଶୁଣୁଛ ଟି... ଏତେ ଗୁଡ଼ିଏ କଞ୍ଚା ଅମୃତଭଣ୍ଡା କ'ଣ ପାଇଁ ଆଣିଲ ? କିଏ ଖାଇବ ? ତୁମେ ତ ଜାଣିଛ ତ.. ମୋତେ ଭଣ୍ଡା ପସନ୍ଦ ନାହିଁ । ପିଲାମାନଙ୍କୁ ଭଣ୍ଡା କଥା କହିଲେ ଡେଉଁଛନ୍ତି । ଏତେ ଗୁଡିଏ ଭଣ୍ଡା କ'ଣ କରିବା ? ପତ୍ନୀ ସ୍ୱାମୀଙ୍କୁ ବିରକ୍ତ ହୋଇ କହୁଥାଆନ୍ତି ।

ଆରେ ! ଭାଗ୍ୟବତୀ... ଏହାକୁ ତରକାରୀ କରିଦିଅ, ଡାଲମାରେ ପକାଅ ନଚେତ୍ ଆମ୍ବିଳା କରିଦିଅ ।

ମୁଁ ଜାଣି ପାରୁନାହଁ, ତୁମକୁ କେତେଥର ମନା କରିଛି । କଞ୍ଚା ଅମୃତଭଣ୍ଡାକୁ ଘରେ କିଏ ପସନ୍ଦ କରୁ ନାହାଁନ୍ତି । କାହିଁକି ଆଣି ଅଜଥାରେ ଗାଳି ଶୁଣୁଛ, ଏପଟେ ଫିଙ୍ଗା ହେଉଛି ।

ସ୍ୱାମୀ କହିଲେ... ସତରେ କଣ 'ତୁମକୁ ଅମୃତଭଣ୍ଡା ତରକାରୀ ଆଦୌ ପସନ୍ଦ ନାହିଁ, ପିଲାମାନେ ସନ୍ତୁଳା ଆମ୍ବିଳା କଲେ ଖାଇବେ ନାହିଁ । କଞ୍ଚା ଅମୃତଭଣ୍ଡା ଘରେ କେହି ପସନ୍ଦ କରୁନଥିବା ବେଳେ ଅଯଥାରେ କାହିଁକି ଏତେଗୁଡିଏ ଭଣ୍ଡା ଆଣିଲ, ମୁଁ ବୁଝିପାରୁନି ? ପତ୍ନୀ ଅଧିକ ବିରକ୍ତ ହୋଇ କହିଲେ।

ମୁଁ ତୁମକୁ ଗୋଟିଏ ସତ କଥା କହିବି, ରାଗିବ ନାହିଁ ତ.. ? କ'ଣ ହୋଇଛି କି... ମୁଁ ଓ୍ୱାକିଂ ସାରି ଘରକୁ ଫେରୁଥିଲି, ରାସ୍ତା କଡ଼ରେ ବୁଢୀଟିଏ କଞ୍ଚା ଅମୃତଭଣ୍ଡା ବିକ୍ରି କରୁଥିଲା । ସେ ଜଣେ ମହିଳାଙ୍କୁ କହୁଥିଲା, 'ଭଉଣୀ ! ଅମୃତଭଣ୍ଡା ତକ ନେଇ ଯାଅ। ଦୁଇ ଦିନ ହେଲା ମୋ ଘର ଚୁଲି ଜଳି ନାହିଁ। ଏହାକୁ କମ୍ ଦାମରେ ନେଇ ଯାଆନ୍ତୁ। କିନ୍ତୁ ବୁଢୀ ଯାହା କହିଲେ ବି କେହିହେଲେ ତାର ଅମୃତଭଣ୍ଡା କିଣିଲେ ନାହିଁ। ମୋର ତା ପ୍ରତି ଦୟା ଆସିଲା । ମୁଁ ବୃଦ୍ଧାଙ୍କୁ ପଚାରିଲି

- ମା' ଆପଣ ଏହି ଅମୃତଭଣ୍ଡାକୁ କେତେ ଟଙ୍କାରେ ଦେବେ ? ସେ କହିଲା, 'ପୁଅ ! ତୁମେ ଯାହା ଦେଉଛ ଦିଅ। ଭଗବାନ ତୁମକୁ ଆଶୀର୍ବାଦ କରିବେ। ମୁଁ କ'ଣ କରିପାରିବି ପୁଅ, ମୁଁ ବହୁତ ଗରିବ ନୋକ । ଘରେ ଦୁଇ ଚାରିଟି ଅମୃତଭଣ୍ଡା ଗଛ ଅଛି। ସେଗୁଡ଼ିକ ହେଉଛନ୍ତି ମୋ ଜୀବନଧାରଣର ସାହାରା। କିଛି ଦିନ ତଳେ ପାଚିଲା ଅମୃତଭଣ୍ଡା ବିକ୍ରି କରୁଥିଲି । ସେଥିରେ ଦୁଇ ଓଳି ଚୁଲା ଜଳୁଥିଲା। କିନ୍ତୁ ଏବେ ପାଚିଲା ଅମୃତଭଣ୍ଡା ସରିଲା । କଞ୍ଚା ଭଣ୍ଡା ଲୋକ ନେବାକୁ ସେତେ ଆଗ୍ରହୀ ନୁହଁନ୍ତି । ଘରେ ମୋର ଛୋଟ ନାତୁଣୀଟିଏ । ଘରେ ଦୁଇ ଦିନ ହେଲା ଭୋକିଲା । ଦୁଇ ବର୍ଷ ତଳେ ପୁଅ ବୋହୂ କରୋନାରେ ଚାଲିଗଲେ । ସେବେଠାରୁ ମୋର ସାହାରା ହୋଇଛି ଏହି ଅମୃତଭଣ୍ଡା ଗଛ । ତାଙ୍କରି ଦ୍ୱାରା ଜୀବନ ବିତାଉଛି। ମୁଁ ଶହେ ଟଙ୍କାରେ ତାଙ୍କ ସମସ୍ତ ଅମୃତଭଣ୍ଡା କିଣିଲି ।

ସ୍ୱାମୀଙ୍କ ଡର ଡର କଥାରେ ପତ୍ନୀଙ୍କ ଆଖିରୁ ଅଜାଣତରେ ଲୋତକ ଝରି କପୋଳ ଦେଇ ବୋହି ଆସିଲା । ପତ୍ନୀ ଲୋତକାପ୍ଲୁତ ଓଠରେ କହିଲେ, 'ଓହ ! ଗରିବ ଅସହାୟ ବୁଢୀଟିକୁ ଶହେ ନୁହେଁ ବରଂ ଦୁଇଶହ ଦେଇଥାଆନ୍ତେ... ସେମାନଙ୍କର ଆଶୀର୍ବାଦ ଆମକୁ କେତେ ଟଙ୍କା ଦେବ... । ଏହା ଶୁଣି ସ୍ୱାମୀ ନିର୍ବାକ୍ ହୋଇ ପତ୍ନୀଙ୍କୁ ଚାହିଁ ରହିଥିଲେ....



ଅରବିନ୍ଦ ନଗର, ଲେଙ୍କୁଡପଡା,
ନୟାଗଡ଼, ମୋ-୯୪୩୭୯୮୫୮୬

# ବାପାଙ୍କର ଔଷଧ..

**ମୂଳ ହିନ୍ଦୀ-ଗୋବିନ୍ଦ ଶର୍ମା**
**ଅନୁବାଦ-ମନୋଜ କୁମାର ବେହେରା**

ଚଉଦ ବର୍ଷର ବିକାଶ କ'ଣ କରିବ । ପ୍ରଥମେ ସ୍କୁଲ,ତା'ପରେ କାମ ଏବେ ସମୟ ହେଲା ତା'ର ଗୋଡ ଘର ଆଡକୁ ଗଲା । ଆଜି ସେ ଟିକେ ଖୁସି ଥିଲା । କାରଣ ତା'ର ବାକି ଥିବା ପଇସା ଆଉ ତା' ସହିତ ମାଲିକ ତାକୁ କିଛି ଟଙ୍କା ମଧ୍ୟ ଆଡଭାନସ୍ ଦେଇଥିଲେ । ଅସୁସ୍ଥ ପିତାଙ୍କର ଔଷଧର ପ୍ରେସ୍କିପସନ୍ ତା' ସାର୍ଟ ପକେଟ ଭିତରେ ସୁଲୁସୁଲିଆ ପବନରେ ଫଡ୍ଫଡ୍ ହେଉଥିଲା । ହଠାତ୍ ତା'ର ଗୋଡ ଘର ଆଡକୁ ଯିବା ବଦଳରେ ଔଷଧ ଦେକାନ ଆଡକୁ ବଢିଗଲା । ଦୋକାନରେ ଟିକେ ଭିଡ ଥିଲା । ସେ ମଧ୍ୟ ନିଜର ପ୍ରେସ୍କିପସନ୍କୁ ଦୋକାନୀକୁ ଧରେଇ ଦେଲା । ପ୍ରଥମେ ସେ ଏପଟ ସେପଟକୁ ଟିକଏ ଅନେଇଲା ଆଉ ତା'ପରେ କାଉଣ୍ଟରରେ ରଖା ଯାଇଥିବା ପ୍ରେସ୍କିପସନ୍ ଉପରେ ରଖା ଯାଇଥିବା ଔଷଧକୁ ବଡ ଆଖିରେ ଟିକେ ଦେଖିବାକୁ ଲାଗିଲା । ଅଚାନକ ସେ ସେହି ପ୍ରେସ୍କିପସନ୍ ଆଉ ମେଡିସିନ୍କୁ ଧରି ଜୋର୍‌ରେ ଦୌଡି କରି ବାହାର ଆଡକୁ ଚାଲିଗଲା । ଦେକାନୀ ପାଟିକରି କହୁଥାଏ..ଧର..ତାକୁ ଧର..ଚୋର..ଚୋରର ଶବ୍ଦ ତାକୁ ବେଶୀ ସମୟ ପର୍ଯ୍ୟନ୍ତ ଶୁଣା ଗଲାନି କାହିଁକିନା ସେ ଦୌଡିକରି ବହୁତ ବାଟ ପର୍ଯ୍ୟନ୍ତ ଚାଲି ଆସିଥିଲା । ଏବେ ସେ ଟିକେ ଗୋଟିଏ ଜାଗାରେ ବସି ପଡିଲା ଆଉ ଔଷଧର ମୁଣି ଆଉ ପ୍ରେସ୍କିପସନ୍ ଉପରେ ଲେଖା ହେଇଥିବା ନାଁକୁ ପଢିଲା । ସେହି କାଗଜଟା ତା' ବାପାଙ୍କର ନଥିଲା । ପଚାଶ ବର୍ଷୀୟ ଅନ୍ୟ ଜଣେ ପୁରୁଷଙ୍କର ନାଁ ଲେଖା ହୋଇଥିଲା । ସେ ପୁଣି ଥରେ ଦୋକାନକୁ ଫେରି ଆସିଲା । କାଉଣ୍ଟର ପାଖରେ ଔଷଧ ଆଉ ପ୍ରେସ୍କିପସନ୍ ରଖିକରି କହିଲା,ଏହାକୁ ଧରି ମୁଁ ଏଠାରୁ ଦୌଡିକରି ପଳେଇ ଯାଇଥିଲି । ଏହା ଶୁଣି ଦୋକାନୀ ବାଡି ଧରିକିର ଆସିଲା ତାକୁ ବାଡେଇବା ପାଇଁ । ଏହା ଦେଖି ବିକାଶ କହିଲା,ମୁଁ ଯେଉଁ ଏହି ଚୋରି କଲି ସେଥିପାଇଁ ମୁଁ ଅନୁତାପ କରୁନି । ମୁଁ ତ ଏହାକୁ ଏଥିପାଇଁ ଫେରେଇବାକୁ ଆସିଥିଲି ଯାହାର ଏହି କାଗଜ,ସେ ଆଉ କାହାର ପିତା ହୋଇଥିବେ । ବିନା ଔଷଧରେ ପିତାଙ୍କର ଅବସ୍ଥା କେମିତି ହୋଇଥାଏ,ଏହା ମୁଁ ଭଲ ଭାବରେ ଜାଣିଛି । ଦେକାନୀ ଏହା ଶୁଣିଲା ମାତ୍ରେ ତାଙ୍କ ହାତରୁ ବାଡି ଖସି ପଡିଲା ।




ପ୍ଲଟ ନମ୍ବର-୨୧୭/ପି,
ବାୟାବାବା ମଠ ଲେନ୍,
ୟୁନିଟ୍-୯(ଫ୍ଲାଟ), ଭୁବନେଶ୍ୱର-୨୨
ଫୋନ୍-୭୯୭୮୮୩୦୬୧୧

# ଗହଣା ବାକ୍ସ

**ରାଇ ଚରଣ ଦାସ**

ମନଟା ଭଲ ଲାଗୁନି । ଖଟଟା ଉପରେ କାଠଗଡ଼ ଭଳି ପଡ଼ିରହିଥିଲେ ମିସେସ ମହାନ୍ତି । କାହା ପାଇଁ ଦାୟିତ୍ୱ ଆଉ କିଛି ନାହିଁ ଯିଏ ଯେଝା ବାଟରେ ଗଲେଣି । ଘରକାମ ତ କେବେ ହାତରେ କରିନାହାନ୍ତି । କେବଳ ରନ୍ଧାବଢ଼ା ତଦାରଖ ଟିକେ କରୁଥିଲେ, ତା'ବି କିଛିଦିନ ହେବ ବନ୍ଦ ଅଛି । ହାତରେ ଚା କପ୍ ବି କୌଣସି ଦିନ ସେ କରିନାହାନ୍ତି । କିଛିଦିନ ତଳେ ମୁଣ୍ଡ ବୁଲେଇ ହେବାରୁ ଡାକ୍ତରଙ୍କ ପାଖକୁ ନେଇ ଯାଇଥିଲେ ମିଷ୍ଟର ମହାନ୍ତି । ଚେକ୍ଅପରୁ ଜଣାପଡିଲା, ହାଇ ବ୍ଲଡ୍ ପ୍ରେସର ସାଙ୍ଗକୁ ଡାଇବେଟିସ୍ । ତା'ପରଠାରୁ ସ୍ୱାମୀଙ୍କ ତତ୍ତ୍ୱାବଧାନରେ ରେଗୁଲାର ମେଡିସିନ୍ ନେବା, ଠିକ୍ ସମୟରେ ଉପଯୁକ୍ତ ଡାଏଟ୍ ନେବା ଛଡ଼ା ଏ ଖଟଟା ହେଉଛି ତାଙ୍କର ଅନ୍ତରଙ୍ଗ ବାନ୍ଧବୀ । ବୟସ ଷାଠିଏ ପାଖାପାଖି ହେଲାଣି । କେବେକେବେ ଥଣ୍ଡା କିମ୍ବା ଜ୍ୱର ଛଡା ତାଙ୍କର ଆଉକିଛି ରୋଗ ନଥିଲା । ହେଲେ କିଛିଦିନ ହେବ ଶାରୀରିକ ଅସୁସ୍ଥତା ସହ ମାନସିକ ଅସ୍ଥିରତା ବି ବଢ଼ିଯାଇଛି । ଗୋଟେ ଚିନ୍ତା ତାଙ୍କୁ ଗ୍ରାସକରିଛି, ସେ ବୋଧହୁଏ ଆଉ ବଞ୍ଚିବେନି । ସେଥିପାଇଁ ପୁଅଝିଅଙ୍କ ପାଖକୁ ଘନଘନ ଫୋନ୍ କରୁଛନ୍ତି । ଯିଏ ଯେତେ ବୁଝାଇଲେ ବି ମନ ତାଙ୍କର ବୁଝୁନି । ସମସ୍ତଙ୍କର ସେଇ ଏକା କଥା, ଔଷଧ ଖାଇ ଟିକେ ରେଷ୍ଟ ନେଲେ ସୁଗାର ଆଉ ବ୍ଲଡ୍ ପ୍ରେସର ଦିଟା ଯାକ ନରମାଲ୍ ହୋଇଯିବ।

ଦୁଇ ପୁଅ, ଦୁଇ ଝିଅଙ୍କୁ ନେଇ ସଂସାର ମିସେସ୍ ମହାନ୍ତିଙ୍କର । ହେଲେ ଏ ରୋଗ ସମୟରେ କେହିହେଲେ ପାଖରେ ନାହାନ୍ତି । ଯଦି ସେ ମରିଯାନ୍ତି ତେବେ କ'ଣ ହେବ ତାଙ୍କର ଏତେ ଧନସମ୍ପତ୍ତି, ବ୍ୟାଙ୍କ୍ ବାଲାନ୍ସ ଆଉ ଏ ବିଶାଳକାୟ ବଙ୍ଗଳା । ଆଉ ସର୍ବୋପରି ତାଙ୍କର ଅତି ପ୍ରିୟ ଗହଣାବାକ୍ସଟି । ଶାଶୂଘରକୁ ବାହାହୋଇ ଆସିଥିଲେ ମାତ୍ର ଷୋ'ଳ ବର୍ଷ ବୟସରେ । ବାପଘରୁ ଆଣିଥିବା ସବୁ ଅଳଙ୍କାର ନିଜେ ନ ରଖି ଶାଶୂଙ୍କୁ ଦେଇଥିଲେ ରଖିବା ପାଇଁ; ମା' ପଣତର ଆଶ୍ରାଛାଡ଼ି ଶାଶୂଘରେ ଶାଶୂଙ୍କ ପଣତରେ ବାନ୍ଧି ହୋଇଯାଇଥିଲେ । ଶାଶୁ ମଧ ସ୍ନେହ ମମତାରେ ବାନ୍ଧି ନେଇଥିଲେ ତାଙ୍କ ମନ । ଦୁଇଟି ଛୁଆର ମା ହେବା ପର୍ଯ୍ୟନ୍ତ ଶାଶୂ ଛାଡ଼ି ନଥିଲେ ସ୍ୱାମୀଙ୍କ ସହିତ ଚାକିରି ଜାଗାକୁ ; କହିଲେ କୁହନ୍ତି ତୁ ତ ସରକାରୀ ଅଫିସର ହୋଇଛୁ । ତତେ ଚାକର, ପୂଜାରୀ, ମାଳୀ, ଘର ସବୁ ମିଳିଛି ତୋର ଅସୁବିଧା କ'ଣ । ମୋ ବୋହୁ ସେଠି ଏକୁଟିଆ। ପିଲା ଦିଟାକୁ ଧରି କେମିତି ଚଳିବ । ତେଣୁ ଇଚ୍ଛା ଥିଲେ ବି ସ୍ତ୍ରୀକୁ ସାଙ୍ଗରେ ନ ନେଇ ଫେରି ଯାଆନ୍ତି ନିଜର କର୍ମସ୍ଥଳିକୁ ମିଷ୍ଟର ମହାନ୍ତି । କିଛିଦିନ ଭିତରେ ମା ବି ପୁଅର ମନବୁଝି ଅଟକାନ୍ତି ନାହିଁ ବୋହୁକୁ; ହେଲେ ଏକୁଟିଆ ନୁହେଁ ଶାଶୁଙ୍କର ଆଶ୍ରାରେ ପ୍ରତିପାଳିତ ହେଉଥିବା 'ରୁଦ୍ର' ଆଉ 'କୁନି' ସ୍ୱାମୀ-ସ୍ତ୍ରୀ ଦୁହିଁଙ୍କୁ ତାଙ୍କ ସାଙ୍ଗରେ ଛାଡନ୍ତି । ଆଉ ସେବେଠାରୁ ଏ ଦୁଇଜଣ ଘରର ସବୁକାମ ସାଙ୍ଗକୁ ପିଲାମାନଙ୍କ କାମ ଆପଣା ଛାଏଁ କରିଚାଲନ୍ତି । ବଡ ପୁଅଝିଅଙ୍କ ତଳେ ସାନ ପୁଅଝିଅ ଦୁଇଟା, ସମସ୍ତଙ୍କୁ ପାଳିଛନ୍ତି ଏଇ ରୁଦ୍ର ଓ କୁନି ସହାୟତାରେ ମିସେସ ମହାନ୍ତି । ସେଥିପାଇଁ ମିସେସ ମହାନ୍ତି କେବେ କିଛି ଦେବାକୁ ଚାହିଁଲେ ସେମାନେ କୁହନ୍ତି ତମେ ତ ଆମର ମା-ବାପା, ଆମର ସବୁକଥା ତ ବୁଝୁଛ , ଗାଁରେ ମା' ସାନ୍ତାଣିତ ଆମକୁ ସବୁ ଦେଇଛନ୍ତି । ଫେର ଟଙ୍କା, ପଇସା ଗୋଟାଏ କ'ଣ ! ଏମିତି ଆପଣା ପଣରେ ସ୍ୱାମୀ-ସ୍ତ୍ରୀ ଦୁଇଜଣ ପିଲାମାନଙ୍କୁ ବଡ କରିଛନ୍ତି । ତାଙ୍କରି



ମୁହଁକୁ ଚାହିଁ ପିଲାଛୁଆ ନଥିବାର ଦୁଃଖକୁ ସେ ଦୁହେଁ ପାସୋରି ପକାନ୍ତି । ଶାଶୂଘରୁ ଆସିବାବେଳେ ଏଇ ରୁଦ୍ର, କୁନି ଦୁଇଜଣଙ୍କ ଛଡା ଆଣିଥିଲେ ଶାଶୂ ଦେଇଥିବା ଗୋଟେ ବଡ ପିତଳ ଗହଣା ବାକ୍ସ । ସେଥିରେ ସେ ବାପଘରୁ ଆଣିଥିବା ସମସ୍ତ ଗହଣାସହ ଆହୁରି ପ୍ରାୟ ସେତିକି ଗହଣା ଶାଶୂ ଭରି ଦେଇଥିଲେ, କହିଥିଲେ ସାବଧାନରେ ରଖିବୁ । ସେବେଠୁ ଏହି ଗହଣାବାକ୍ସ ସହ ତାଙ୍କର ସମ୍ପର୍କ ଅତି ନିବିଡ଼ । ନୂଆ ଆଇଟମ୍ ତିଆରି କରି ଖୁଆନ୍ତି । ତଥାପି ତାଙ୍କ ଦୁଇପୁଅ ତାଙ୍କର ଇଞ୍ଜିନିୟର। ହେଲେ ଦୁଇଜଣ ଯାକ ବାହାହେଲେ ତାଙ୍କ ନିଜ ପସନ୍ଦର ଅଣଓଡିଆ ଝିଅ ଦୁଇଟିକୁ, ତାଙ୍କରି ସହକର୍ମୀମାନଙ୍କୁ; ସେ ବାବଦରେ ଭାରି ଦୁଃଖ ତାଙ୍କର । ନିଜ ବୋହୁ ବେଳର କଥା ଭାବି କାନ୍ଦ କାନ୍ଦ ହୋଇଯାଆନ୍ତି । ଏମିତିରେ ବୋହୁ ଦୁଇଜଣ ଦେଖିବାକୁ ସୁନ୍ଦର । ଚାକିରୀ କଲେ ମଧ ଗୃହକର୍ମ ନିପୁଣା । ଘରକୁ ଆସିଲେ ତାଙ୍କ ସହିତ ପ୍ରାଞ୍ଜଳ ଓଡିଆ ଭାଷାରେ କଥା ହୁଅନ୍ତି । ତାଙ୍କ ଖାଇବା, ପିଇବା କୁନିଠାରୁ ବୁଝି ନିଜେ ତିଆରି କରି ଦିଅନ୍ତି । ଅନେକ ନୂଆ ମନ ବୁଝେନି, କେମିତି ଗୋଟେ ପର ପର ଭାବ ଆବୋରି ବସେ ତାଙ୍କୁ । ଅନେକ ଥର ସେମାନେ ଡାକିଲେ ବି ପୁଅ ବୋହୁଙ୍କ ସାଙ୍ଗରେ ସେ ଯାଇପାରନ୍ତିନି ସେମାନଙ୍କ ଘରକୁ । ମିଷ୍ଟର ମହାନ୍ତି ଥଟ୍ଟା କରି କୁହନ୍ତି ତମେ ତ ତମ ବୟସ ବେଳଯାକ ତୁମ ଗହଣା ବାକ୍ସ ଜଗିକି ରହିଲ, ମୋ ସାଙ୍ଗରେ ବି କୁଆଡେ ବାହାରିଲନି । ଅନେକଥର କହିଛି ବାକ୍ସଟାକୁ ଲକରରେ ରଖିଦେବା ଚାଲ, ହେଲେ ଶୁଣନି କେବେ ଦିନେ ମୋ କଥା । ଜୀବନଟା ସାରା ଏଇ ବାକ୍ସର ମୋହର ବାନ୍ଧି ହୋଇ ରହିଲ ।

ଆଜି ଭାବୁଛନ୍ତି ମିସେସ୍ ମହାନ୍ତି – ସତରେ କେତେ ସତ ତାଙ୍କର ସ୍ୱାମୀ, ଏ ବୁଢ଼ୀ ବୟସରେ ବି କିଛିଦିନ ଅନ୍ତରରେ ଗହଣାଗୁଡିକୁ ଖୋଲି ଦେଖିବାରେ ତାଙ୍କର ଅପାର ଆନନ୍ଦ । ଝିଅ ଦୁଇଟି ତାଙ୍କର ବାହା ହୋଇଛନ୍ତି । ସେମାନଙ୍କୁ ସେମାନଙ୍କର ମନ ମୁତାବକ ଗହଣା କିଣି ଦେଇଛନ୍ତି । ହେଲେ ତାଙ୍କ ଗହଣାକୁ ସେ ସେମିତି ସୁରକ୍ଷିତ ରଖୁଛନ୍ତି । ଆଜି ତାଙ୍କର ନିଜ ଉପରେ ଭାରି ରାଗ ହେଲା । ସବା ସାନ ଝିଅ ତାଙ୍କର ଭାରି ଗେଲ ବସର । ସମସ୍ତଙ୍କଠାରୁ ସ୍ନେହ ମମତା ପାଇ ପାଠ ପ୍ରତି ବିଶେଷ ଧ୍ୟାନ ଦେଉନଥିଲା, ହେଲେ ପାସ୍ କରି କରି ଯାଉଥିଲା । କଲେଜରେ ପଢ଼ିଲା ବେଳେ ନିଜ ଶରୀରକୁ ସଜେଇ ହେବାକୁ ଭାରି ଭଲପାଏ । ମା'ର ହାର, ଖଡୁ ପିନ୍ଧି ସାଙ୍ଗମାନଙ୍କ ସାଙ୍ଗରେ ପାର୍ଟି, ପିକ୍ନିକ୍ ଚାଲିଯାଏ । ସେଇ ଚାପସରି ହାର ଆଉ ପଥର ବସା ଖଡୁ କେତେ ସୁନ୍ଦର ମାନେ ତାଙ୍କ ଝିଅକୁ । ପି.ଜି ନସରୁଣୁ ଆଇ.ଏ.ଏସ୍. ପ୍ରସ୍ତାବଟେ ଜୁଟିଗଲା, ଆଉ ଝିଅ ତାଙ୍କର ବାହା ହୋଇ ଶାଶୁ ଘରକୁ ଚାଲିଗଲା । ବଡ ଝିଅ ତାଙ୍କର ଚାକିରୀ କରିଛି । ସାଇଣ୍ଟିଷ୍ଟ ଅଛି । ସବୁଦିନେ ସେ ପୁସ୍ତକ କୀଟ ଟିଏ; ବହି-ପାଠ-ରିସର୍ଚ୍ଚରେ ସବୁବେଳେ ମାତି ଥାଏ । ତାଙ୍କରି ପସନ୍ଦର ପୁଅଟିଏ ସହିତ ତାକୁ ବାହା ଦେଲେ । ହେଲେ ସେଇ ଚାକିରୀ ଯୋଗୁଁ ଝିଅ, ଜ୍ୱାଇଁ ସବୁବେଳେ ଅଲଗା ଅଲଗା ରହିବାକୁ ବାଧ ହେଉଛନ୍ତି । ଦୁଇଟି ଛୁଆ ଧରି ଝିଅ ପ୍ରାୟ ଏକା ରହେ । କେତେ ଅଳି କରେ ମଝିରେ ମଝିରେ ତା ପାଖରେ ରହିବା ପାଇଁ, ହେଲେ ସବୁଥର ସେ ଏଡେଇ ଯାନ୍ତି କିଛି ବାହାନା କରି ।

ପଛକଥା ସବୁ ଏମିତି ମନେ ପଡୁଛି ମିସେସ୍ ମହାନ୍ତିଙ୍କର । ଭାବୁଛନ୍ତି ମେଡିସିନ୍ ଖାଇ ରୋଗଟା କିଛିଟା ଆୟତ୍ତକୁ ଆସିଲେ ଆଗ ବଡଝିଅ ଘରେ ତା' ପାଖରେ ମାସେ ଖଣ୍ଡେ ରହି ଆସିବେ । ତା ପାଇଁ ତାଙ୍କ ମା ଦେଇଥିବା ଗୋଟେ ସୁନ୍ଦର ହାର କାଢ଼ି ରଖିଲେ । ସାନଝିଅ ପାଇଁ ତା ପସନ୍ଦର ଗହଣା କିଛି କାଢ଼ି ରଖିଲେ, ତା ଶାଶୂ ଘର ଏଇ ସହରରେ । ଆଉ ଆଠଦିନ ପରେ ସେ ଦିଲ୍ଲୀରୁ ତା ଶାଶୁଘରକୁ ଆସିବ । ଦୁଇ, ଚାରିଦିନ ଶାଶୁଘରେ ରହି ଏଥର ପୁରା ଛୁଟିଟା ମା ପାଖରେ ରହିବ । ଜ୍ୱାଇଁ ଆଗ ଦିଲ୍ଲୀ ଫେରିଯିବେ, ପଛରେ ନାତି ଆଉ ଝିଅ କିଛିଦିନ ପରେ ଯିବେ । ଏମିତି ସବୁ ଭାବୁ ଭାବୁ କେତେବେଳେ ସନ୍ଧ୍ୟା ହୋଇଗଲାଣି ।



କୁନିର ଡାକରେ ସେ ପ୍ରକୃସ୍ଥିତ ହେଲେ । ବିନା ଚିନିର ଚା କପ୍ ଧରି କୁନି ଡାକୁଥିଲା, ବୋହୂ ମା ଚା ଟା ପି ଦିଅ । ଏଥର ମନ ଭଲ କରି ଖୁସିରେ ରୁହ । ବାବୁ ରିପୋର୍ଟଟା ଆଣିଛନ୍ତି । ଏବେ ତମର ସୁଗାର ପ୍ରାୟ ଠିକ୍ ହୋଇଗଲାଣି । କାଲିଠୁ ବାବୁଙ୍କ ସାଙ୍ଗରେ ସକାଳେ ସନ୍ଧ୍ୟାରେ ସବୁଦିନେ ଚାଲିବାକୁ ଯିବ । ଦେଖିବ ରୋଗ ଆଉ ପାଖ ମାଡିବ ନାହିଁ ।

ଏବେ ଏବେ ମିଷ୍ଟର ମହାନ୍ତି ତାଙ୍କ ପ୍ରତି ଆଗ ଅପେକ୍ଷା ଆହୁରି ଯତ୍ନଶୀଳ ହୋଇଯାଇଛନ୍ତି । ଆଗରୁ ଆଠଟାରେ ଉଠି ଦିନ ନଅଟା ଯାଏଁ ଖବର କାଗଜରେ ମୁହଁ ମାଡିବା ମଣିଷଟା ତାଙ୍କ ପାଇଁ ଭୋର ପାଞ୍ଚ ଟାରୁ ଉଠି ତାଙ୍କୁ ଉଠାଇ ଦେଉଛନ୍ତି । ଦିନସାରାର ଅଧିକାଂଶ ସମୟ ଉଭୟ ଏକାଠି ଗପସପ କରି ଅତିବାହିତ କରୁଛନ୍ତି । କିଛି କିଛି ଦିନ ଅନ୍ତରରେ ଦୁଇଝିଅ ତାଙ୍କର ପିଲାମାନଙ୍କୁ ଧରି ତାଙ୍କ ପାଖକୁ ଆସୁଛନ୍ତି । ଘର ତାଙ୍କର ଚଳଚଞ୍ଚଳ ହୋଇଉଠିଛି । ଦୁଇଝିଅଙ୍କୁ ତାଙ୍କ ମନ ମୁତାବକ ଗହଣା କାଢ଼ି ନିଜ ହାତରେ ପିନ୍ଧାଇ ଦେଇଛନ୍ତି । ବଡଝିଅ ତ ସବୁବେଳେ ନିର୍ବିକାର । ହେଲେ ମା'ର ଖୁସି ଦେଖି ସେ ବି ଭାରି ଖୁସି ହେଉଛି । ସାନଝିଅ ମାର ଗହଣା ପିନ୍ଧି ପ୍ରଜାପତିଟି ଭଳି ଘର ବାହାରେ ଘୁରି ବୁଲୁଛି । ଆଜି ମନ ଭାରି ହାଲକା ଲାଗୁଛି । ଅବଶ୍ୟ ଗହଣା ସହିତ ବାକ୍ସଟିକୁ ମିଷ୍ଟର ମହାନ୍ତିଙ୍କୁ ଦେଇ ଦେଇଛନ୍ତି ଲକରରେ ରଖିଦେବା ପାଇଁ । ଆଉ କ'ଣ କାମ ତାଙ୍କ ଏ ଗହଣା ଗୁଡିକର, ଯାହା ରହିଲା ବୋହୂମାନଙ୍କ ପାଇଁ । ଏଥର ପିଲାମାନଙ୍କ ପାଖକୁ ତଥା ସ୍ୱାମୀଙ୍କ ସଙ୍ଗରେ ବିଭିନ୍ନ ସ୍ଥାନକୁ ନିଶ୍ଚିନ୍ତରେ ବୁଲିଯାଇ ପାରିବେ । ପୁଅମାନେ ଦୀର୍ଘ ତିନି-ଚାରି ବର୍ଷ ହେଲା କେହି ତାଙ୍କ ପାଖକୁ ଆସିନାହାନ୍ତି । ମନଟା ସେମାନଙ୍କ ପାଇଁ ଛଟପଟ ହୋଇଉଠିଲା । ଫୋନ୍‌ରେ ନିୟମିତ କଥାହେବା, ଭିଡିଓ କଲ୍ କରି ଫୋନ୍ ସ୍କ୍ରିନ୍‌ରେ ଦେଖିବାରେ ତାଙ୍କର ମନ ପୁରୁନଥାଏ । ଏତିକିବେଳେ ବଡ ବୋହୂର ନମ୍ବର ଦେଖି ଫୋନ୍ ଉଠେଇଲେ ମିସେସ ମହାନ୍ତି । ସେପଟୁ ବୋହୂ କହୁଥିଲା, ମା' ଆମେ ସମସ୍ତେ ପ୍ଲାନିଙ୍ଗ କରି ଏଥର ଆପଣଙ୍କ ବିବାହ ବାର୍ଷିକୀ ଏକାଠି ଘରେ ପାଳିବୁ । ସେଇଥପାଇଁ ସମସ୍ତେ ଆସନ୍ତା ସପ୍ତାହରେ ଘରେ ପହଞ୍ଚିବୁ । ଏମିତି କିଛି ସମୟରେ କଥା ହେବା ସହିତ ତାଙ୍କ ଭଲମନ୍ଦ ଦେହ ପା' କଥା ପଚାରି ବୁଝିଥିଲା ବଡ ବୋହୂ।

ଆଜି ତାଙ୍କର ବିବାହ ବାର୍ଷିକି । ଘରେ ଖାସ୍ ସେଇଥିପାଇଁ ପୁଅ, ବୋହୂ, ଝିଅ, ଜ୍ୱାଇଁ ସମସ୍ତେ ଏକାଠି ହୋଇଛନ୍ତି । ଚିହ୍ନା ଜଣା ସାଙ୍ଗ ସାଥି ସମସ୍ତଙ୍କୁ ନିମନ୍ତ୍ରଣ କରିଛନ୍ତି ପିଲାମାନେ । ତାଙ୍କର ଆଉ ମିଷ୍ଟର ମହାନ୍ତିଙ୍କର ଦୀର୍ଘ, ସୁସ୍ଥ, ନିରାମୟ ଜୀବନ କାମନା କରି ତାଙ୍କୁ ନେଇ ପୁରୀ ଯାଇଥିଲେ ସମସ୍ତେ । ସନ୍ଧ୍ୟା ସୁଦ୍ଧା ଦିଅଁ ଦର୍ଶନ ସାରି ଫେରିଆସିଥିଲେ, ପିଲାମାନଙ୍କ ଆଗ୍ରହ ଦେଖି ଖୁସିରେ ଫାଟିପଡୁଥାନ୍ତି ମିସେସ ମହାନ୍ତି । ବୋହୂମାନଙ୍କ ପାଇଁ ଥିବା ପର ଭାବି ଦୂର ହୋଇଯାଇଥାଏ, ତା ଜାଗାରେ ଜନ୍ମ ନେଇଥାଏ ସେମାନଙ୍କ ପାଇଁ ଆପଣାର ଭାବ; ଯାହା ସେ ଏ ପର୍ଯ୍ୟନ୍ତ ଭାବି ପାରିନଥିଲେ । ଏହି ସମୟରେ ଅତି ଆଗ୍ରହରେ ଦୁଇଟି ଯାକ ବୋହୂ ତାଙ୍କର ମୁଣ୍ଡ କୁଣ୍ଡାଇ ସୁନ୍ଦର ଭାବରେ ସଜେଇ ଦେଲେ । କିଛି କହୁନଥାନ୍ତି ମିସେସ ମହାନ୍ତି । ଝିଅ, ବୋହୂଙ୍କ ଆଗ୍ରହ ତଳେ ପକେଇବାକୁ ଇଚ୍ଛା ହେଉନଥାଏ । ଝିଅ ଦୁଇଟି ଶେଷକୁ ତାଙ୍କର ଅତିପ୍ରିୟ ଅଳତା ଦୁଇ ଗାର ତାଙ୍କ ପାଦରେ ମାରିବାକୁ ଭୁଲିନଥିଲେ । ସବୁବେଳେ ପାଦ ତାଙ୍କର ଅଳତା ମଖା ହୋଇଥାଏ । ଶେଷକୁ ସାନବୋହୂ ଗହଣା ସେଟ୍‌ଟିଏ ଆଣି ତାଙ୍କୁ ପିନ୍ଧେଇ ଦେଲା । କହିଲା ମା' ଏ ହାର, କାନଫୁଲ ଆଉ ଚୁଡ଼ି ତୁମକୁ ଆମ ଦୁଇ ବୋହୂଙ୍କ ତରଫରୁ ଆଜିର ଉପହାର । ଇଣ୍ଡିଆ ଆସିବା ପୂର୍ବରୁ ଆମେରିକାରୁ ଆମେ ଦୁଇଜଣ ଏ ହୀରା ଅଳଙ୍କାର ଆପଣଙ୍କ ପାଇଁ କିଣିଥିଲୁ । ଗହଣାରେ ତୁମର ବହୁତ ଶ୍ରଦ୍ଧା ଜାଣି ସୁଦ୍ଧା କେବେ କିଛି ଦେଇପାରିନଥିଲୁ । ସାନବୋହୂର କଥା ଶୁଣି ମିସେସ ମହାନ୍ତି ଭାବୁଥିଲେ ପ୍ରାପ୍ତିର କ'ଣ କେବେ ସମାପ୍ତି ଅଛି......



# ଆଫଗାନିସ୍ତାନକୁ ୯ ୱିକେଟରେ ହରାଇ ଫାଇନାଲରେ ଦକ୍ଷିଣ ଆଫ୍ରିକା



**ତରୋବା**

ଟି-୨୦ ବିଶ୍ୱକପରେ ପ୍ରଥମ ସେମିଫାଇନାଲ ମ୍ୟାଚ୍ ଗୁରୁବାର ଦକ୍ଷିଣ ଆଫ୍ରିକା ଏବଂ ଆଫଗାନିସ୍ତାନ ମଧ୍ୟରେ ଖେଳାଯାଇଥିଲା। ଏହି ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ଆଫଗାନିସ୍ତାନ ବିପକ୍ଷରେ ସହଜ ବିଜୟ ହାସଲ କରି ଫାଇନାଲରେ ପ୍ରବେଶ କରିଛି। ଦକ୍ଷିଣ ଆଫ୍ରିକା ଆଫଗାନିସ୍ତାନକୁ ୯ ୱିକେଟରେ ପରାଜିତ କରିଛି। ଆଫଗାନିସ୍ତାନର ୫୭ ରନ ବିଜୟ ଲକ୍ଷ୍ୟର ପିଛା କରି ଦକ୍ଷିଣ ଆଫ୍ରିକା ୮.୫ ଓଭରରେ ଏକ ୱିକେଟ ହରାଇ ୬୦ ରନ କରିଥିଲା। ଦକ୍ଷିଣ ଆଫ୍ରିକା ପକ୍ଷରୁ କ୍ୱିଣ୍ଟନ ଡି କକ୍ ୫ ରନ କରିଥିବାବେଳେ ରେଜା ହେଣ୍ଡ୍ରିକ ଅପରାଜିତ ୨୯ ରନ ଏବଂ ଅଧିନାୟକ ଆଡେନ ମାର୍କ୍ରମ ଅପରାଜିତ ୨୩ ରନ କରିଥିଲେ।

ତିନିଦାଦର ତରୋବାର ବ୍ରିୟାନ ଲାରା ଷ୍ଟାଡ଼ିୟମରେ ଖେଳାଯାଉଥିବା ଏହି ମ୍ୟାଚ୍‌ରେ ଟସ୍ ଜିତିବା ପରେ ଆଫଗାନିସ୍ତାନ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା, ଯାହା ଭୁଲ ପ୍ରମାଣିତ ହୋଇଥିଲା। ଦକ୍ଷିଣ ଆଫ୍ରିକାର ବିପଜ୍ଜନକ ବୋଲିଂ ସାମ୍ନାରେ ଆଫଗାନିସ୍ତାନର ବ୍ୟାଟ୍ସମ୍ୟାନମାନେ କ୍ରିଜ୍‌ରେ ଅଧିକ ସମୟ ରହିପାରି ନ ଥିଲେ। ପାୱାର ପ୍ଲେରେ ଆଫଗାନିସ୍ତାନ ୫ ୱିକେଟ ହରାଇଥିଲା, ଯାହା ପରେ ଟି-୨୦ ବିଶ୍ୱକପ ଇତିହାସରେ ଆଫଗାନିସ୍ତାନ ନାମରେ ଏକ ଲଜ୍ଜାଜନକ ରେକର୍ଡ ପଞ୍ଜିକୃତ ହୋଇଛି।

ଏହି ମ୍ୟାଚ୍‌ରେ ଆଫଗାନିସ୍ତାନ ଅଧିନାୟକ ରସିଦ ଖାନ୍ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ, ଯାହା ଦଳ ଉପରେ ବ୍ୟାକ୍‌ଫାୟାର କରିଥିଲା। ଆଫଗାନିସ୍ତାନର ୱିକେଟ ପ୍ରଥମ ଓଭରରୁ ଖସିଯିବାକୁ ଲାଗିଥିଲା। ଗୋଟିଏ ପରେ ଗୋଟିଏ ୱିକେଟ ଖସିବାକୁ ଲାଗିଲା। ପାୱାର ପ୍ଲେରେ ଆଫଗାନିସ୍ତାନ ଦଳ ୫ ୱିକେଟ ହରାଇଥିଲା। ଟି-୨୦ ବିଶ୍ୱକପ ଇତିହାସରେ ଏହା ପୂର୍ବରୁ କେବେ ଦେଖାଯାଇ ନଥିଲା। ଟି-୧୦ ବିଶ୍ୱକପ ସେମିଫାଇନାଲ ମ୍ୟାଚର ପାୱାରପ୍ଲେରେ ୫ ୱିକେଟ ହରାଇ ଆଫଗାନିସ୍ତାନ ପ୍ରଥମ ଦଳ ଭାବେ ରେକର୍ଡ କରିଛି।

ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଆଫଗାନିସ୍ତାନ ଦଳ ୧୧.୫ ଓଭରରେ ମାତ୍ର ୫୬ ରନ ସଂଗ୍ରହ କରିଥିଲା। ଆଫଗାନିସ୍ତାନର ୧୦ ଜଣ ବ୍ୟାଟ୍ସମ୍ୟାନ ଦୁଇଅଙ୍କରେ ମଧ୍ୟ ପହଞ୍ଚିପାରି ନଥିଲେ। ଦକ୍ଷିଣ ଆଫ୍ରିକାର ବୋଲରମାନେ ବହୁତ ଭଲ ବୋଲିଂ ପ୍ରଦର୍ଶନ କରିଥିଲେ। ଆଫଗାନିସ୍ତାନ ବ୍ୟାଟ୍ସମ୍ୟାନମାନଙ୍କୁ ଆଦୌ ହାତ ଖୋଲିବାର ସୁଯୋଗ ଦିଆଯାଇ ନ ଥିଲା। ଦକ୍ଷିଣ ଆଫ୍ରିକା ପାଇଁ ବୋଲିଂ କରୁଥିବାବେଳେ ମାର୍କୋ ଜାନସେନ ଏବଂ ଟାବ୍ରେଜ ଶାମସି ୩-୩ ୱିକେଟ ନେଇଥିଲେ। ଏହା ସହିତ କାଗିସୋ ରାବାଡ଼ା ୨ ଟି ୱିକେଟ ନେଇଥିଲେ ଏବଂ ଏନ୍ରିକ ମଧ୍ୟ ୨ ୱିକେଟ ନେଇଥିଲେ।

# ପାକିସ୍ତାନର ପୂର୍ବତନ ଅଧିନାୟକଙ୍କୁ ମୁହଁତୋଡ଼ ଜବାବ ଦେଲେ ରୋହିତ ଶର୍ମା



**ନୂଆଦିଲ୍ଲୀ**

ଟି-୨୦ ବିଶ୍ୱକପ ୨୦୨୪ରେ ଭାରତୀୟ ଦଳ ବହୁତ ଭଲ ପ୍ରଦର୍ଶନ କରୁଛି। ଭାରତୀୟ ଦଳ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳାଯାଇଥିବା ଏକାଦଶ ସୁପର-୮ ମ୍ୟାଚ୍‌ରେ ଇଞ୍ଜାମାମ ଉଲ ହକ ଅର୍ଶଦୀପ ସିଂଙ୍କ ବିରୋଧରେ ଗୁରୁତର ଅଭିଯୋଗ ଆଣିଥିଲେ। ସେମିଫାଇନାଲ ମ୍ୟାଚ୍ ପୂର୍ବରୁ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ରୋହିତ ଶର୍ମା ଅର୍ଶଦୀପ ସିଂଙ୍କୁ ସମର୍ଥନ କରି ଇଞ୍ଜାମାମଙ୍କୁ ମୁହଁତୋଡ଼ ଉତ୍ତର ଦେଇଥିଲେ। ପାକିସ୍ତାନର କିମ୍ବଦନ୍ତୀ ଖେଳାଳି ଇଞ୍ଜାମାମ ଦାବି କରିଥିଲେ, ମ୍ୟାଚ୍ ସମୟରେ ବଲରେ କିଛି ଟାମ୍ପରିଂ କରାଯାଇଥିଲା। ଫଳରେ ଅଷ୍ଟ୍ରେଲିଆର ଇନିଂସ ସମୟରେ ଭାରତୀୟ ଦ୍ରୁତ ବୋଲର ଅର୍ଶଦୀପ ସିଂ ରିଭର୍ସ ସୁଇଂ କରିବାରେ ସଫଳ ହୋଇଥିଲେ। ଯଦି ପାକିସ୍ତାନୀ ବୋଲରମାନେ ଏହା କରିଥାନ୍ତେ, ତେବେ ସବୁ ଜାଗାରେ ଉତ୍ତେଜନା ସୃଷ୍ଟି ହୋଇଥାନ୍ତା। ବାମହାତୀ ଦ୍ରୁତ ବୋଲର ଅର୍ଶଦୀପ ସିଂଙ୍କ ବିରୋଧରେ ଆସିଥିବା ଅଭିଯୋଗକୁ ଗ୍ରହଣ କରିବାକୁ ରୋହିତ ଶର୍ମା କୌଣସି ପ୍ରକାରେ ପ୍ରସ୍ତୁତ ନ ଥିଲେ। ରୋହିତ ଶର୍ମା କହିଛନ୍ତି, ମୁଁ ଏହାର କ'ଣ ଉତ୍ତର ଦେବି ? ଯଦି ଆପଣ ଉଜ୍ଜ୍ୱଳ ସୂର୍ଯ୍ୟକିରଣରେ ଖେଳୁଛନ୍ତି ଏବଂ ଉଇକେଟ ଶୁଖିଲା, ତେବେ ବଲ ରିଭର୍ସ ସୁଇଂ ହେବ। ବଲ କେବଳ ଆମ ପାଇଁ ନୁହେଁ, ସବୁ ଦଳ ପାଇଁ ସ୍ୱିଙ୍ଗ ହେଉଛି। ଯେଉଁମାନେ ଏଭଳି ଅଭିଯୋଗ କରୁଛନ୍ତି ସେମାନଙ୍କ ମନ ଖୋଲିବା ଜରୁରୀ। ବୁଝିବାକୁ ପଡ଼ିବ ଯେ, ଆମେ କେଉଁଠୁ ଏବେ ଖେଳୁଛୁ, ଆମେ ଏବେ ଇଂଲଣ୍ଡ କିମ୍ବା ଅଷ୍ଟ୍ରେଲିଆରେ ଖେଳୁନାହୁଁ।

# କୋଟି କୋଟି ପ୍ରଶଂସକଙ୍କୁ ନିରାଶ କଲେ ବିରାଟ

**ନୂଆଦିଲ୍ଲୀ**

ଗୁଏନାର ପ୍ରୋଭିଡେନ୍ସ ଷ୍ଟାଡିୟମରେ ଖେଳାଯାଉଥିବା ଟି-୨୦ ବିଶ୍ୱକପ୍ ୨୦୨୪ର ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ ଇଂଲଣ୍ଡ ଅଧିନାୟକ ଜୋସ୍ ବଟଲର ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ପ୍ରଥମେ ବ୍ୟାଟିଂ କରିବାକୁ ଆସିଥିବା ଭାରତୀୟ ଦଳର ଖରାପ ଆରମ୍ଭ ହୋଇଥିଲା। ଟୁର୍ଣ୍ଣାମେଣ୍ଟରେ ଏପର୍ଯ୍ୟନ୍ତ ବିଫଳ ହୋଇଥିବା ବିରାଟ କୋହଲି ସେମିଫାଇନାଲରେ ମଧ୍ୟ ଭଲ ବ୍ୟାଟିଂ କରିନଥିଲେ ଏବଂ କିଙ୍ଗ ଶସ୍ତାରେ ପ୍ୟାଭିଲିୟନକୁ ଫେରିଥିଲେ।

ଭାରତୀୟ ଦଳ ଇନିଂସର ତୃତୀୟ ତଥା ଚତୁର୍ଥ ବଲରେ ପ୍ରଥମ ଝଟ୍‌କା ଦେଇଥିଲା। ରିସ ଟୋପଲି ବିରାଟ କୋହଲିଙ୍କୁ ବୋଲିଂ କରିଥିଲେ। ୧୦୦ ଷ୍ଟ୍ରାଇକ୍ ହାରରେ କୋହଲି ୯ ବଲରେ ୯ରନ ସଂଗ୍ରହ କରିଥିଲେ। ଟି-୨୦ ବିଶ୍ୱକପର ସେମିଫାଇନାଲରେ ଏହା ବିରାଟ କୋହଲିଙ୍କ ସର୍ବନିମ୍ନ ସ୍କୋର। ଏହାପୂର୍ବରୁ ସେ ଟି-୨୦ ବିଶ୍ୱକପ ୨୦୧୪ର ସେମିଫାଇନାଲରେ ୪୪ଟି ବଲରେ ଅପରାଜିତ ୭୨ ରନ, ଟି-୨୦ ବିଶ୍ୱକପ ୨୦୧୬ର ସେମିଫାଇନାଲରେ ୪୭ଟି ବଲରେ ଅପରାଜିତ ୮୯ ରନ ଏବଂ ଟି-୨୦ ୨୦୨୨ ବିଶ୍ୱକପ ସେମିଫାଇନାଲରେ ୪୦ଟି ବଲରେ ୫୦ ରନ ସଂଗ୍ରହ କରିଥିଲେ। ଚଳିତ ଥର ବିରାଟଙ୍କ ଏହି ସ୍କୋର ସର୍ବନିମ୍ନ ଥିବା ବେଳେ ଏହା ତାଙ୍କ କୋଟି କୋଟି ପ୍ରଶଂସକଙ୍କ ହୃଦୟକୁ ଆଘାତ ଦେଇଛି।

# ଶ୍ରୀଲଙ୍କା ଟିମ୍‌ରୁ ଇସ୍ତଫା ଦେଲେ ମାହେଲା ଜୟବର୍ଦ୍ଧନେ



**କଲମ୍ବୋ**

ଟି-୨୦ ବିଶ୍ୱକପ ୨୦୨୪ରେ ଶ୍ରୀଲଙ୍କାର ଖରାପ ପ୍ରଦର୍ଶନ ପରେ ଭେଟେରାନ କ୍ରିକେଟର ମାହେଲା ଜୟବର୍ଦ୍ଧନେ ଶ୍ରୀଲଙ୍କା କ୍ରିକେଟ ଦଳର ପରାମର୍ଶଦାତା ପ୍ରଶିକ୍ଷକ ପଦରୁ ଇସ୍ତଫା ଦେଇଛନ୍ତି। ମାହେଲା ଜୟବର୍ଦ୍ଧନେ ୨୦୨୨ରେ ପରାମର୍ଶଦାତା ଭାବରେ ଦାୟିତ୍ୱ ଗ୍ରହଣ କରିଥିଲେ। ତାଙ୍କ କାର୍ଯ୍ୟକାଳ ମଧ୍ୟରେ ସେ ଶ୍ରୀଲଙ୍କା ଜାତୀୟ କ୍ରିକେଟ ଦଳର ପ୍ରଦର୍ଶନରେ ଉନ୍ନତି ଆଣିବାରେ ଉଲ୍ଲେଖନୀୟ ଅବଦାନ ରଖିଥିଲେ। ଶ୍ରୀଲଙ୍କା କ୍ରିକେଟ ବୋର୍ଡ ଏକ ସରକାରୀ ବିବୃତ୍ତି ଜାରି କରି ଇସ୍ତଫା ନିଶ୍ଚିତ କରିଛି। ଉଲ୍ଲେଖ ଥାଉ କି ମାହେଲା ଜୟବର୍ଦ୍ଧନେ ସେପ୍ଟେମ୍ବର ୨୦୨୨ରେ ଅଷ୍ଟ୍ରେଲିଆରେ ହୋଇଥିବା ଟି-୨୦ ବିଶ୍ୱକପ ପୂର୍ବରୁ ପରାମର୍ଶଦାତା ଭାବେ ଯୋଗ ଦେଇଥିଲେ।

ଏହି ଆଧାରରେ, ମାହେଲା ଜୟବର୍ଦ୍ଧନେ ଖେଳାଳି ବିକାଶ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ସେ ଶ୍ରୀଲଙ୍କାରେ ଘରୋଇ କ୍ରିକେଟର ଉନ୍ନତି ପାଇଁ ଚେଷ୍ଟା ଜାରି ରଖିଥିଲେ। ଏହା ବ୍ୟତୀତ ସେ ଅଣ୍ଡର -୧୯ ସ୍ତରୀୟ ଦଳକୁ ଏକ ଉଚ୍ଚ ସ୍ତରକୁ ନେବାକୁ ଉଦ୍ୟମ କରିଥିଲେ। ୨୦୨୧ ମସିହାରେ ସେ ଶ୍ରୀଲଙ୍କା କ୍ରିକେଟ ବୋର୍ଡ ଦ୍ୱାରା ଦେଶର ଅଣ୍ଡର-୧୯ ଦଳର ପରାମର୍ଶଦାତା ଭାବରେ ନିଯୁକ୍ତ ହୋଇଥିଲେ, ଯାହା ପାଇଁ ସେ କୌଣସି ଦରମା ନେଇନଥିଲେ। ଉଲ୍ଲେଖ ଥାଉ କି ମାହେଲା ଜୟବର୍ଦ୍ଧନେ ୨୦୧୪ରେ ତାଙ୍କ କ୍ରିକେଟ କ୍ୟାରିୟରରୁ ସନ୍ନ୍ୟାସ ନେଇଥିଲେ। ପରବର୍ତ୍ତୀ ବର୍ଷ ସେ ବ୍ୟାଟିଂ ପରାମର୍ଶଦାତା ଭାବରେ ଇଂଲଣ୍ଡ ଦଳରେ ଯୋଗ ଦେଇଥିଲେ। ଏହା ବ୍ୟତୀତ ମାହେଲା ଜୟବର୍ଦ୍ଧନେ ୨୦୧୭ରେ ଆଇପିଏଲ ଫ୍ରାଞ୍ଚାଇଜ ମୁମ୍ବାଇ ଇଣ୍ଡିଆନ୍ସର କୋଚ୍ ହୋଇଥିଲେ ଏବଂ ତାଙ୍କ ଅଧୀନରେ ଏମଆଇ ୨୦୧୭ରେ ଆଇପିଏଲ ଟାଇଟଲ ଜିତିଥିଲା।

# କୋହଲିଙ୍କ ଭଳି ସିକ୍ସ ପ୍ୟାକ ନଥାଇ ବି ରୋହିତ ବହୁତ ଭଲ ଖେଳନ୍ତି : କପିଳ ଦେବ

**ନୂଆଦିଲ୍ଲୀ**

ଚଳିତ ଟି-୨୦ ବିଶ୍ୱକପ୍‌ରେ ରୋହିତ ଶର୍ମାଙ୍କ ପ୍ରଦର୍ଶନ ଅତ୍ୟନ୍ତ ଭଲ ରହିଛି। କିନ୍ତୁ କୋହଲି ଏପର୍ଯ୍ୟନ୍ତ ଏହି ବିଶ୍ୱକପ୍‌ରେ ବିଶେଷ କିଛି କରିପାରି ନାହାଁନ୍ତି। ଏଭଳି ପରିସ୍ଥିତିରେ କୋହଲି ଏବଂ ରୋହିତଙ୍କ ମଧ୍ୟରେ କିଏ ଶ୍ରେଷ୍ଠ ବୋଲି ପୁଣି ଥରେ ପ୍ରଶ୍ନ ଉଠିଛି। ପ୍ରଶଂସକମାନେ ପୁଣି ଥରେ ସୋସିଆଲ ମିଡିଆରେ ଏହି ବିତର୍କ ଆରମ୍ଭ କରିଛନ୍ତି। ଏମଧ୍ୟରେ ବର୍ତ୍ତମାନ ଭାରତୀୟ ପୂର୍ବତନ ଅଧିନାୟକ କପିଳ ଦେବ, ବିରାଟ କୋହଲି ଏବଂ ରୋହିତ ଶର୍ମାଙ୍କୁ ନେଇ କିଛି ଏଭଳି କହିଦେଇଛନ୍ତି, ଯାହା ବିତର୍କକୁ ଆହୁରି ବଢ଼ାଇ ଦେଇଛି। ସେ କହିଛନ୍ତି ଯେ, ଯେତେବେଳେ ରୋହିତ ବ୍ୟାଟିଂ କରନ୍ତି, ସେତେବେଳେ ସେ କୋହଲିଙ୍କ ପରି ଖୁସିରେ ଡିଅନ୍ତି ନାହିଁ। ରୋହିତ ଜାଣିଛନ୍ତି କି ପଡ଼ିଆରେ ତାଙ୍କୁ କିଭଳି ରହିବାର ଅଛି। ସେ ତାଙ୍କର ସୀମା ଜାଣିଛନ୍ତି। ମୁଁ ଭାବୁଛି ବର୍ତ୍ତମାନ ସମୟରେ ରୋହିତଙ୍କଠାରୁ ଭଲ କେହି ନାହାନ୍ତି। ସେ ଆହୁରି କହିଛନ୍ତି ଯେ, ଯଦି ବିରାଟ କୋହଲି ୧୫୦କିଲୋଗ୍ରାମ ଏବଂ ୨୫୦କିଲୋଗ୍ରାମ ଡମ୍ବେଲ ଉଠାଉଛନ୍ତି, ଏହାର ଅର୍ଥ ନୁହେଁ ଯେ ରୋହିତ ମଧ୍ୟ ତାହା କରିବା ଉଚିତ୍। ରୋହିତ ତାଙ୍କ ଖେଳକୁ ଭଲଭାବେ ଜାଣିଛନ୍ତି। ସେ ନିଜ ଭିତରେ ଖେଳନ୍ତି। ସେ ବିରାଟ କୋହଲିଙ୍କ ପରି ନୁହନ୍ତି। ରୋହିତଙ୍କର କୋହଲିଙ୍କ ଭଳି ସିକ୍ସ ପ୍ୟାକ୍ ନାହିଁ, ହେଲେ ସେ ୱାନ ପ୍ୟାକ୍‌ରେ ବି ଛକା ମାରିପାରନ୍ତି।

# ସେମିଫାଇନାଲ ମ୍ୟାଚ୍ ପରେ ପିଚ୍‌କୁ ପ୍ରଶ୍ନ ଉଠାଇଲେ ରଶିଦ ଖାନ୍

**ତ୍ରିନିଦାଦ**

ଟି୨୦ ବିଶ୍ୱକପ୍‌ର ପ୍ରଥମ ସେମିଫାଇନାଲ ମୁକାବିଲା ଶେଷ ହୋଇଛି। ଦକ୍ଷିଣ ଆଫ୍ରିକା ଏହି ମୁକାବିଲାକୁ ୯ ଉଇକେଟରେ ଜିତି ଫାଇନାଲରେ ପ୍ରବେଶ କରିଛି। ହେଲେ ଏହି ମୁକାବିଲା ଖେଳାଯାଇଥିବା ପିଚ୍‌କୁ ନେଇ ବିବାଦ ଉପୁଜିଛି। କାରଣ ଗୁରୁତ୍ୱପୂର୍ଣ୍ଣ ମୁକାବିଲାରେ ଆଫଗାନିସ୍ତାନ ମାତ୍ର ୫୬ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା। ଏହାକୁ ନେଇ କ୍ରିକେଟ ବିଶେଷଜ୍ଞ ଏବଂ



କମେଣ୍ଟେଟର୍ସ ଆଇସିସି ଉପରେ ପ୍ରଶ୍ନ ଉଠାଇଥିଲେ। ଏହି କ୍ରମରେ ଆଫଗାନିସ୍ତାନ ଅଧିନାୟକ ରଶିଦ ଖାନ ମଧ୍ୟ ବଡ଼ ଅଭିଯୋଗ କରିଛନ୍ତି।

ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲା ଆଫଗାନିସ୍ତାନ। ହେଲେ ଦଳର ଖେଳାଳି ବ୍ୟାଟିଂ କରିବା ବେଳେ ପିଚ୍‌ରେ ସ୍ପିଂ ହେଉଥିବା ଦେଖିବାକୁ ପାଇଥିଲେ। ଏହାଛଡ଼ା ମଇଦାନରେ ଅନେକ ଫାଟ ରହିଥିଲା। ଏନେଇ ପିଚ୍ ରିପୋର୍ଟରେ ଦର୍ଶାଯାଇଥିଲା। କମେଣ୍ଟ୍ରି କରୁଥିବା ସଞ୍ଜୟ ମାଞ୍ଜରେକର ଏବଂ ନବଜୋତ ସିଂ ସିଦ୍ଧୁ ପିଚ୍‌କୁ ବହୁତ ଖରାପ ବୋଲି କହିଥିଲେ। ଏତେ ବଡ଼ ମ୍ୟାଚ୍‌ରେ ଏଭଳି ପିଚ୍ ପ୍ରସ୍ତୁତ କରିବା ନୈରାଶ୍ୟଜନକ ବୋଲି କହିଥିଲେ।

ରଶିଦ ଖାନ୍ ଆଇସିସିର ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ଟସ୍ ସମୟରେ ସେ କହିଥିଲେ ଯେ ତାଙ୍କ ବିମାନ ପ୍ରାୟ ୪ ଘଣ୍ଟା ବିଳମ୍ବରେ ତ୍ରିନିଦାଦରେ ପହଞ୍ଚିଥିଲା। ଏଣୁ ଦଳକୁ ଆରାମ କରିବା ଏବଂ ଅଭ୍ୟାସ କରିବାକୁ ସୁଯୋଗ ପାଇ ନ ଥିଲା। ଏହାର ପ୍ରଭାବ ମ୍ୟାଚ୍ ଉପରେ ପଡ଼ିଛି।

# ବିଶ୍ୱରେକର୍ଡ ଭାଙ୍ଗିଲେ ଆଫଗାନିସ୍ତାନ ବୋଲର୍ ଫଜଲହକ ଫାରୁକି



**ତ୍ରିନିଦାଦ**

ଆଫଗାନିସ୍ତାନର ଦ୍ରୁତ ବୋଲର ଫଜଲହକ ଫାରୁକି ଟି-୨୦ ବିଶ୍ୱକପ ୨୦୨୪ରେ ୧୭ ଉଇକେଟ ନେଇ ଇତିହାସ ସୃଷ୍ଟି କରିଛନ୍ତି। ଏହି ଟି-୨୦ ବିଶ୍ୱକପ୍‌ରେ ଏପର୍ଯ୍ୟନ୍ତ ସର୍ବାଧିକ ଉଇକେଟ ନେଇଥିବା ବୋଲର ହେଉଛନ୍ତି ଫାରୁକି। ୧୭ ଉଇକେଟ ନେଇ ଫାରୁକ ଟି-୨୦ ବିଶ୍ୱକପର ଗୋଟିଏ ସଂସ୍କରଣରେ ସର୍ବାଧିକ ସଫଳତା ପାଇଥିବା ବୋଲର ହୋଇଥିଲେ। ସେ ଶ୍ରୀଲଙ୍କାର ତାରକା ସ୍ପିନର ୱାନିନ୍ଦୁ ହାସରଙ୍ଗାଙ୍କୁ ପଛରେ ପକାଇଦେଇଛନ୍ତି। ଏହାପୂର୍ବରୁ ଟି-୨୦ ବିଶ୍ୱକପ୍‌ରେ ଗୋଟିଏ ସଂସ୍କରଣରେ ଅଧିକାଂଶ ଉଇକେଟ ନେଇବାର ରେକର୍ଡ ଶ୍ରୀଲଙ୍କାର ୱାନିନ୍ଦୁ ହାସରଙ୍ଗାଙ୍କ ନାମରେ ଥିଲା। ୨୦୨୧ ଟି-୨୦ ବିଶ୍ୱକପରେ ହାସରଙ୍ଗା ୧୬ ଉଇକେଟ ନେଇଥିଲେ। ବର୍ତ୍ତମାନ ଆଫଗାନିସ୍ତାନ ପେସର ତାଙ୍କ ନାମରେ ୧୭ ଉଇକେଟ ନେଇ ଏହି ରେକର୍ଡ କରିଛନ୍ତି। ୨୦୨୨ ଟି-୨୦ ବିଶ୍ୱକପରେ ହାସରଙ୍ଗା ୧୫ ଉଇକେଟ ନେଇଥିଲେ।

ବାମହାତୀ ଭାରତୀୟ ଦ୍ରୁତ ବୋଲର ଅର୍ଶଦୀପ ସିଂ ଆଫଗାନିସ୍ତାନର ଦ୍ରୁତ ବୋଲର ଫଜଲହକ ଫାରୁକିଙ୍କ ରେକର୍ଡ ଭାଙ୍ଗି ପାରିବେ। ଏହି ଟି-୨୦ ବିଶ୍ୱକପରେ ଏପର୍ଯ୍ୟନ୍ତ ଅର୍ଶଦୀପ ୧୫ଟି ଉଇକେଟ ନେଇଛନ୍ତି। ସର୍ବାଧିକ ଉଇକେଟ ନେବାକୁ ଅର୍ଶଦୀପଙ୍କର ପାଖରେ ସୁଯୋଗ ଅଛି। ତାଙ୍କୁ ୨ଟି ମ୍ୟାଚ୍‌ରେ ମାତ୍ର ୩ ଉଇକେଟ ନେବାକୁ ପଡ଼ିବ।

# ପ୍ୟାରିସ୍ ଅଲିମ୍ପିକ୍ସ ଲାଗି ଭାରତର ଯାତ୍ରା ଖର୍ଚ୍ଚ ୩୩.୬୮ କୋଟି ଟଙ୍କା

**ନୂଆଦିଲ୍ଲୀ**

ଆଗାମୀ ପ୍ୟାରିସ୍ ଅଲିମ୍ପିକ୍ସ ଲାଗି ଭାରତୀୟ ଦଳର ଯାତ୍ରା ଖର୍ଚ୍ଚ ୩୩.୬୮ କୋଟି ଟଙ୍କା ହେବ, ଯାହା ଗତ ଟୋକିଓ ଅଲିମ୍ପିକ୍ସର ଦୁଇ ଗୁଣ। ଜୁଲାଇ ୨୬ରୁ ଅଗଷ୍ଟ ୧୧ ପର୍ଯ୍ୟନ୍ତ ପ୍ୟାରିସ୍ ଆୟୋଜିତ ହେବାକୁ ଥିବା ଏହି ପ୍ରତିଯୋଗିତା ଲାଗି ଖେଳାଳି, ସପୋର୍ଟ ଷ୍ଟାଫ୍, ସରକାର ଓ ଆଇଓଏ ପ୍ରତିନିଧିଙ୍କ ଗସ୍ତ, ରହଣୀ, କ୍ରୀଡ଼ା ସଂରଜାମ ଓ ଲଜିଷ୍ଟିକ୍ସକୁ ନେଇ ଏକ ବିସ୍ତୃତ ବଜେଟ୍ ପ୍ରସ୍ତୁତ କରିଛି ଭାରତୀୟ ଅଲିମ୍ପିକ୍ସ ସଂଘ (ଆଇଓଏ)। ଗତ ସଂସ୍କରଣରେ ସରକାର ଏଥିଲାଗି ୧୩.୧୩ କୋଟି ଟଙ୍କା ଖର୍ଚ୍ଚ କରିଥିଲା। ଏବେ ୧୧୫ ସଦସ୍ୟଙ୍କୁ ଲାଗି ଏହି ବଜେଟ୍




ହୋଇଛି। କ୍ରୀଡ଼ା ସମ୍ବନ୍ଧୀୟ କାର୍ଯ୍ୟକଳାପ, ପଦକ ଜିତୁଥିବା ଦଳ ଓ କ୍ରୀଡ଼ାବିତ୍‌ଙ୍କ ପୁରସ୍କାର ବାବଦ ଲାଗି ବଜେଟରେ ୧୪ କୋଟି ରଖାଯାଇଛି।

ଏହାବାଦ୍ ୧୧୫ ଜଣଙ୍କ ବିମାନ ଟିକେଟ୍ ଲାଗି ୩.୫ କୋଟି ଏବଂ ୨୫ ଦିନ ରହଣୀରେ ଭଡ଼ା ଖର୍ଚ୍ଚ ୨.୦୪ କୋଟି ଟଙ୍କା ରହିଛି। ଆଇଓଏର କାର୍ଯ୍ୟନିର୍ବାହୀ କମିଟି (ଇସି) ସଦସ୍ୟ ଏବଂ ମୁଖ୍ୟାଳୟ ଅଧିକାରୀଙ୍କ ଲାଗି ସବୁଠୁ ଅଧିକ ୧୮.୯୦ କୋଟି ଟଙ୍କା ଖର୍ଚ୍ଚ ହେବ। ଇସି ସଦସ୍ୟଙ୍କ ଟିଏ/ଡିଏ ଲାଗି ୮.୪ କୋଟି ରହିଛି। ଆଇଓଏର ସଭାପତି ପିଟି ଉଷା, ବରିଷ୍ଠ ଉପସଭାପତି ଅଜୟ ଏଚ୍ ପଟେଲ ଓ କୋଷାଧକ୍ଷ ସହଦେବ ଯାଦବ ଆଦି ୧୨ ଜଣ ସଦସ୍ୟଙ୍କ ପାଇଁ ଏହା ଖର୍ଚ୍ଚ କରାଯିବ। ଇସି ସଦସ୍ୟଙ୍କ ପୁରସ୍କାର ବିତରଣ ଉତ୍ସବ ଓ ମ୍ୟାଚ୍ ଟିକେଟ୍ ଲାଗି ୧.୨ କୋଟି ହେବ। ଏଥିସହ ଅଲିମ୍ପିକ୍ସରେ ଅଂଶଗ୍ରହଣ କରୁଥିବା ପ୍ରତ୍ୟେକ ଖେଳାଳିଙ୍କୁ ୨ ଲକ୍ଷ ଏବଂ ପ୍ରଶିକ୍ଷକ ଓ ସପୋର୍ଟ ଷ୍ଟାଫ୍‌ଙ୍କୁ ୧ ଲକ୍ଷ ଟଙ୍କା ଦେବାକୁ ନିଷ୍ପତ୍ତି ନେଇଛି।

# ନୂଆ ଇନିଂସ ଆରମ୍ଭ କଲେ କପିଳ ଦେବ

**ନୂଆଦିଲ୍ଲୀ**

ଭାରତୀୟ କ୍ରିକେଟର କପିଳ ଦେବ ନୂଆ ଇନିଂସ ଆରମ୍ଭ କରିଛନ୍ତି। ୧୯୮୩ ମସିହାରେ ତାଙ୍କ ଅଧିନାୟକତ୍ୱରେ ଭାରତ ପାଇଁ ବିଶ୍ୱକପ ଆଣିଥିବା କପିଳ ଏବେ ନୂଆ ପଦବୀରେ କାର୍ଯ୍ୟ ଆରମ୍ଭ କରିଛନ୍ତି। ବର୍ତ୍ତମାନ କ୍ରିକେଟ ପରେ ସେ ଏବେ ଗଲ୍ଫ ଖେଳରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ପ୍ରଫେସନାଲ ଗଲ୍ଫ ଟୁର ଅଫ ଇଣ୍ଡିଆ (ପିଜିଟିଆଇ)ର ନୂତନ ଅଧ୍ୟକ୍ଷ ଭାବେ କପିଳ ଦେବ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ପୂର୍ବରୁ ପିଜିଟିଆଇ ସହିତ ଜଡ଼ିତ ଅଛନ୍ତି ଏବଂ ବର୍ତ୍ତମାନ ସେ ଏହି ପୋଷ୍ଟରୁ



ଏକ ନୂତନ ଇନିଂସ ଆରମ୍ଭ କରିବାକୁ ଯାଉଛନ୍ତି।

ଉପାଧ୍ୟକ୍ଷ ଭାବରେ ୬୫ ବର୍ଷୀୟ କପିଳ ପୂର୍ବରୁ ପିଜିଟିଆଇ ବୋର୍ଡର ସଦସ୍ୟ ଥିଲେ। ଅଧ୍ୟକ୍ଷ ଭାବେ ସେ ସର୍ବସମ୍ମତି କ୍ରମେ ନିର୍ବାଚିତ ହୋଇଛନ୍ତି। ସେ ଏଚଆର ଶ୍ରୀନିବାସନଙ୍କ ସ୍ଥାନ ନେବେ। ଶ୍ରୀନିବାସନଙ୍କର କାର୍ଯ୍ୟକାଳ ଶେଷ ହୋଇଛି।

କପିଳ ଜଣେ ଭଲ ଗଲ୍ଫର ଭାବରେ ଜଣାଶୁଣା। କପିଳ ତାଙ୍କ ନୂତନ ପଦବୀ ବିଷୟରେ କହିଛନ୍ତି ଯେ ପିଜିଟିଆଇ ଅଧ୍ୟକ୍ଷ ହେବା ମୋ ପାଇଁ ଗୌରବର ବିଷୟ। ମୁଁ ଗତ କିଛି ବର୍ଷ ଧରି ଏହି ସଂଗଠନ ସହିତ ଜଡିତ ଅଛି। ଏହା ଏକ ଖେଳାଳି ସଂଗଠନ ଏବଂ ମୁଁ ସମସ୍ତଙ୍କ ସହ ବହୁତ ଭଲ ବନ୍ଧୁ ହୋଇପାରିଛି।

କପିଳ କହିଛନ୍ତି, ତିନି ଦଶନ୍ଧିରୁ ଅଧିକ ସମୟ ଧରି ଗଲ୍ଫ ପ୍ରତି ତାଙ୍କର ଆଗ୍ରହ ରହିଆସିଛି। ପୂର୍ବତନ କ୍ରିକେଟର କହିଛନ୍ତି ଏସିଆନ ଗେମ୍ସରେ ସେ ଗଲ୍ଫର ଭାବେ ଭାରତର ପ୍ରତିନିଧିତ୍ୱ କରିବାର ସ୍ୱପ୍ନ ଦେଖିଥିଲେ।

# ପରୀକ୍ଷାର ବିଶ୍ୱସନୀୟତା ସୁନିଶ୍ଚିତ କରିବାରେ ସରକାରଙ୍କ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଓ ଦୀର୍ଘସ୍ଥାୟୀ ପ୍ରତିବଦ୍ଧତା



ପ୍ରଫେସର ହିମାଂଶୁ ରାୟ
ନିର୍ଦ୍ଦେଶକ, ଆଇଆଇଏମ ଇନ୍ଦୋର

ପ୍ରତିଯୋଗିତାମୂଳକ ପରୀକ୍ଷାର ସଚ୍ଚୋଟତାକୁ ନେଇ ବଢୁଥିବା ଚିନ୍ତାକୁ ଦୃଷ୍ଟିରେ ରଖି ଆମ ସରକାର ଏହି ସମସ୍ୟାର ସମାଧାନ ପାଇଁ ଦ୍ରୁତ ଗତିରେ ନିର୍ଣ୍ଣାୟକ ପଦକ୍ଷେପ ନେଇଛନ୍ତି। ନିଟ୍ ସ୍ନାତକୋତ୍ତର ପରୀକ୍ଷା ସ୍ଥଗିତ ରହିବା ଏବଂ ୬ଟି ସହରରେ ନିଟ୍-ସ୍ନାତକ ପୁନଃପରୀକ୍ଷା ସମୟରେ ପ୍ରଶ୍ନପତ୍ର ପ୍ରଘଟ ଅଭିଯୋଗ ଏବଂ ନିକଟରେ ୟୁଜିସି ନେଟ୍ ପ୍ରଶ୍ନପତ୍ର ପ୍ରଘଟ ଭଳି ଘଟଣା, ଏହି ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା ଗୁଡ଼ିକର ସ୍ୱଚ୍ଛତା ଏବଂ ବିଶ୍ୱସନୀୟତାକୁ ନେଇ ଦେଶବ୍ୟାପୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସ୍ୱାଭାବିକ ଭାବେ ଗମ୍ଭୀର ସନ୍ଦେହ ସୃଷ୍ଟି କରିଛି। ତେବେ ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଏନଟିଏ)ର ନେତୃତ୍ୱ ପରିବର୍ତ୍ତନ କରିବା ଏବଂ ବିଶେଷଜ୍ଞ କମିଟି ଗଠନ କରିବା ସମେତ ଭାରତ ସରକାରଙ୍କ ବିଭିନ୍ନ ସକ୍ରିୟ ପଦକ୍ଷେପ ବିଶ୍ୱାସକୁ ପୁନଃପ୍ରତିଷ୍ଠା କରିବା ତଥା ପରୀକ୍ଷା ପ୍ରକ୍ରିୟାର ବିଶ୍ୱସନୀୟତା ସୁନିଶ୍ଚିତ କରିବା ପାଇଁ ଏକ ସ୍ପଷ୍ଟ ପ୍ରତିବଦ୍ଧତାକୁ ଦର୍ଶାଉଛି। ଏହି ପଦକ୍ଷେପଗୁଡ଼ିକ କେବଳ ତତ୍କାଳ ଆହ୍ୱାନର ମୁକାବିଲା କରିବା ପାଇଁ ନୁହେଁ। ବରଂ ସମସ୍ତ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଭରସା ଫେରାଇ ଆଣିବା ଓ ସ୍ୱଚ୍ଛତା ସୁନିଶ୍ଚିତ କରିବା ଲାଗି ଏକ ଦୀର୍ଘମିଆଦୀ ରଣନୀତିକୁ ସୂଚିତ କରିଥାଏ।

ପାରଦର୍ଶୀ, ସୁଗମ ଏବଂ ସ୍ୱଚ୍ଛ ଭାବେ ପରୀକ୍ଷା ପରିଚାଳନା ସୁନିଶ୍ଚିତ କରିବା ପାଇଁ ଶିକ୍ଷା ମନ୍ତ୍ରଣାଳୟ ଏକ ଉଚ୍ଚସ୍ତରୀୟ ବିଶେଷଜ୍ଞ କମିଟି ଗଠନ କରିଛି। ପରୀକ୍ଷା ପ୍ରକ୍ରିୟାରେ ସଂସ୍କାର ଆଣିବା, ତଥ୍ୟ ସୁରକ୍ଷା ନିୟମକୁ ଅଧିକ ସୁରକ୍ଷିତ କରିବା ଏବଂ ଭବିଷ୍ୟତରେ କୌଣସି ପ୍ରକାର ଉଲ୍ଲଂଘନ ଠାରୁ ବର୍ତ୍ତିବା ନିମନ୍ତେ ଏନଟିଏର ସମ୍ଭାବ୍ୟ ପୁନର୍ଗଠନ ଲାଗି ଏହି କମିଟି ଦୁଇ ମାସ ମଧ୍ୟରେ କାର୍ଯ୍ୟାନୁଷ୍ଠାନଯୋଗ୍ୟ ସୁପାରିସ କରିବ। ଅଧିକନ୍ତୁ, ସିବିଆଇର ସମ୍ପୃକ୍ତି ପୁଙ୍ଖାନୁପୁଙ୍ଖ ତଥା ନିରପେକ୍ଷ ତଦନ୍ତ ପ୍ରତି ପ୍ରତିବଦ୍ଧତାକୁ ସୂଚାଇଥାଏ, ଯାହା କେବଳ ଦାୟୀ ବ୍ୟକ୍ତିମାନଙ୍କୁ ଚିହ୍ନଟ କରିବ ନାହିଁ ବରଂ ଏପରି ଉଲ୍ଲଂଘନ ଘଟାଇବାକୁ ଅନୁମତି ଦେଉଥିବା ବ୍ୟବସ୍ଥାଗତ ଦୁର୍ବଳତାକୁ ମଧ୍ୟ ଉନ୍ମୋଚନ କରିବ। ଏହାବ୍ୟତୀତ ସରକାର ଅନୁଚିତ ପ୍ରଥା ଉପରେ ଅଙ୍କୁଶ ଲଗାଇବା ଏବଂ ସମ୍ଭାବ୍ୟ ନିୟମ ଉଲ୍ଲଂଘନକାରୀଙ୍କୁ ଅଟକାଇବା ପାଇଁ ସାର୍ବଜନୀନ ପରୀକ୍ଷା ଆଇନକୁ ଲାଗୁ କରିଛନ୍ତି। ଏହି ଆଇନ ଅନୁଯାୟୀ ପରୀକ୍ଷାରେ ଅନିୟମିତତା ପାଇଁ ଦୋଷୀ ସାବ୍ୟସ୍ତ ହେଲେ ୧ କୋଟି ଟଙ୍କା ପର୍ଯ୍ୟନ୍ତ ଜରିମାନା ଏବଂ ୧୦ ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡ ସହ କଠୋର ଦଣ୍ଡ ବିଧାନ ରହିଛି। ଏକ ଦୃଢ଼ ପ୍ରତିରୋଧକ ବାର୍ତ୍ତା ଦେବା ଏବଂ ସାର୍ବଜନୀନ ପରୀକ୍ଷାର ପବିତ୍ରତାକୁ ସୁନିଶ୍ଚିତ କରିବା ପାଇଁ ଏହି କଠୋର ପଦକ୍ଷେପ ଜରୁରୀ ଅଟେ।

ତୁରନ୍ତ ପଦକ୍ଷେପ ଦୃଢ଼ ଓ ଜରୁରୀ ହୋଇଥିବା ବେଳେ ପରୀକ୍ଷା ବ୍ୟବସ୍ଥାରେ ଦୀର୍ଘମିଆଦୀ ସୁରକ୍ଷା ଓ ବିଶ୍ୱସନୀୟତା ସୁନିଶ୍ଚିତ କରିବା ଦିଗରେ ପରବର୍ତ୍ତୀ ପଦକ୍ଷେପ ଗୁରୁତ୍ୱପୂର୍ଣ୍ଣ ଅନଲାଇନ ପରୀକ୍ଷା ପାଇଁ ଅତ୍ୟାଧୁନିକ ଏନକ୍ରିପ୍ସନ କୌଶଳ ଏବଂ ବହୁମୁଖୀ ପ୍ରମାଣୀକରଣ ବା ମଲ୍ଟି-ଫେକ୍ଟର ଅଥେଣ୍ଟିକେସନ୍ କାର୍ଯ୍ୟକାରୀ କରିବା ଦ୍ୱାରା ଅନଧିକୃତ ଆକସେସ୍‌ରୁ ରକ୍ଷା ମିଳିପାରିବ। ପରୀକ୍ଷା ପତ୍ର ପ୍ରସ୍ତୁତି ଠାରୁ ଆରମ୍ଭ କରି ମୂଲ୍ୟାୟନ ପର୍ଯ୍ୟନ୍ତ ସମସ୍ତ ପ୍ରକ୍ରିୟାକୁ ନିରୀକ୍ଷଣ ଏବଂ ସୁରକ୍ଷିତ କରିବା ପାଇଁ ବ୍ଲକ୍‌ଚେନ୍ ଜ୍ଞାନକୌଶଳ ବ୍ୟବହାର କରାଯାଇ ପାରିବ। ଏହାଦ୍ୱାରା ଯେକୌଣସି ତ୍ରୁଟି ତୁରନ୍ତ ଚିହ୍ନଟ ହୋଇପାରିବ।

ପାରମ୍ପରିକ, ଅଫଲାଇନ ପରୀକ୍ଷା ପାଇଁ ପ୍ରତ୍ୟେକ ପର୍ଯ୍ୟାୟରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବା ଜରୁରୀ। ଏଥିରେ ପରୀକ୍ଷା ସାମଗ୍ରୀର ପ୍ୟାକେଜିଂ, ସୁରକ୍ଷିତ ପରିବହନ ଏବଂ ସମସ୍ତ ପରିଚାଳନା ପଏଣ୍ଟରେ କଠୋର ଯାଞ୍ଚ ଅନ୍ତର୍ଭୁକ୍ତ। ଲଜିଷ୍ଟିକ୍ସ ପାଇଁ ରିୟଲ ଟାଇମ୍ ଜିପିଏସ୍ ଟ୍ରାକିଂ ବ୍ୟବହାର କରିବା ଏବଂ ଡିଜିଟାଲ ୱାଟରମାର୍କିଂ ବ୍ୟବହାର କରିବା ମଧ୍ୟ ଲିକ୍ ବା ପ୍ରଘଟ ହେବାର ଆଶଙ୍କାକୁ ଯଥେଷ୍ଟ ହ୍ରାସ କରିପାରେ। ଏଆଇ ଚାଳିତ ପ୍ରୋକ୍ଟୋରିଂ ସିଷ୍ଟମ ବ୍ୟବହାର କରିବା ଦ୍ୱାରା ପରୀକ୍ଷାର ତଦାରଖ ବୃଦ୍ଧି ପାଇବ, ଜାଲିଆତି ହେବାର ସମ୍ଭାବନା ହ୍ରାସ ପାଇବ। ବାୟୋମେଟ୍ରିକ ଯାଞ୍ଚ ଦ୍ୱାରା ପରୀକ୍ଷାର୍ଥୀଙ୍କ ପ୍ରକୃତ ପରିଚୟ ସୁନିଶ୍ଚିତ ହେବ ଏବଂ ଏହା ପରୀକ୍ଷା ପ୍ରକ୍ରିୟାରେ ଆଉ ଏକ ସ୍ତରର ସୁରକ୍ଷା ସୁନିଶ୍ଚିତ କରିବ।

ଏହାବ୍ୟତୀତ ସ୍ୱାଧୀନ ଓ ନିରପେକ୍ଷ ସଂସ୍ଥାମାନଙ୍କ ଦ୍ୱାରା ବାରମ୍ବାର, ପୁଙ୍ଖାନୁପୁଙ୍ଖ ଅଡିଟ୍ କରିବା ଦ୍ୱାରା ପରୀକ୍ଷା ପ୍ରକ୍ରିୟା ମଧ୍ୟରେ ଥିବା ଦୁର୍ବଳତାକୁ ଚିହ୍ନଟ କରିବାରେ ସହାୟତା ମିଳିପାରିବ। ସ୍ୱଚ୍ଛ ଏବଂ ନିୟମିତ ସମୀକ୍ଷା ଦ୍ୱାରା ସୁରକ୍ଷା ପ୍ରୋଟୋକଲ ପାଳନ କରିବା ଏବଂ କୌଣସି ଅସଙ୍ଗତିକୁ ଶୀଘ୍ର ସମାଧାନ କରିବା ସୁନିଶ୍ଚିତ ହୋଇପାରିବ। ଭବିଷ୍ୟତରେ ଡିଜିଟାଲ ଲକ୍‌ର ବିଫଳତା ଫଳରେ ପରୀକ୍ଷା ପୁସ୍ତିକା ବାକ୍ସ ଖୋଲିବା ଏବଂ ପ୍ରଶ୍ନପତ୍ର ବଣ୍ଟନରେ ବିଳମ୍ବକୁ ରୋକିବା ପାଇଁ କଠୋର ରକ୍ଷଣାବେକ୍ଷଣ କାର୍ଯ୍ୟସୂଚୀ ଏବଂ ବ୍ୟାକ୍‌ଅପ୍ ପ୍ରୋଟୋକଲ ବା ବିକଳ୍ପ ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବା ଆବଶ୍ୟକ। ପରୀକ୍ଷା ପୂର୍ବରୁ ଡିଜିଟାଲ ଲକ୍ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ଥିବା ସୁନିଶ୍ଚିତ କରିବା ଲାଗି ନିୟମିତ ରକ୍ଷଣାବେକ୍ଷଣ ଯାଞ୍ଚ ହେବା ଉଚିତ। ତା'ଛଡ଼ା ତତ୍ତ୍ୱାବଧାନରେ ସୁରକ୍ଷିତ ମାନୁଆଲ ଓଭରରାଇଡ୍ ପାଇଁ ଜରୁରୀକାଳୀନ ପ୍ରକ୍ରିୟା ସମ୍ପର୍କରେ କର୍ମଚାରୀମାନଙ୍କୁ ପ୍ରଶିକ୍ଷଣ ଦିଆଯିବା ଉଚିତ୍। ଏହି ପଦକ୍ଷେପଗୁଡ଼ିକ ବାଧାବିଘ୍ନକୁ ହ୍ରାସ କରିବା ଏବଂ ପରୀକ୍ଷାଗୁଡ଼ିକର ବିଶ୍ୱସନୀୟତା ବଜାୟ ରଖିବାରେ ସାହାଯ୍ୟ କରିବ।

ଛାତ୍ରଛାତ୍ରୀ, ଅଭିଭାବକ, ଶିକ୍ଷୟିତ୍ରୀ ଏବଂ ନୀତି ନିର୍ଦ୍ଧାରକମାନଙ୍କୁ ନେଇ ନିୟମିତ ଆଲୋଚନା ସହିତ ନିରପେକ୍ଷତା ଏବଂ ସଚ୍ଚୋଟତାର ଗୁଣ ଉପରେ ଗୁରୁତ୍ୱାରୋପ କରୁଥିବା ସଚ୍ଚୋଟତା କର୍ମଶାଳା ସକ୍ରିୟ ପଦକ୍ଷେପଗୁଡ଼ିକର ପ୍ରତିନିଧିତ୍ୱ କରେ, ଯାହା ପରୀକ୍ଷା ବିଶ୍ୱସନୀୟତାକୁ ଯଥେଷ୍ଟ ବୃଦ୍ଧି କରିପାରିବ। ଏହି ଆଲୋଚନାରେ ଅଂଶୀଦାରମାନଙ୍କୁ ସାମିଲ କରିବା ଦ୍ୱାରା ଏକ ସଚେତନ ସମୁଦାୟ ସୃଷ୍ଟି ହେବ, ଯାହା ଦ୍ୱାରା ଆନ୍‌ସାର୍ କୀରେ କୌଣସି ଅନଧିକୃତ ଆକସେସ ହୋଇପାରିବ ନାହିଁ। ଏହି ପଦକ୍ଷେପଗୁଡ଼ିକ କେବଳ ତତ୍କାଳ ଚିନ୍ତାର ସମାଧାନ କରିବ ନାହିଁ ବରଂ ପରୀକ୍ଷା ପ୍ରକ୍ରିୟାରେ ଦୀର୍ଘମିଆଦୀ ଉନ୍ନତି ପାଇଁ ଭିତ୍ତିଭୂମି ମଧ୍ୟ ସ୍ଥାପନ କରିବ।

ଏନଟିଏ ଅଧୀନରେ ବିଭିନ୍ନ ପରୀକ୍ଷା ପାଇଁ ବାର୍ଷିକ ୧୦ ନିୟୁତରୁ ଅଧିକ ଛାତ୍ରଛାତ୍ରୀ ପଞ୍ଜୀକରଣ କରୁଥିବା ବେଳେ କେବଳ ୨୦୨୩ରେ ଉଲ୍ଲେଖନୀୟ ୧୨.୩ ନିୟୁତ ପରୀକ୍ଷାର୍ଥୀ ପଞ୍ଜିକୃତ ହୋଇଛନ୍ତି। ଏନଟିଏ ପରୀକ୍ଷା ପରିଚାଳନା ସଂସ୍ଥାରେ ବିଶ୍ୱସ୍ତରରେ ଅଗ୍ରଣୀ ଭାବେ ଉଭା ହୋଇଛି। ଏହି ବ୍ୟାପକ ଅଂଶଗ୍ରହଣ ଭାରତର ଯୁବବର୍ଗଙ୍କ ଆକାଂକ୍ଷାକୁ ଆକାର ଦେବାରେ ପ୍ରଭାବଶାଳୀ ଭୂମିକାକୁ ଦର୍ଶାଉଛି। ଏହି ସଂଖ୍ୟା ଏବଂ ଭାରତର ପ୍ରସିଦ୍ଧ ଶିକ୍ଷା ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ସରକାରଙ୍କ ସକ୍ରିୟ ପଦକ୍ଷେପ ପ୍ରଶଂସନୀୟ ଏବଂ ସୁଦୂରପ୍ରସାରୀ, ଯାହାର ଉଦ୍ଦେଶ୍ୟ ହେଉଛି ଦୀର୍ଘମିଆଦୀ ସଚ୍ଚୋଟତା ଏବଂ ବିଶ୍ୱସନୀୟତା ସୁନିଶ୍ଚିତ କରିବା। ଏହି ପଦକ୍ଷେପ କେବଳ ତତ୍କାଳ ଆହ୍ୱାନର ମୁକାବିଲା କରିବ ନାହିଁ ବରଂ ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ସ୍ୱପ୍ନ ଏବଂ ଆକାଂକ୍ଷାର ସୁରକ୍ଷା ପାଇଁ ଏକ ମଜବୁତ ଭିତ୍ତିଭୂମି ସ୍ଥାପନ କରିବ। ଏହି ଆଭିମୁଖ୍ୟ ଶିକ୍ଷା ବ୍ୟବସ୍ଥା ଉପରେ ବିଶ୍ୱାସକୁ ସୁଦୃଢ଼ କରିବ, ଆଗାମୀ ପିଢ଼ି ପାଇଁ ନିରପେକ୍ଷତା ଏବଂ ସ୍ୱଚ୍ଛତାକୁ ପ୍ରୋତ୍ସାହିତ କରିବ।

ଆଗକୁ ଦେଖିଲେ, ଭାରତୀୟ ପ୍ରତିଯୋଗିତାମୂଳକ ପରୀକ୍ଷାର ଭବିଷ୍ୟତ, ନିରପେକ୍ଷତା ଏବଂ ଦକ୍ଷତା ସୁନିଶ୍ଚିତ କରିବା ଦିଗରେ ଅଭିନବ ରଣନୀତି ଉପରେ ନିର୍ଭର କରେ। ଡିଜିଟାଲ ଜ୍ଞାନକୌଶଳ ଶିକ୍ଷାକୁ ଆକାର ଦେଉଥିବା ବେଳେ ଦୃଢ଼ ଡିଜିଟାଲ ନିରାପତ୍ତା ବ୍ୟବସ୍ଥା ଗ୍ରହଣ କରିବା ଏକ ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା ଭାବେ ଉଭା ହୋଇଛି। ଅନ୍‌ଲାଇନ୍ ପରୀକ୍ଷା ପାଇଁ ଅତ୍ୟାଧୁନିକ ଏନକ୍ରିପ୍ସନ ପ୍ରୋଟୋକଲ ଏବଂ କଠୋର ପ୍ରମାଣୀକରଣ ବ୍ୟବସ୍ଥା କାର୍ଯ୍ୟକାରୀ କରିବା ଦ୍ୱାରା ସାଇବର ବିପଦ ଏବଂ ଅନଧିକୃତ ଆକ୍‌ସେସ୍ ବିରୋଧରେ ଏକ ଦୃଢ଼ ପ୍ରତିରକ୍ଷା ଆବରଣ ସୃଷ୍ଟି ହେବ। ଏହି ସକ୍ରିୟ ଆଭିମୁଖ୍ୟ କେବଳ ମୂଲ୍ୟାୟନର ଅଖଣ୍ଡତାକୁ ସୁରକ୍ଷିତ କରିବ ନାହିଁ ବରଂ ଅଂଶୀଦାରମାନଙ୍କ ମଧ୍ୟରେ ବିଶ୍ୱାସ ମଧ୍ୟ ବିକଶିତ କରିବ। ଡାଟା ଆନାଲିଟିକ୍ସ ଏବଂ ପ୍ରେଡିକ୍ଟିଂ ମଡେଲିଂରେ ଅଗ୍ରଗତିକୁ ଗ୍ରହଣ କରିବା ଦ୍ୱାରା ପରୀକ୍ଷା ଲଜିଷ୍ଟିକ୍ସ ଏବଂ ସମ୍ବଳ ଆବଣ୍ଟନକୁ ଆହୁରି ଅନୁକୂଳ କରାଯାଇପାରିବ। ଏହାଦ୍ୱାରା ମଧ୍ୟ ସୁଗମ ପରିଚାଳନା ସୁନିଶ୍ଚିତ ହୋଇପାରିବ ଏବଂ ପରିଚାଳନଗତ ଆହ୍ୱାନକୁ ହ୍ରାସ କରାଯାଇପାରିବ।

ବୈଷୟିକ ଉନ୍ନତି ଏବଂ ଶିକ୍ଷାଗତ ପ୍ରାଥମିକତାର ସମନ୍ୱୟ ସହିତ, ଭାରତୀୟ ପ୍ରତିଯୋଗିତାମୂଳକ ପରୀକ୍ଷାର ଗତିପଥ ଶୃଙ୍ଖଳିତ ପ୍ରକ୍ରିୟା ଏବଂ ବିଶ୍ୱସନୀୟତା ବୃଦ୍ଧି କରିପାରିବ। ଏହି ଭବିଷ୍ୟବାଦୀ ଚିନ୍ତାଧାରାକୁ ଅନୁସରଣ କରି ଶିକ୍ଷା କ୍ଷେତ୍ର ନିରପେକ୍ଷତା, ସ୍ୱଚ୍ଛତା ଓ ଉତ୍କର୍ଷତା ପ୍ରତି ନିଜର ପ୍ରତିବଦ୍ଧତା ବଜାୟ ରପାରିବ, ଯାହା ଶେଷରେ ଛାତ୍ରଛାତ୍ରୀଙ୍କ ଆକାଂକ୍ଷା ଏବଂ ଦେଶର ଶିକ୍ଷା ବ୍ୟବସ୍ଥାର ବିଶ୍ୱସନୀୟତାକୁ ଲାଭ ପହଞ୍ଚାଇବ।





# ରଘୁନନ୍ଦନ ଦାସଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ସାମ୍ବାଦିକମାନଙ୍କ ବିକ୍ଷୋଭ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପୂର୍ବତନ ମନ୍ତ୍ରୀ ତଥା ବିଜେଡି ନେତା ରଘୁନନ୍ଦନ ଦାସ ସାମ୍ବାଦିକା ଚିନ୍ମୟୀ ସାହୁଙ୍କୁ କୁକୁର ଲଗାଇ ଆକ୍ରମଣ ଉଦ୍ୟମ କରିବା ଘଟଣା ନେଇ ଗୁରୁବାର ଦିନ ଶହେରୁ ଅଧିକ ସାମ୍ବାଦିକ ଓଡ଼ିଶା ରାଜ୍ୟ ସଚିବାଳୟ ସମ୍ମୁଖରେ ଏକ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏଥି ସହିତ ଚିନ୍ମୟୀଙ୍କୁ ନ୍ୟାୟ ଦେବା ଓ ରଘୁନନ୍ଦନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରି ସାମ୍ବାଦିକମାନେ ମୁଖ୍ୟମନ୍ତ୍ରୀ ମୋହନ ମାଝିଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ଏହି ବିକ୍ଷୋଭ ଶୋଭାଯାତ୍ରାରେ ଅଂଶଗ୍ରହଣ କରି ବରିଷ୍ଠ ସାମ୍ବାଦିକ ରବି ଦାସ କହିଲେ ଯେ ରଘୁନନ୍ଦ ଦାସ ବିଜେଡିର ଜଣେ ବରିଷ୍ଠ ନେତା। ସେ ପୂର୍ବରୁ ସୂଚନା ଏବଂ ଲୋକସମ୍ପର୍କ ବିଭାଗର ମନ୍ତ୍ରୀ ମଧ୍ୟ ଥିଲେ। ତାଙ୍କର ଆଚରଣ ସଂପୂର୍ଣ୍ଣ ଅରଚିକର ଥିଲା। ସାମ୍ବାଦିକା ଚିନ୍ମୟୀ ସାହୁଙ୍କୁ ଆକ୍ରମଣ କରିବାକୁ କୁକୁରମାନଙ୍କୁ ମୁକ୍ତ କରିବା ଭଳି ଭୟଙ୍କର କାର୍ଯ୍ୟ ଅତ୍ୟନ୍ତ ନିନ୍ଦନୀୟ। ରଘୁନନ୍ଦନ ତୁରନ୍ତ କ୍ଷମା ମାଗିବା ଉଚିତ ଏବଂ ପୋଲିସ ତାଙ୍କ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ ବୋଲି ସେ କହିଥିଲେ । ପୂର୍ବତନ ବରିଷ୍ଠ ସାମ୍ବାଦିକ ରାଜାରାମ ଶତପଥୀ ଏବଂ ପ୍ରସନ୍ନ ମହାନ୍ତି ମଧ୍ୟ ପୂର୍ବତନ ମନ୍ତ୍ରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ବିଭିନ୍ନ ଖବରକାଗଜ ଓ ଟିଭି ନ୍ୟୁଜ୍ ଚ୍ୟାନେଲର ସମ୍ପାଦକମାନେ ଏହି ବିକ୍ଷୋଭ ଶୋଭାଯାତ୍ରାରେ ସାମିଲ୍ ହୋଇଥିଲେ । ଜୁନ୍ ୨୬ ରେ, ରଘୁନନ୍ଦ ନିଜର ଦୁଇଟି କୁକୁର ଲଗାଇ ଏକ ଘରୋଇ ଟିଭି ଚ୍ୟାନେଲର ମହିଳା ସାମ୍ବାଦିକା ଚିନ୍ମୟୀ ସାହୁଙ୍କୁ ଆକ୍ରମଣ କରିଥିଲେ।

# ନିର୍ମାଣ କାର୍ଯ୍ୟର ଗୁଣବତ୍ତା ଉପରେ ଗୁରୁତ୍ୱ ଦେବାକୁ ପ୍ରମୁଖ ଶାସନ ସଚିବଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର, ୨୭/୬ ନ୍ୟୁଜ ବ୍ୟୁରୋ**

ଗୁରୁବାର ଗ୍ରାମ୍ୟ ଉନ୍ନୟନ ବିଭାଗର ମାସିକ ସମୀକ୍ଷା ବୈଠକ ବିଭାଗୀୟ ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଗ୍ରାମ୍ୟ ଉନ୍ନୟନ ବିଭାଗର ଓସ୍ୱାନ୍ ହଲ୍‌ରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ଶ୍ରୀ ସିଂହ ରାଜ୍ୟର ସମସ୍ତ ଗ୍ରାମ୍ୟ ଉନ୍ନୟନ ଡିଭିଜନ୍ କାର୍ଯ୍ୟର ସମୀକ୍ଷା କରିଥିଲେ । ସମସ୍ତ ସର୍କଲ ଓ ଡିଭିଜନ୍‌ର ବିଭାଗୀୟ ଅଧିକାରୀମାନେ ଆଭାସୀ ମାଧ୍ୟମରେ ଏହି ସମୀକ୍ଷା ବୈଠକରେ ସାମିଲ ହୋଇ ନିର୍ମାଣାଧିନ ଥିବା ସମସ୍ତ ପ୍ରକଳ୍ପର ସ୍ଥିତି ଓ ଅନ୍ୟାନ୍ୟ ଆନୁଷଙ୍ଗିକ ଦିଗଗୁଡ଼ିକ ବିଷୟରେ ପ୍ରମୁଖ ଶାସନ ସଚିବଙ୍କୁ ଅବଗତ କରାଇଥିଲେ । ସମୀକ୍ଷା ବୈଠକର ପ୍ରାରମ୍ଭରେ ପ୍ରମୁଖ ଶାସନ ସଚିବ ଶ୍ରୀ ସିଂହ ୨୦୨୪-୨୫ ଆର୍ଥିକ ବର୍ଷର ପ୍ରଥମ ୧୦୦ ଦିନ ମଧ୍ୟରେ କାର୍ଯ୍ୟାନ୍ୱୟନ ପ୍ରକଳ୍ପର ସମୀକ୍ଷା କରିଥିଲେ । ଉକ୍ତ ପ୍ରକଳ୍ପଗୁଡ଼ିକର ସ୍ଥିତି ଓ ଅନ୍ୟାନ୍ୟ ଆନୁଷଙ୍ଗିକ ଦିଗଗୁଡ଼ିକର ସମୀକ୍ଷା କରାଯାଇଥିଲା । ଏହା ପରେ ଆଗାମୀ ୧୦୦ ଦିନ ମଧ୍ୟରେ କେଉଁ ସମସ୍ତ ପ୍ରକଳ୍ପର କାର୍ଯ୍ୟାନ୍ୱୟନ ହେବ ସେ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଉକ୍ତ ପ୍ରକଳ୍ପଗୁଡ଼ିକର ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଶ୍ରୀ ସିଂହ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଗ୍ରାମ୍ୟ ଉନ୍ନୟନ ବିଭାଗର ପ୍ରତିଟି ପ୍ରକଳ୍ପକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରିବା ସହ ନିର୍ମାଣର ଗୁଣବତ୍ତା ଉପରେ ଗୁରୁତ୍ୱ ଦେବା ପାଇଁ ଶ୍ରୀ ସିଂହ ନିର୍ଦ୍ଦେଶ ଦେଇଛନ୍ତି। ଶତ ପ୍ରତିଶତ ପ୍ରଶାସନିକ ଅନୁମୋଦନ ସହ ବାକି



ରହିଥିବା ଟେଣ୍ଡର ପ୍ରକ୍ରିୟା ଯଦି କିଛି ରହିଥାଏ ତା'କୁ ଶେଷ କରିବାକୁ କହିଥିଲେ । ସେହି ପରି ବିଜୁ ସେତୁ ଯୋଜନା ଅଧିନରେ ବିଭିନ୍ନ ଜିଲ୍ଲାରେ ଚାଲୁ ରହିଥିବା ପ୍ରକଳ୍ପଗୁଡ଼ିକର ଅଗ୍ରଗତି ସମ୍ବନ୍ଧରେ ପଚାରି ବୁଝିବା ସହ ଆପ୍ରୋଚ ରୋଡଗୁଡ଼ିକୁ ଯଥା ସମୟରେ ସାରିବାକୁ ବୈଠକରେ ବିଭାଗୀୟ ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦିଆ ଯାଇଥିଲା । ନିର୍ବାହୀ ଯନ୍ତ୍ରୀମାନେ ପ୍ରକଳ୍ପର ଫିଜିବିଲିଟି ରିପୋର୍ଟ ପ୍ରଦାନ କରିବା ସମୟରେ କେଉଁ ଯୋଜନା ଏବଂ ଧାର୍ଯ୍ୟ ଲକ୍ଷ୍ୟ ପୂରଣ ହୋଇପାରୁଛି ସେଗୁଡ଼ିକୁ ଅନୁଧ୍ୟାନ ପୂର୍ବକ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ୨୦୨୧-୨୨ ଆର୍ଥିକ ବର୍ଷ ପୂର୍ବରୁ ବାକି ରହିଥିବା ପ୍ରକଳ୍ପଗୁଡ଼ିକର ଅଗ୍ରଗତି ସମ୍ବନ୍ଧରେ ବୁଝିବା ସହ ୨୦୨୨-୨୩ ଓ ୨୦୨୩-୨୪ ଆର୍ଥିକ ବର୍ଷରେ ହାତକୁ ନିଆ ଯାଇଥିବା ସମସ୍ତ ପ୍ରକଳ୍ପଗୁଡ଼ିକୁ ଯଥାଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ ସଡକ ଯୋଜନା ଅଧିନରେ ଚାଲୁ ରହିଥିବା ପ୍ରକଳ୍ପଗୁଡ଼ିକୁ ଅଗ୍ରାଧିକାର ଭିତ୍ତିରେ ସାରିବା ସହିତ ୨୦୨୧-୨୨ ପୂର୍ବରୁ ଚାଲୁ ରହିଥିବା ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା ଜରୁରୀ ବୋଲି ଶ୍ରୀ ସିଂହ କହିଥିଲେ । ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା ଅଧିନରେ ସମ୍ପୂର୍ଣ୍ଣ ହୋଇଥିବା ରାସ୍ତାଗୁଡ଼ିକର ନିୟମିତ ଓ ସାମୟିକ ରକ୍ଷଣାବେକ୍ଷଣ ନିମନ୍ତେ ସମ୍ପୃକ୍ତ ସଂସ୍ଥାଗୁଡ଼ିକ ସହିତ ବୁଝାମଣା କରି କାର୍ଯ୍ୟ ଆଗେଇ ନେବାକୁ ପରାମର୍ଶ ଦେଇଥିଲେ । ପ୍ରକଳ୍ପ କାର୍ଯ୍ୟ ସମୟରେ ଜମି ଅଧିଗ୍ରହଣରେ ଉପୁଜୁଥିବା ସମସ୍ୟା, ବିଶେଷ କରି ଜଙ୍ଗଲ ଜମିଗୁଡ଼ିକ ପାଇଁ ଔପଚାରିକତା ସମ୍ପୂର୍ଣ୍ଣ କରି ବିଭାଗକୁ ଜଣାଇବାକୁ ଶ୍ରୀ ସିଂହ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା, ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା, କୋଠାବାଡ଼ି, ଗ୍ରାମ୍ୟ ଉନ୍ନୟନ ବିଭାଗର ସମସ୍ତ ଯୋଜନା ଏବଂ ମୁଖ୍ୟମନ୍ତ୍ରୀ ଅଭିଯୋଗ ଶୁଣାଣି ସମ୍ପର୍କରେ ଆଲୋଚନା କରାଯାଇଥିଲା । ପ୍ରତ୍ୟେକ ସର୍କଲ ଓ ଡିଭିଜନର ସମସ୍ତ ଯନ୍ତ୍ରୀମାନଙ୍କୁ ଉପରୋକ୍ତ ସମସ୍ତ କାର୍ଯ୍ୟକ୍ରମର ଅଗ୍ରଗତି ଓ ବର୍ତ୍ତମାନର ସ୍ଥିତି ସମ୍ପର୍କରେ ପ୍ରମୁଖ ଶାସନ ସଚିବ ଶ୍ରୀ ସିଂ ପଚାରି ବୁଝିଥିଲେ । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ଦ୍ଦେଶକ ଶୁଭଙ୍କର ମହାପାତ୍ର, ସ୍ୱତନ୍ତ୍ର ଶାସନ ସଚିବ ସୁଦର୍ଶନ ପରିଡ଼ାଙ୍କ ସମେତ ସମସ୍ତ ବରିଷ୍ଠ ପଦାଧିକାରୀ ଯୋଗଦେଇଥିଲେ ।

# ଶୀତଳ ଭଣ୍ଡାର, ଚାଷୀଙ୍କୁ ଏକ କାଳୀନ ଟୋକେନ ବ୍ୟବସ୍ଥା, ଟୋକେନ ଅବଧି ବୃଦ୍ଧି ଓ ମିଲରଙ୍କ ଟାର୍ଗେଟ ବୃଦ୍ଧି ପାଇଁ କଂଗ୍ରେସ ବିଧାୟକଙ୍କ ଦାବି



**ବିଷମକଟକ, ନ୍ୟୁଜ ବ୍ୟୁରୋ**

ଦିନିକିଆ ଗସ୍ତରେ ଗୁରୁବାର ଖାଦ୍ୟ ଯୋଗାଣ ଖାଉଟି କଲ୍ୟାଣ ତଥା ବୈଷୟିକ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ରାୟଗଡା ଜିଲ୍ଲା ଗସ୍ତ କରିଛନ୍ତି । ଏହି ଅବସରରେ ବିଷମକଟକର ନବ ନିର୍ବାଚିତ କଂଗ୍ରେସ ବିଧାୟକ ନୀଳ ମାଧବ ହିକକା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ସାକ୍ଷାତ କରି ନିଜ ଅଞ୍ଚଳର ଚାଷୀମାନଙ୍କ ବିଭିନ୍ନ ସମସ୍ୟା ଜଣେଇବା ସହ ସେଗୁଡ଼ିକ ସମାଧାନ ପାଇଁ ମନ୍ତ୍ରୀଙ୍କ ନିକଟରେ ଦାବି ଜଣାଇଛନ୍ତି । ବିଧାୟକ ନୀଳ ମାଧବ ନିଜେ ଜଣେ ଚାଷୀ ହୋଇଥିବା ସ୍ଥଳେ ଚାଷୀମାନଙ୍କ ସମସ୍ୟାକୁ ସେ ଅଙ୍ଗେ ନିଭେଇଥିବା କୁହାଯାଉଛି। ତେବେ ନିଜ ଦାବିପତ୍ରରେ ଚାଟିକଣା ସ୍ଥିତ ନିୟମଗିରି ଖାଦ୍ୟ ଶସ୍ୟ କୋଅପରେଟିଭ ସୋସାଇଟିକୁ କାର୍ଯ୍ୟକ୍ଷମ କରିବା ଦିଗରେ ଗୁରୁତ୍ୱ ଦେବା ପାଇଁ ବିଧାୟକ ଦାବି ଜଣାଇବା ଉଲ୍ଲେଖ ରହିଛି। ଯଦ୍ୱାରା ନିୟମଗିରିର ଡ଼ଙ୍ଗରିଆ କନ୍ଧଙ୍କ ସମେତ ଆଖ ପାଖ ଅଞ୍ଚଳର ଆଦିବାସୀମାନେ ନିଜ ଖାଦ୍ୟ ଶସ୍ୟ, ଜଙ୍ଗଲ ଜାତ ଦ୍ରବ୍ୟ ସଂରକ୍ଷଣ, ସଞ୍ଚୟ, ବ୍ୟବସାୟ ତଥା ବଜାର ପାଇଁ ଉପଯୁକ୍ତ ପରିବେଶ ପାଇପାରିବେ ଓ ଯାହା ସେମାନଙ୍କ ଅର୍ଥନୈତିକ ଅଭିବୃଦ୍ଧି, ସ୍ୱାବଲମ୍ବୀ । ଜୀବନ ଜୀବିକା ପାଇଁ ସହାୟକର ମାର୍ଗ ହୋଇପାରିବ । ଏହି ଅଞ୍ଚଳରେ ଶୀତଳ ଭଣ୍ଡାରର ଅଭାବ ଚାଷୀଙ୍କ ପାଇଁ ଏକ ପ୍ରମୁଖ ସମସ୍ୟା ହୋଇଥିବା ସ୍ଥଳେ ଏଠାରେ ନୂତନ ଶୀତଳ ଭଣ୍ଡାର ନିର୍ମାଣ ପାଇଁ ମଧ୍ୟ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିବା ସୂଚନା ରହିଛି । ଏଥି ସହ ରାଜ୍ୟ ଖାଦ୍ୟ ସୁରକ୍ଷା ଆଇନ ଅନ୍ତର୍ଗତ ସାଧାରଣ ବଣ୍ଟନ ପ୍ରଣାଳୀ ମାଧ୍ୟମରେ ନୂତନ ରାସନ କାର୍ଡ ହିତାଧିକାରୀଙ୍କୁ ସାମିଲ କରାଯିବା ପାଇଁ ଅନୁମତି, ଯୌଥ ପରିବାର ତଥା ବିବାହ ପରେ ଅଲଗା ରାସନ କାର୍ଡ ପାଇଁ ଉପୁଜିଥିବା ସମସ୍ୟା ସହ ହିତାଧିକାରୀଙ୍କ ବର୍ଦ୍ଧିତ ଅନୁପାତରେ ଖାଦ୍ୟ ଯୋଗାଣ କୋଟାକୁ ବଢ଼ାଯିବା ପାଇଁ ମଧ୍ୟ ନିବେଦନ କରିଥିବା ଜଣାପଡିଛି । ଅନୁରୂପ ଭାବେ ଚଳିତ ଋତୁରେ ମିଲରମାନଙ୍କ ଟାର୍ଗେଟ ବଢ଼ାଯିବା ଦିଗରେ ସରକାର ଧ୍ୟାନ ଦେବା ପାଇଁ, ଚାଷୀମାନଙ୍କ ଟୋକେନ ବୈଧତାକୁ ୩୦ ଦିନ ପରିବର୍ତ୍ତେ ୪୫ ଦିନ କରାଯିବା ଓ ଚାଷୀଙ୍କୁ ବାରମ୍ବାର ଟୋକେନ ପ୍ରଦାନ କରାଯିବା ବଦଳରେ ଏକ କାଳୀନ ଟୋକେନ ବ୍ୟବସ୍ଥା କରାଯିବା ଦିଗରେ ବିଚାର କରାଯିବା ପାଇଁ ସେ ଗୁରୁତ୍ୱ ଦେଇଛନ୍ତି । ଯାହାଦ୍ୱାରା ଚାଷୀକୁ ତା'ର ଫସଲ ଅମଳ ପରେ ଟୋକେନ ଆସିବାରେ ବିଳମ୍ବ ଯୋଗୁଁ ବାରମ୍ବାର ଅପେକ୍ଷା କରିବା, ଅମଳ ହୋଇଥିବା ଫସଲକୁ ବର୍ଷା ଦାଉରୁ ରକ୍ଷା ପାଇବା, ସାଇତି ରଖିବା ଆଦି ଚିନ୍ତା ଓ ସମସ୍ୟାରୁ ମୁକ୍ତି ମିଳି ପାରିବ । ଏହି ସବୁ ସମସ୍ୟା ପ୍ରତି ଗୁରୁତ୍ୱ ଦେବା ପାଇଁ ବିଧାୟକ ମନ୍ତ୍ରୀଙ୍କୁ ନିଜ ଦାବି ପତ୍ରରେ ଜଣାଇଥିବା ସୂଚନା ରହିଛି । ନବ ନିର୍ବାଚିତ ବିଧାୟକଙ୍କ ଏଭଳି ପଦକ୍ଷେପ ଓ ଚାଷୀଙ୍କ ପାଇଁ ଆନ୍ତରିକତାକୁ ବିଭିନ୍ନ ମହଲରୁ ପ୍ରଶଂସନୀୟ ବୋଲି ଚର୍ଚ୍ଚା ହେଉଛି। ତେବେ ଉକ୍ତ ସମସ୍ୟା ଗୁଡ଼ିକ ସହ ଚାଷୀ ଭାଇମାନେ ନିତିଦିନ ସଂଘର୍ଷ କରୁଥିବା ବେଳେ ନୂତନ ସରକାରଙ୍କ ଏଥିପ୍ରତି ଦୃଷ୍ଟି ଯୁଗାନ୍ତକାରୀ ପଦକ୍ଷେପ ହୋଇପାରିବ। ଏଥି ସହ ମୋ ନିର୍ବାଚନ ମଣ୍ଡଳୀର ବିଷମକଟକ ବ୍ଲକ ମଧ୍ୟରେ ମୋଟ ୧୬୮୧ ଖଣ୍ଡ ଆବେଦନରେ ମୋଟ ୪୨୬୦ ଜଣ ନୂତନ ହିତାଧିକାରୀ ସାମିଲ ପାଇଁ ମୁନିଗୁଡ଼ା ବ୍ଲକରେ ୧୯୪୭ ଆବେଦନ ଓ ୫୪୭୩ ହିତାଧିକାରୀ, କୋଲନରା ବ୍ଲକରେ ୬୮୯ ଆବେଦନ ସହ ୨୫୮, କଲ୍ୟାଣସିଂପୁର ବ୍ଲକ ମଧ୍ୟରେ ୭୨୩ ଖଣ୍ଡ ଆବେଦନରେ ମୋଟ ୩୨୯୨ ଜଣ ହିତାଧିକାରୀ ଏଭଳି ପାଖା ପାଖି ୧୬,୦୦୦ ହିତାଧିକାରୀ ରାସନ କାର୍ଡରେ ଅନ୍ତର୍ଭୁକ୍ତ ହେବା ପାଇଁ ଆଶାବାଦୀ ଥିବା ବେଳେ ଏମାନଙ୍କ ବିଷୟ ପ୍ରତି ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିବା ନବନିର୍ବାଚିତ ବିଧାୟକ ନୀଳ ମାଧବ ହିକକା ସ୍ପଷ୍ଟ କରିଛନ୍ତି ।

# ମହାନଦୀ ପ୍ରସଙ୍ଗରେ ରାଜସ୍ୱ ମନ୍ତ୍ରୀଙ୍କ ବକ୍ତବ୍ୟ ଦୁର୍ଭାଗ୍ୟଜନକ ଓ ବିଭ୍ରାନ୍ତିକର: ବିଜେଡି



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ମହାନଦୀ ଜଳ ବିବାଦ ପ୍ରସଙ୍ଗରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଦେଇଥିବା ବକ୍ତବ୍ୟକୁ ବିଭ୍ରାନ୍ତିକର ଓ ଦୁର୍ଭାଗ୍ୟଜନକ ବୋଲି ଗୁରୁବାର ଶଙ୍ଖ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ବିଜୁ ଜନତା ଦଳର ବରିଷ୍ଠ ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର। ସେହିପରି ସାମ୍ବାଦିକ ସମ୍ମିଳନୀରେ ଆଳିର ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରତାପ କେଶରୀ ଦେବ କହିଥିଲେ ଡବଲ ଇଂଜିନ ସରକାରରେ ପ୍ରଗତି ଦୁଇଗୁଣ ହେବ ବୋଲି ନିର୍ବାଚନ ସମୟରେ ବିଜେପି ନେତା କହିଥିଲେ। ଏବେ ମହାନଦୀ ପ୍ରସଙ୍ଗରେ ଟ୍ରିପଲ ଇଂଜିନ୍ ସରକାର ରହିଛି। କେନ୍ଦ୍ରରେ, ଛତିଶଗଡରେ, ଓଡ଼ିଶାରେ ସବୁଠି ବିଜେପିର ସରକାର। ଏବେ ଆଉ ବାହାନା ଖୋଜିବା ବଦଳରେ ମହାନଦୀ ସମସ୍ୟାର ସମାଧାନ କରାଯାଉ। ରାଜସ୍ୱ ମନ୍ତ୍ରୀଙ୍କୁ ମଧ୍ୟ ନିଜ ନିର୍ବାଚନ ମଣ୍ଡଳୀ ଲୋକଙ୍କୁ ଉତ୍ତର ଦେବାକୁ ପଡିବ, କାରଣ ମହାନଦୀରେ ପାଣି ନଆସିବା ଦ୍ୱାରା ସେମାନେ ବି ପ୍ରଭାବିତ ହେଉଛନ୍ତି।

ଶ୍ରୀ ମିଶ୍ର କହିଛନ୍ତି ଯେ, ମହାନଦୀ ଉପରେ ଛତିଶଗଡ ମନମାନି କରିଆସୁଛି। ଛତିଶଗଡର ବେଆଇନ କାମ ବିରୋଧରେ କେନ୍ଦ୍ର ସରକାର, ପ୍ରଧାନମନ୍ତ୍ରୀ ଓ ସିଡବ୍ଲୁସିଙ୍କ ନିକଟରେ ବାରମ୍ବାର ଓଡ଼ିଶା ସରକାର ଓ ନବୀନ ପଟ୍ଟନାୟକ ଦୃଷ୍ଟି ଆକର୍ଷଣ କରିଥିଲେ। ଏପରିକି ତତ୍କାଳୀନ ଜଳସଂପଦ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ୨୦୧୬ରେ ଦିଲ୍ଲୀରେ ବସିଥିବା ବୈଠକରେ ଛତିଶଗଡର ବେଆଇନ କାମକୁ ଅଟକାଇବା ପାଇଁ ନବୀନ ପଟ୍ଟନାୟକ ସ୍ପଷ୍ଟ ଭାବେ ଦାବି ରଖିବା ସତ୍ତ୍ୱେ ମଧ୍ୟ କୈଣସି ନିର୍ଦ୍ଦେଶ କେନ୍ଦ୍ର ସରକାରଙ୍କ ପକ୍ଷରୁ ଦିଆଯାଇନଥିଲା। ସେତେବେଳେ ଓଡ଼ିଶାର ସ୍ୱାର୍ଥକୁ ସଂପୂର୍ଣ୍ଣ ଅଣଦେଖା କରିଥିଲେ କେନ୍ଦ୍ର ସରକାର। ରାଜ୍ୟ ସରକାର ସମାଧାନ ପାଇଁ ସୁପ୍ରିମକୋର୍ଟର ଦ୍ୱାରସ୍ଥ ହେଲେ। ଟ୍ରିବ୍ୟୁନାଲ ଗଠନରେ ମଧ୍ୟ କେନ୍ଦ୍ର ସରକାରଙ୍କ ଟାଳଟୁଳ ନୀତି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲା। ଶେଷରେ ମହାନଦୀ ଟ୍ରିବ୍ୟୁନାଲ ଗଠନ ହେଲା। ଏଥିରେ ଓଡ଼ିଶା ପକ୍ଷରୁ ସମସ୍ତ ଦଲିଲ୍ ଉପସ୍ଥାପନ କରାଯାଇ ପକ୍ଷ ରଖାଯାଇଛି। ଟ୍ରିବ୍ୟୁନାଲର ଅବଧି ଏବେ ୨୦୨୬ ଏପ୍ରିଲ ପର୍ଯ୍ୟନ୍ତ ବଢାଯାଇଛି। ମହାନଦୀ ପାଇଁ ଓଡ଼ିଶା ନ୍ୟାୟିକ ଲଢେଇ ଲଢିଛି, ରାଜରାସ୍ତାରେ ସଂଗ୍ରାମ କରିଛି, ଆଲୋଚନା ମାଧ୍ୟରେ ସମାଧାନ ପାଇଁ ଉଦ୍ୟମ କରିଛି। ହେଲେ କେନ୍ଦ୍ର ନୀରବଦ୍ରଷ୍ଟା ସାଜି ସେତେବେଳେ ଛତିଶଗଡରେ ଥିବା ବିଜେପି ସରକାରକୁ ସୁହାଇଲା ଭଳି କାର୍ଯ୍ୟ କରିଥିଲା। ତେଣୁ ମହାନଦୀକୁ ନେଇ ଓଡ଼ିଶା ସରକାର କିଛି କରିନଥିଲେ। ଏଭଳି ବିଭ୍ରାନ୍ତିକର ତଥ୍ୟ ଉପସ୍ଥାପନ କରିବା ବଦଳରେ ସମସ୍ୟାର ସମାଧାନ ପାଇଁ ବିଜେପି ସରକାର ଉଦ୍ୟମ କରିବା ଦରକାର। ମହାନଦୀ ପ୍ରସଙ୍ଗରେ ବିଜେଡି ସଂପୂର୍ଣ୍ଣ ସଚେତନ ରହିଛି। ଆଉ ମହାନଦୀ ଅବବାହିକା ଅଧିବାସୀଙ୍କ ସ୍ୱାର୍ଥ ହାସଲ ପାଇଁ ବିଜେଡି ସଂପୂର୍ଣ୍ଣ ସଜାଗ ରହିଛି ବୋଲି ଶ୍ରୀ ମିଶ୍ର କହିଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଆଗାମୀ ବଜେଟ୍ ...

କହିଛନ୍ତି ଯେ, ପ୍ରତିଟି ଲୋକର ବିକାଶ ହୋଇପାରିଲେ ଏକ ବିକଶିତ ଭାରତ ସମ୍ଭବ ହେବ। ଗରିବ, ଋଷୀ, ମହିଳା, ଯୁବ ବର୍ଗଙ୍କ ବିକାଶ ପାଇଁ ଧ୍ୟାନ ଦିଆଯାଉଛି। ସରକାରଙ୍କ ସବୁ ଯୋଜନାର ସୁବିଧା ସମସ୍ତଙ୍କ ନିକଟରେ ପହଞ୍ଚିଯିବ। ସେହିପରି ଡାକ୍ତରୀ ପ୍ରବେଶିକା ପରୀକ୍ଷାକୁ ନେଇ ଋଲିଥିବା ବିବାଦ ଉପରେ ମଧ୍ୟ ଆଲୋଚନା କରିଛନ୍ତି ରାଷ୍ଟ୍ରପତି । ପେପର ଲିକ ମାମଲା ଉପରେ ନିରପେକ୍ଷ ଯାଞ୍ଚ କରାଯିବ ବୋଲି ରାଷ୍ଟ୍ରପତି କହିଛନ୍ତି । ନିରପେକ୍ଷ ଯାଞ୍ଚ ପାଇଁ ଆମ ସରକାର ପ୍ରତିବଦ୍ଧ ବୋଲି କହିଛନ୍ତି ରାଷ୍ଟ୍ରପତି।

## ବିଭିନ୍ନ ନେତୃବର୍ଗଙ୍କୁ ...

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଓ ଦୁଇ ଉପ ମୁଖ୍ୟମନ୍ତ୍ରୀଙ୍କୁ ସାଙ୍ଗରେ ଧରି ତିନିଦିନିଆ ନୂଆଦିଲ୍ଲୀ ଗସ୍ତରେ ଯାଇଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କ ସହ ଓଡ଼ିଶାର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ମଧ୍ୟ ଆଲୋଚନା କରିଥିବା ଜଣାପଡିଛି। ସେହିପରି ଅର୍ଥମନ୍ତ୍ରୀ ଶ୍ରୀମତୀ ସୀତାରମଣଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ ବେଳେ ଓଡ଼ିଶା ପାଇଁ ଆଗାମୀ ବଜେଟ୍‌ରେ ଅଧିକ ଅର୍ଥ ବ୍ୟବସ୍ଥା କରିବା ସହ ରାଜ୍ୟ ସ୍ୱାର୍ଥଜଡିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା କରିଥିବା ଜଣାପଡିଛି।

## ଦକ୍ଷତା ବିକାଶ କାର୍ଯ୍ୟକ୍ରମକୁ ...

୩୦ ଗୋଟି ସ୍କିଲ୍-ହବ ପରିଚାଳନା କରାଯିବ । ଏଥିରେ ଉଚ୍ଚଶିକ୍ଷା ଅନୁଷ୍ଠାନର ଛାତ୍ରଛାତ୍ରୀଙ୍କୁ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ସମ୍ପର୍କରେ ସଚେତନତା କରାଯିବା ସହ ପ୍ରଶିକ୍ଷଣ ଦିଆଯିବ । ଜୁଲାଇ ୧୫ ତାରିଖରେ "ବିଶ୍ୱ ଯୁବ ଦକ୍ଷତା ଦିବସ'' ଅବସରରେ କୌଶଳ ରଥ ଦୁଇଗୋଟି ବସ୍ ଦ୍ୱାରା ୩୦ଟି ଜିଲ୍ଲାକୁ ଅତିକ୍ରମ କରିବ । ବିଭିନ୍ନ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଓ ଯୋଜନା ସମ୍ପର୍କରେ ଯୁବପିଢ଼ିଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ କୌଶଳରଥ ଆରମ୍ଭ କରିବାକୁ ପ୍ରସ୍ତାବ ଅଛି। ଯେଉଁଥିରେ ହାଇସ୍କୁଲ, ଆଶ୍ରମ ବିଦ୍ୟାଳୟ, ଶିଶୁ ଯତ୍ନ ଅନୁଷ୍ଠାନ, ପିଭିଟିଜି (ପ୍ରାଚୀନ ଜନଜାତି) ଅଞ୍ଚଳରେ (ବଣ୍ଡା ଓ ମାଙ୍କଡ଼ିଆ ଇତ୍ୟାଦି) ଏବଂ ଆଇଟିଆଇ ଓ ପଲିଟେକ୍‌ନିକ୍ ଉଚ୍ଚଶିକ୍ଷା ଅନୁଷ୍ଠାନ ଉପରେ ଗୁରୁତ୍ୱ ଦିଆଯିବ । ୭ ଗୋଟି ଦକ୍ଷତା ଉପରେ ସଚେତନତା ପାଇଁ ସରକାରଙ୍କ ବିଭିନ୍ନ ବିବରଣୀ, ରୋଲ ମଡେଲ୍ ଓ ଉଚ୍ଚଶିକ୍ଷା ସ୍କିମ୍ ଏହି କୌଶଳ ଅନ୍ ହୁଇଲ୍ ରେ ଫୋକସ୍ ହେବ । ସ୍ଥାନୀୟ ଜନପ୍ରତିନିଧି, ଅଭିଭାବକ, ଛାତ୍ରଛାତ୍ରୀ, ପୂର୍ବତନ ଛାତ୍ରଛାତ୍ରୀଙ୍କୁ ଏଥିରେ ସାମିଲ ହେବା ପାଇଁ ନିମନ୍ତ୍ରଣ କରାଯିବ। ଏହା ବ୍ୟତୀତ ସ୍ୱଳ୍ପ ଅବଧି ଭିତ୍ତିକ ଦକ୍ଷତା କାର୍ଯ୍ୟକ୍ରମ, ଆଇ.ଟି.ଆଇ ଏବଂ ପଲିଟେକ୍‌ନିକ୍, ବିଶ୍ୱ ଦକ୍ଷତା କେନ୍ଦ୍ର ଓ ଉଚ୍ଚତର ବୈଷୟିକ ଶିକ୍ଷା ସଂସ୍ଥାନଗୁଡ଼ିକରେ ଦିଆଯାଉଥିବା କାର୍ଯ୍ୟକ୍ରମମାନ ଦୃଶ୍ୟ-ଶ୍ରାବ୍ୟ ଯନ୍ତ୍ର ମାଧ୍ୟମରେ ପ୍ରଚାର କରାଯିବ। ସ୍କିଲ୍-ଅନ୍-ହ୍ୱିଲ୍ ବା କୌଶଳ ରଥରେ ବିଭିନ୍ନ ପ୍ରକାର ପରିଯୋଜନା ଯଥା ବାଳିକାମାନଙ୍କ ପାଇଁ ସୁଦକ୍ଷା, ଅନାଥ ପିଲାଙ୍କ ପାଇ ଗ୍ରୀନ୍-ପ୍ୟାସେଜ୍ ସ୍କିମ୍ ଓ ନୂଆ-ଓ ଏବଂ ପିଏଲ୍‌ଟିପି ଯୋଜନା ସଂପର୍କରେ ସୂଚନା ଦିଆଯିବ । ଏହି କୌଶଳ ରଥ ଅଭିଯାନ ପାଇଁ ମୁଖ୍ୟମନ୍ତ୍ରୀଙ୍କଠାରୁ ସ୍ୱୀକୃତି ଅଣାଯିବ । ଏତଦ୍‌ବ୍ୟତୀତ ଯୁବକମାନଙ୍କୁ ଆତିଥେୟତା ପ୍ରଶିକ୍ଷଣ ପାଇଁ ବିଶ୍ୱ ଦକ୍ଷତା କେନ୍ଦ୍ରଠାରେ ପ୍ରଥମ ପର୍ଯ୍ୟାୟରେ ପ୍ରଥମ କୌଶଳ ଭବନ ନିର୍ମାଣ କରାଯାଉଛି । ନିର୍ମାଣ ହେବାକୁ ଥିବା ୧୦ ଗୋଟି କୌଶଳ ଭବନ ମଧ୍ୟରୁ ପ୍ରଥମେ ଗୋଟିଏ ନିର୍ମାଣ ହେବ । ଏହି ଭବନରେ ଯୁବକମାନଙ୍କୁ ଆତିଥ୍ୟ ପ୍ରଶିକ୍ଷଣ ଦେବା ପାଇଁ ଭୁବନେଶ୍ୱରସ୍ଥିତ ବିଶ୍ୱ ଦକ୍ଷତା କେନ୍ଦ୍ର ପରିସରରେ ପ୍ରଥମ କୌଶଳ ଭବନ ନିର୍ମାଣ କରାଯାଉଛି । ଏହି ଭବନରେ ରୋଷେଇ ବିଜ୍ଞାନ, ଖାଦ୍ୟ ଓ ପାନୀୟ, ଗୃହରକ୍ଷୀ ସେବା ଏବଂ ଫ୍ରଣ୍ଟ ଅଫିସ୍ ଆସୋସିଏଟ୍ ପାଠ୍ୟକ୍ରମରେ ପ୍ରଶିକ୍ଷଣ ପାଇଁ ସୁବିଧା ରହିବ । ଏହି ଭବନରେ ବାର୍ଷିକ ୪୦୫ ଜଣ ଯୁବକଙ୍କୁ ଦକ୍ଷ କରିବାର କ୍ଷମତା ରହିଛି । ଏହା ବ୍ୟତୀତ ମୁଖ୍ୟମନ୍ତ୍ରୀ ଦକ୍ଷତା ବିକାଶ ଫେଲୋସିପ୍ କାର୍ଯ୍ୟକ୍ରମ ଓ ପ୍ରତିଷ୍ଠାନଗୁଡ଼ିକୁ ର୍ୟାଙ୍କିଂ ପାଇଁ ଜାତୀୟ ଶୈକ୍ଷିକ ର୍ୟାଙ୍କିଂ ଫ୍ରେମ୍ ୱାର୍କ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା । ସମୀକ୍ଷା ବୈଠକରେ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ଉପସ୍ଥିତ ରହି ଏ ସମସ୍ତ ତଥ୍ୟ ସମ୍ପର୍କରେ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଭାଗର ନିର୍ଦ୍ଦେଶିକା ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ୭୦ ଡେଇଁଲେ ପ୍ରତ୍ୟେକ ...

ଅଧିକ ବୟସ୍କ ଏହି ଯୋଜନା ଅଧୀନରେ ସାମିଲ ହେବେ । ସେମାନଙ୍କୁ ଆୟୁଷ୍ମାନ ଭାରତ ଯୋଜନାରେ ମାଗଣା ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯିବ। ଏବି-ପିଏମ୍‌ଜେଏୱାଇ ହେଉଛି ବିଶ୍ୱର ସବୁଠାରୁ ବଡ଼ ସର୍ବସାଧାରଣ ସ୍ୱାସ୍ଥ୍ୟ ବୀମା ଯୋଜନା ଏହି ଯୋଜନାରେ ପ୍ରତି ପରିବାରକୁ ୫ ଲକ୍ଷ ଟଙ୍କା ଯାଏ ମାଗଣା ଚିକିତ୍ସା ସେବା ଯୋଗାଇ ଦିଆଯାଉଛି।

## ନିଟ୍ ପେପର ...

ପେପର ଲିକ ସହିତ ସଂଯୋଗ ରହିଛି । ଏହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ । ଜଣେ ଅଧିକାରୀ କହିଛନ୍ତି, ତଦନ୍ତ ସମୟରେ ପୋଲିସ କିଛି ହ୍ୱାଟ୍ସଆପ ଋଟ ଏବଂ କଣ୍ଟାକ୍ଟ ନମ୍ବର ପାଇଥିଲା, ଯାହା ସ୍ପଷ୍ଟ କରିଛି ଯେ, ଗଙ୍ଗାଧର ବିହାରର କିଛି ଲୋକଙ୍କ ସହ ଯୋଗାଯୋଗରେ ଅଛନ୍ତି। ଏହି ପରିପ୍ରେକ୍ଷୀରେ ମହାରାଷ୍ଟ୍ର ପୋଲିସ ବିହାର ପୋଲିସର ସହାୟତା ନେଇପାରେ। ତେବେ ବିହାର ପୋଲିସ ମାମଲାକୁ ଅଧିକ ତଦନ୍ତ ପାଇଁ ସିବିଆଇକୁ ହସ୍ତାନ୍ତର କରାଯାଇଛି। ଅନୁସନ୍ଧାନରୁ ଏହା ମଧ୍ୟ ଜଣାପଡ଼ିଛି ଯେ, ଗଙ୍ଗାଧର ମହାରାଷ୍ଟ୍ରର ସାଙ୍ଗଲିର ବାସିନ୍ଦା । ସେ ବର୍ତ୍ତମାନ ଗୁରୁଗାଓଁରେ ରୁହନ୍ତି ଏବଂ ସେଠାରେ ଏକ ଅଟୋମୋବାଇଲ କମ୍ପାନୀରେ କାମ କରନ୍ତି। ପ୍ରାଥମିକ ଅନୁସନ୍ଧାନ ବେଳେ ପୋଲିସ ଅଭିଯୁକ୍ତଙ୍କଠାରୁ ୮ ଜଣ ନିଟ ଛାତ୍ରଙ୍କ ହଲ ଟିକେଟ ଜବତ କରିଥିଲା, କିନ୍ତୁ ଗିରଫ ପରେ ଆଉ ୪ଟି ହଲ ଟିକେଟ ଜବତ କରାଯାଇଥିଲା। ଅଭିଯୁକ୍ତଙ୍କ ହ୍ୱାଟ୍ସଆପ ଋଟରେ ପୋଲିସ ବର୍ତ୍ତମାନ ମୋଟ ୧୨ଟି ହଲ ଟିକେଟ ଜବତ କରିଛି । ଜଣେ ଅଧିକାରୀ ଏହା ମଧ୍ୟ କହିଛନ୍ତି ଯେ, ଗ୍ରେଡ ସି ଏବଂ ଗ୍ରେଡ ବି ପରୀକ୍ଷା ପାଇଁ ହଲ ଟିକେଟ ମଧ୍ୟ ଅଭିଯୁକ୍ତଙ୍କ ନିକଟରୁ ମିଳିଛି, ଯାଞ୍ଚ ପ୍ରକ୍ରିୟା ଋଲିଛି।

## ଲାଲକୃଷ୍ଣ ଆଡଭାନୀଙ୍କ ...

ଭର୍ତ୍ତି କରାଯାଇଥିଲା। ଏବେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି ଏବଂ ତାଙ୍କୁ ଡାକ୍ତରୀ ଟିମ୍ ତଦାରଖ କରୁଛନ୍ତି । ପୂର୍ବ ଉପପ୍ରଧାନମନ୍ତ୍ରୀ ଆଡଭାନୀଙ୍କୁ ଏମ୍ସରେ ପୁରୁଣା ପ୍ରାଇଭେଟ ୱାର୍ଡରେ ଭର୍ତ୍ତି କରାଯାଇଥିଲା। ପରେ ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିବାରୁ ତାଙ୍କୁ ଡିସ୍‌ଚାର୍ଜ କରିଦିଆଯାଇଛି। ସେ ବର୍ତ୍ତମାନ ତାଙ୍କ ସରକାରୀ ବାସଭବନରେ ରହିବେ। ଡାକ୍ତରଟିମ୍ ତାଙ୍କର ସ୍ୱାସ୍ଥ୍ୟ ତଦାରଖ କରିବ।

## ବିଏସଏନଏଲ ସର୍ଭରରୁ ...

ଅନୁଯାୟୀ ଏହି ସମ୍ବେଦନଶୀଳ ଟେଲିକମ ତଥ୍ୟ ଡାର୍କ ୱେବରେ ବିକ୍ରି ହୋଇଛି । ଏହି ତଥ୍ୟ ସବୁକୁ ୫ ହଜାର ଡଲାର ମୂଲ୍ୟରେ ଡାର୍କ ୱେବରେ ବିକ୍ରି କରାଯାଉଛି। ଭାରତ ସଞ୍ଚାର ନିଗମ ଲିମିଟେଡ (ବିଏସଏନଏଲ) ଉପରେ ଏହି ସାଇବର ଆକ୍ରମଣ ପରେ ଜାତୀୟ ସୁରକ୍ଷାକୁ ନେଇ ଚିନ୍ତା ବଢ଼ିଛି । କେବଳ ଏତିକି ନୁହେଁ, ଏହି ସାଇବର ଆକ୍ରମଣ ବିଷୟରେ ବିଏସଏନଏଲ କେତେ ସମ୍ବେଦନଶୀଳ ଥିଲା ତାହା ମଧ୍ୟ ସାମ୍ନାକୁ ଆସିଛି। ସୂଚନାନୁସାରେ, ହ୍ୟାକରମାନେ ଦୀର୍ଘ ସମୟ ଧରି ବିଏସଏନଏଲର ସିଷ୍ଟମକୁ ପ୍ରବେଶ କରିଥିଲେ, ଯେଉଁ କାରଣରୁ ସମ୍ବେଦନଶୀଳ ଟେଲିକମ ତଥ୍ୟ ଏତେ ପରିମାଣରେ ଚୋରି ହୋଇଥିଲା। ତେବେ ଏହା ପ୍ରଥମ ଥର ନୁହେଁ ଡିସେମ୍ବର ୨୦୨୩ରେ ମଧ୍ୟ ବିଏସଏନଏଲ ସିଷ୍ଟମରୁ ତଥ୍ୟ ଚୋରିର ଏକ ସମାନ ମାମଲା ସାମ୍ନାକୁ ଆସିଥିଲା । କିନ୍ତୁ ଏଥର ସମ୍ବେଦନଶୀଳ ଟେଲିକମ ତଥ୍ୟ ଏବଂ ଉପଭୋକ୍ତାମାନଙ୍କର ଅଧିକ ବିସ୍ତୃତ ସୂଚନା ଏବଂ ଡାଟାବେସ ଚୋରି ହୋଇଛି । ଘଟଣାର ଗମ୍ଭୀରତାକୁ ଦୃଷ୍ଟିରେ ରଖି ଟେଲିକମ ମନ୍ତ୍ରଣାଳୟ ଏହି ସମ୍ପୂର୍ଣ୍ଣ ତଥ୍ୟ ଚୋରି ସମ୍ପର୍କରେ ବିଏସଏନଏଲରୁ ରିପୋର୍ଟ ମାଗିଛି। ଏହା ବ୍ୟତୀତ ମାମଲାର ଫୋରେନସିକ ଯାଞ୍ଚ ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି।

## ପୃଥିବୀ ଉପରେ...

ପରିବର୍ତ୍ତନ ଆଣେ। ନାସା ଅନୁଯାୟୀ, ଏହି ପ୍ରସଙ୍ଗରେ ଅଧିକ ସୂଚନା ସଂଗ୍ରହ କରିବା ପାଇଁ ଏଜେନ୍ସି ଏକ ମିଶନ ଉପରେ କାର୍ଯ୍ୟ କରୁଛି। ନାସାର ଏହି ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି । ହଜାର ହଜାର ଲୋକ ଏହାକୁ ପସନ୍ଦ କରିଥିବାବେଳେ ଏପର୍ଯ୍ୟନ୍ତ ଲକ୍ଷ ଲକ୍ଷ ଲୋକ ଏହି ଭିଡିଓ ଦେଖିଛନ୍ତି । ନାସାର ଏହି ଚେତାବନୀକୁ ନେଇ ଲୋକମାନେ ଉଦ୍ବେଗ ପ୍ରକାଶ କରୁଛନ୍ତି।

# ଥେରୁବାଲି-ଟିଟିଲାଗଡ଼-ସମ୍ବଲପୁର ଏବଂ ସମ୍ବଲପୁର-ଝାରସୁଗୁଡା ରୋଡ-ସମ୍ବଲପୁର ସିଟି-ଜରପଡା ରେଳ ସେକ୍ସନ ନିରୀକ୍ଷଣ କଲେ ପୂର୍ବତଟ ରେଳପଥ ମହାପ୍ରବନ୍ଧକ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପୂର୍ବତଟ ରେଳପଥ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଦୁଇଦିନିଆ ସମ୍ବଲପୁର ରେଳ ମଣ୍ଡଳ ଗସ୍ତରେ ଯାଇ ଥେରୁବାଲି-ଟିଟିଲାଗଡ଼-ସମ୍ବଲପୁର ଏବଂ ସମ୍ବଲପୁର-ଝାରସୁଗୁଡା ରୋଡ-ସମ୍ବଲପୁର ସିଟି-ଜରପଡା ରେଳ ସେକ୍ସନ ନିରୀକ୍ଷଣ କରିବା ସହିତ ଏହି ଅଂଚଳରେ ଚାଲୁରହିଥିବା ବିଭିନ୍ନ ପ୍ରକଳ୍ପ ଏବଂ ଭିତ୍ତିଭୂମି କାର୍ଯ୍ୟର ସମୀକ୍ଷା କରିଥିଲେ । ଶ୍ରୀ ଫୁଙ୍କୱାଲ ଥେରୁବାଲି-ଟିଟିଲାଗଡ଼-ସମ୍ବଲପୁର ରେଳ ସେକ୍ସନର ମୁନିଗୁଡା, କେସିଙ୍ଗା, ଟିଟିଲାଗଡ, ବଲାଙ୍ଗୀର, ବରପାଲି ଏବଂ ସମ୍ବଲପୁରର ରେଳ ଷ୍ଟେସନ ପରିଦର୍ଶନ ସହିତ ବିଭିନ୍ନ କାର୍ଯ୍ୟର ନିରୀକ୍ଷଣ କରିଥିବାବେଳେ ସମ୍ବଲପୁର-ଝାରସୁଗୁଡା ରୋଡ-ସମ୍ବଲପୁର ସିଟି-ଜରପଡା ରେଳ ସେକ୍ସନର ଝାରସୁଗୁଡା ରୋଡ଼, ସରଳା, ସମ୍ବଲପୁର ସିଟି-ଜରପଡା ରେଳ ଷ୍ଟେସନ ଗୁଡ଼ିକର ନିରୀକ୍ଷଣ କରି ଭିତ୍ତିଭୂମି ବିକାଶ ଓ ଯାତ୍ରୀ ସୁବିଧା କାର୍ଯ୍ୟ ଗୁଡ଼ିକର ନିରୀକ୍ଷଣ କରିଥିଲେ । ଏହି ଗସ୍ତ ସମୟରେ ମହାପ୍ରବନ୍ଧକ ସରଳା ଠାରେ ମାଲବାହୀ ଟ୍ରେନ୍ ପରୀକ୍ଷଣ ସୁବିଧା ଓ



ଆରଓଏଚ (ରୁଟିନ୍ ଓଭରହେଲ୍), ଟିଟିଲାଗଡ଼ ଓ ସମ୍ବଲପୁର ରେଳ ଷ୍ଟେସନ ଠାରେ କୃ-ଲବି ଏବଂ ସମ୍ବଲପୁର ଷ୍ଟେସନରେ ରନିଙ୍ଗ ରୁମ ସହିତ ଅନେକ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ପ୍ରକଳ୍ପ ଯାଂଚ କରିଥିଲେ। ଶ୍ରୀ ଫୁଙ୍କୱାଲ ମଧ୍ୟ ବିଭିନ୍ନ ରେଳ ସାଇଡିଙ୍ଗରେ ପରିବହନ ସେବା ସହିତ ଜଡିତ ଟ୍ରାଫିକ୍ ସୁବିଧା ଯାଂଚ କରିଥିଲେ। ବୃନ୍ଦାମାଲ ଏବଂ ଆମ୍ବୋଡୋଲା ଠାରେ ବେଦାନ୍ତ ଲିମିଟେଡ଼, ଲପଙ୍ଗା ଥ୍ରେବ ଭୂଷଣ ପାୱାର ଆଣ୍ଡ ଷ୍ଟିଲ ଲିମିଟେଡ଼ ଓ ଆଦିତ୍ୟ ଅଲୁମୁନିୟମ ଶିଳ୍ପ ସଂସ୍ଥା ଗୁଡ଼ିକୁ ପରିବହନ ଜନିତ ପ୍ରକଳ୍ପ ଗୁଡ଼ିକର ସମୀକ୍ଷା କରିଥିଲେ ଏହା ସହିତ ଶ୍ରୀ ଫୁଙ୍କୱାଲ କାର୍ଯ୍ୟକ୍ଷମ ଆବଶ୍ୟକତା ଏବଂ ଭବିଷ୍ୟତର ସହଯୋଗକୁ ସମାଧାନ କରିବା ପାଇଁ ଶିଳ୍ପଗୁଡ଼ିକର ପ୍ରତିନିଧୀଙ୍କ ସହ ଆଲୋଚନାରେ ମଧ୍ୟ ନିୟୋଜିତ ହୋଇଥିଲେ। ଶ୍ରୀ ଫୁଙ୍କୱାଲ ଷ୍ଟେସନ ମାନଙ୍କରେ ଉପଲବ୍ଧ ଯାତ୍ରୀ ସୁବିଧା ଉପରେ ବିଶେଷ ଧ୍ୟାନ ଦେଇଥିଲେ ଏବଂ ରେଳ ବିଭାଗରେ ଚାଲିଥିବା ବିକାଶମୂଳକ କାର୍ଯ୍ୟକଳାପ ଏବଂ ନିର୍ମାଣ କାର୍ଯ୍ୟର ସମୀକ୍ଷା କରିଥିଲେ। ଯାତ୍ରୀ ସେବା ବୃଦ୍ଧି ପାଇଁ ଅନ୍ତର୍ନିହିତ ତଥା ପରାମର୍ଶ ସଂଗ୍ରହ କରିବାକୁ ସେ କର୍ମଚାରୀ ଏବଂ ଅଧିକାରୀଙ୍କ ସହ ସକ୍ରିୟ ଭାବରେ ଯୋଗାଯୋଗ କରିଥିଲେ ଏବଂ ଭବିଷ୍ୟତର ଉନ୍ନତି ପାଇଁ ବିଭିନ୍ନ ପରିବର୍ତ୍ତନର ପ୍ରସ୍ତାବ ମଧ୍ୟ ଦେଇଥିଲେ । ଏଥିସହ ମହାପ୍ରବନ୍ଧକ ଶ୍ରୀ ଫୁଙ୍କୱାଲଙ୍କ ଉପସ୍ଥିତିରେ ସମ୍ବଲପୁର ରେଳ ଷ୍ଟେସନରେ ଏକ ଜରୁରୀକାଳୀନ ଚିକିତ୍ସା ସେବା ସୁବିଧା କେନ୍ଦ୍ର ଉଦ୍ଘାଟନ କରାଯାଇଥିଲା। ମହାପ୍ରବନ୍ଧକ ମଧ୍ୟ ଅମୃତ ଷ୍ଟେସନ ଯୋଜନା ଅଧୀନରେ ରେଳ ଷ୍ଟେସନର ପୁନର୍ବିକାଶର ସମୀକ୍ଷା କରିଥିଲେ ଏବଂ ସଠିକ ସମୟରେ କାର୍ଯ୍ୟ ଶେଷ କରାଇବାପାଇଁ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶ୍ରୀ ଫୁଙ୍କୱାଲଙ୍କ ନିରୀକ୍ଷଣ ସମୟରେ ନିରାପତା, ସୁରକ୍ଷା, ପରିଚାଳନା, ଗତିଶୀଳତା, ଭିତ୍ତିଭୂମି ବିକାଶ ଏବଂ ଯାତ୍ରୀ ସୁବିଧା ସହିତ ଅମୃତ ଷ୍ଟେସନ ଅଧୀନରେ ଚାଲୁରହିଥିବା ଷ୍ଟେସନ ପୁନର୍ବିକାଶ କୁ ପ୍ରାଥମିକତା ଦିଆଯାଇଥିଲା। ସମ୍ବଲପୁର ରେଳ ମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକ ତୁଷାର କାନ୍ତ ପାଣ୍ଡେଙ୍କ ସହିତ ବରିଷ୍ଠ ଅଧିକାରୀ ମାନେ ଏହି ନିରୀକ୍ଷଣ ସମୟରେ ମହାପ୍ରବନ୍ଧକ ଶ୍ରୀ ଫୁଙ୍କୱାଲଙ୍କୁ ସହାୟତା କରିଥିଲେ ।

# ଲିଙ୍ଗରାଜ ମନ୍ଦିରର ଚତୁଃପାର୍ଶ୍ୱ ତଥା ପାର୍କିଂ ସ୍ଥଳର ନିର୍ମାଣ କାର୍ଯ୍ୟ ସମୀକ୍ଷା କଲେ ଏକାମ୍ର ବିଧାୟକ ବାବୁ ସିଂ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଏକାମ୍ର ପ୍ରକଳ୍ପର ସମୀକ୍ଷା କଲେ ଏକାମ୍ର ବିଧାୟକ ବାବୁ ସିଂ । ଲିଙ୍ଗରାଜ ମନ୍ଦିରର ଚତୁଃପାର୍ଶ୍ୱ ତଥା ପାର୍କିଂ ସ୍ଥଳର ନିର୍ମାଣ କାର୍ଯ୍ୟ କେତେ ଆଗେଇଛି ସେନେଇ ସମୀକ୍ଷା କରିଛନ୍ତି ବିଧାୟକ । ବିଜେପି ହାତକୁ କ୍ଷମତା ଆସିବା ପରେ ଆକ୍ସନ ମୋଡରେ ଏକାମ୍ର ବିଧାୟକ ବାବୁ ସିଂ । କିଭଳି ଲୋକଙ୍କ ସମସ୍ୟା ଦୂର ହେବ ଏବଂ ସରକାରଙ୍କ ବିଭିନ୍ନ ଯୋଜନା ସବୁ କିଭଳି ସଠିକ ଭାବେ କାର୍ଯ୍ୟକାରୀ ହେବ, ସେ ନେଇ କରୁଛନ୍ତି ସମୀକ୍ଷା । ଏହି ଅବସରରେ ଗୁରୁବାର ଲିଙ୍ଗରାଜ ମନ୍ଦିର ଏକାମ୍ର ପ୍ରକଳ୍ପର ମଧ୍ୟ ସମୀକ୍ଷା କରିଛନ୍ତି। ଏହାକୁ ନେଇ ତେଜିଲା ରାଜନୀତି। ୧୫ ଏକରରେ ତିଆରି ହେଉଥିବା ପାର୍କିଂ ସ୍ଥଳ ଓ ସେଥିରେ କେଉଁ ସ୍ଥାନରେ ଭେଣ୍ଡିଂ ଜୋନ୍ ହେବ ସେନେଇ ଓବିସିସି ଅଧିକାରୀଙ୍କ ସହ ଆଲୋଚନା କରିବା ସହ କାମର ତଦାରଖ କରିଛନ୍ତି ବାବୁ ସିଂ । ପୂର୍ବରେ ସରକାର ଏକ ବର୍ଷ ମଧ୍ୟରେ ଏହି ପ୍ରକଳ୍ପର କାର୍ଯ୍ୟ ଶେଷ କରିବା କଥା କହିଥିଲେ । ହେଲେ ଗୋଟିଏ ବର୍ଷ ବିତିଯାଇଥିଲେ ମଧ୍ୟ ମାତ୍ର ୩୦-୪୦ ପ୍ରତିଶତ କାର୍ଯ୍ୟ ସରିଛି । ଖୁବ୍ ଶୀଘ୍ର କାମକୁ ଶେଷ କରାଯିବ ବୋଲି କହିଛନ୍ତି ବିଧାୟକ ବାବୁ ସିଂ । ସେପଟେ ବିଜେପିକୁ ଟାର୍ଗେଟ କରିଛନ୍ତି ଏକମ୍ରର ପୂର୍ବତନ ବିଧାୟକ ତଥା ବିଜେଡି ନେତା ଅଶୋକ ପଣ୍ଡା । ସେ କହିଛନ୍ତି,'ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମହତ୍ ଉଦ୍ଦେଶ୍ୟ ରଖି ଏକାମ୍ର ପ୍ରକଳ୍ପର ଆରମ୍ଭ ହୋଇଥିଲା । ସମୀର ମହାନ୍ତି ସେଇ ବାଟରେ ଯିବା ଆସିବା କରନ୍ତି, ହେଲେ ପ୍ରକଳ୍ପ ଦେଖି ନ ପାରିବା ହାସ୍ୟାସ୍ପଦ । କିଛି ଲୋକ ସେ ସମୟରେ ପ୍ରକଳ୍ପକୁ ଅଟକାଇବାକୁ ଚେଷ୍ଟା ମଧ୍ୟ କରିଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି।

# ଆସିବ ନୂଆ ସରକାରଙ୍କ ବଜେଟ : ପ୍ରସ୍ତାବ ମାଗିଲା ଅର୍ଥ ବିଭାଗ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ନୂଆ ସରକାର ଖୁବ୍‌ଶୀଘ୍ର ବିଧାନସଭାରେ ପ୍ରଥମ ବାର୍ଷିକ ବଜେଟ ଉପସ୍ଥାପନ କରିବେ। ଅର୍ଥ ବିଭାଗ ଏଥିପାଇଁ ବିଭିନ୍ନ ବିଭାଗକୁ ପ୍ରସ୍ତାବ ମାଗିଛି । ଚଳିତ ଜୁନ ମାସ ଶେଷ ସୁଦ୍ଧା ପ୍ରସ୍ତାବ ଦାଖଲ କରିବାକୁ ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ ସମସ୍ତ ବିଭାଗକୁ ଚିଠି ଲେଖି ଅନୁରୋଧ କରିଛନ୍ତି। ନୂଆ ସରକାର, ଲୋକଙ୍କ ସରକାର ଏହି ମର୍ମରେ ଆସନ୍ତା ବଜେଟ ପ୍ରସ୍ତୁତ କରିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି । ସେଥିପାଇଁ ଲୋକଙ୍କ ମତାମତ ମଧ୍ୟ ଲୋଡ଼ା ଯାଇଛି । ଲୋକଙ୍କ ମତାମତକୁ ଗୁରୁତ୍ୱ ଦେଇ ବଜେଟ ପ୍ରସ୍ତୁତ ହେବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି । ଅର୍ଥ ବିଭାଗ ପକ୍ଷରୁ ଏନେଇ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି । ୨୦୨୩-୨୪ ବର୍ଷ ପାଇଁ ସଂଶୋଧିତ ଆକଳନ ଏବଂ ୨୦୨୪-୨୫ ପାଇଁ ବଜେଟ ଆକଳନ ପ୍ରସ୍ତୁତି ପାଇଁ ଚଳିତ ମାସ ଶେଷ ସୁଦ୍ଧା ପ୍ରସ୍ତାବ ଦାଖଲ କରିବାକୁ ବିଭାଗ ଚିଠି ଲେଖିଛି । ବିଭାଗର ପ୍ରମୁଖ ଶାସନ ସଚିବ ଏନେଇ ସମସ୍ତ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବ ଓ ସଚିବମାନଙ୍କୁ ଚିଠି ଲେଖିଛନ୍ତି । ଚଳିତ ଆର୍ଥିକ ବର୍ଷ ବଜେଟ ପ୍ରସ୍ତୁତି ପାଇଁ ୨୦୨୪ ଜୁନ ୩୦ ତାରିଖ ସୁଦ୍ଧା ଆଭ୍ୟନ୍ତରୀଣ ପରାମର୍ଶ ଶେଷ କରି ଅତିରିକ୍ତ ଆବଶ୍ୟକତା ବା ପରିବର୍ତ୍ତନ ଅନୁରୋଧ ପ୍ରସ୍ତାବ ଦାଖଲ କରିବାକୁ ସମସ୍ତ ବିଭାଗକୁ ଅନୁରୋଧ କରାଯାଇଛି । ସାଧାରଣ ନିର୍ବାଚନ କାରଣରୁ ୨୦୨୪ ଫେବୃୟାରୀ ୮ ତାରିଖରେ ବିଧାନସଭାରେ ବଜେଟ ଆକଳନ ବା ଭୋଟ ଅନ ଆକାଉଣ୍ଟ ୨୦୨୪-୨୫ ଉପସ୍ଥାପନ କରାଯାଇଥିଲା। ଏହି ଆର୍ଥିକ ବର୍ଷର ପ୍ରଥମ ୪ ମାସ ପାଇଁ ବିଦ୍ୟମାନ ପ୍ରତିଷ୍ଠାନ, ଯୋଜନା ଓ ପ୍ରକଳ୍ପରେ ବ୍ୟୟବରାଦ କରିବା ପାଇଁ ଭୋଟ ଅନ ଆକାଉଣ୍ଟ ବଜେଟ ପାରିତ ହୋଇଛି। ନୂତନ ସରକାର ଚଳିତ ଆର୍ଥିକ ବର୍ଷ ପାଇଁ ବାର୍ଷିକ ବଜେଟ ସପ୍ତଦଶ ବିଧାନସଭାର ଆଗାମୀ ଅଧିବେଶନରେ ଉପସ୍ଥାପନ କରିବେ । ଏଥିପାଇଁ ବିଭାଗଗୁଡ଼ିକ ସେମାନଙ୍କ ବଜେଟ ପ୍ରସ୍ତାବ ଗୁଡ଼ିକୁ ପୁନଃପ୍ରାଥମିକତା ଦେବାକୁ ପଡ଼ିବ।

GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE: SUNDARGARH.
AT/PO-SANKARA, SUNDARGARH-770020, E-mail address-serw_sundargarh@yahoo.com

O-56

No. Tender Online – RWCCESNG – 01 of 2024-25, Letter No 1353 /Dtd. 25.06.2024

e-Procurement NOTICE

1. Type of the Work: Roads ( DMF )
2. Class of Contractor: As specified in the column-6 of the Annexure
3. Time of Completion: As specified in the column-5 of the Annexure
4. Detail Projects: As per Annexure attached
5. Estimated Cost : As specified in the column-4 of the Annexure
6. Other details:

| Procurement Officer | Bid Identification No. | Availability of Tender on-line for bidding | | Last Date & Time of Seeking Tender Clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sundargarh | RWCCESNG-01 of 2024-25 | 03.07.2024 11:00 AM | 23.07.2024 5:00 PM | 22.07.2024 5:00 PM | 25.07.2024 11:00 AM | Will be intimated separately |

Further details can be seen from the website www.tendersodisha.gov.in

Sd/- Chief Engineer
(Design & Quality Control)
Chief Construction Engineer (I/C)
Rural Works Circle, Sundargarh

OIPR-25133/11/0002/2425

ଭୁବନେଶ୍ୱର
୨୮ ଜୁନ୍
ଶୁକ୍ରବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/22-24




ନୂଆଦିଲ୍ଲୀ : କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡକରୀ ଓ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।




ନୂଆଦିଲ୍ଲୀ : କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ ସାକ୍ଷାତ କରୁଛନ୍ତି ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏବଂ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା।

# ଜ୍ୱରରେ କମ୍ପୁଛନ୍ତି ମହାପ୍ରଭୁ : ଶ୍ରୀଅଙ୍ଗରେ ଲାଗି ହେଲା ଫୁଲୁରୀ ତେଲ



**ପୁରୀ, ୨୭/୬ ନ୍ୟୁଜ ବ୍ୟୁରୋ**
ଗୁରୁବାର ମହାପ୍ରଭୁଙ୍କ ଅଣସରର ପଞ୍ଚମୀ ତିଥି । ସ୍ନାନ ପୂର୍ଣ୍ଣିମାରେ ଅତ୍ୟଧିକ ସ୍ନାନ କରି ଜ୍ୱରରେ ପୀଡ଼ିତ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଲାଗି ହେଲା ଫୁଲୁରୀ ତେଲ । ପରମ୍ପରା ଅନୁସାରେ ବହୁବର୍ଷ ଧରି ବଡ଼ ଓଡ଼ିଆ ମଠ ପକ୍ଷରୁ ଏହି ତେଲ ପ୍ରସ୍ତୁତ କରାଯାଇଆସୁଛି । ଫୁଲୁରୀ ତେଲ ଘଣାପେଡ଼ା ରାଶିତେଲରେ ବେଣଚେର, ମାଳତୀ, କିଆ, କେତକୀ, ବଉଳଫୁଲ ଭଳି ସ୍ୱତନ୍ତ୍ର ସୁବାସିତ ଫୁଲ ଓ ୮ ପ୍ରକାର ଚେରମୂଳି ପକାଯାଇ ପ୍ରସ୍ତୁତ କରାଯାଇଥାଏ । ଅଣସର ପଞ୍ଚମୀ ତିଥିରେ ଅର୍ଥାତ୍ ଗୁରୁବାର ଏହାକୁ ମଠ ପକ୍ଷରୁ ଶ୍ରୀମନ୍ଦିର ନିଆଯିବା ପରେ ଦଇତାପତିମାନେ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଲାଗି କରିଛନ୍ତି । ବିଶ୍ୱାସ ରହିଛି ଫୁଲୁରୀ ତେଲ ଲାଗିପରେ ମହାପ୍ରଭୁ ସାମାନ୍ୟ ସୁସ୍ଥ ହୋଇଥାନ୍ତି । ଅନବସର ସମୟରେ ମହାପ୍ରଭୁଙ୍କ ଗୁପ୍ତ ନୀତି ମଧ୍ୟରୁ ଫୁଲୁରୀ ତେଲ ଲାଗି ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ । ବଡ ଓଡ଼ିଆ ମଠ ପକ୍ଷରୁ ପ୍ରତିବର୍ଷ ହେରାପଞ୍ଚମୀ ଦିନ ଶୁଦ୍ଧ ରାଶି ତେଲରେ ଚେରମୂଳି ଓ ସୁବାସିତ ଫୁଲ ପକାଇ ଏକ ପାତ୍ରରେ ରଖି ତାକୁ ମାଟିତଳେ ପୋତା ଯାଇଥାଏ । ଦେବସ୍ନାନ ପୂର୍ଣ୍ଣମୀ ଦିନ ମାଟିତଳୁ ଏହି ତେଲକୁ ବାହାର କରାଯାଇ ଅଣସରର ପଞ୍ଚମୀ ଦିନ ତେଲକୁ ଛଣାଯାଏ ଏବଂ ଅମୁଣିଆ ପ୍ରସ୍ତୁତ କରି ମହାପ୍ରଭୁଙ୍କ ପାଇଁ ପଠାଯାଏ । ବଡ ଓଡ଼ିଆ ମଠର ସଦସ୍ୟମାନେ ପ୍ରାୟ ୬ ସେର ଫୁଲୁରୀ ତେଲ ନେଇ ଶ୍ରୀମନ୍ଦିରକୁ ଯାଇ ଦଇତାପତିଙ୍କୁ ଅର୍ପଣ କରିଥିଲେ। ମଧ୍ୟାହ୍ନ ଧୂପ ଏବଂ ଦକ୍ଷିଣ ଘର ଭୋଗ ସଂପନ୍ନ ହେବା ପରେ ଜୟବିଜୟ ଦ୍ୱାର ବନ୍ଦ ହୋଇ ଅଣସର ଦ୍ୱାର ଖୋଲାଯାଇ ୩ଟି ରୁପା ପିଙ୍ଗଣରେ ତେଲକୁ ନେଇ ପତି ମହାପାତ୍ର ସଂସ୍କାର କରିବା ପରେ ଦଇତାପତିମାନେ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଲାଗି କରିଥିଲେ। ଏହାଦ୍ୱାରା ମହାପ୍ରଭୁଙ୍କ ଶରୀରର ପୀଡା କମ୍ ହୋଇଥାଏ । ସେପଟେ ମହାପ୍ରଭୁ ପ୍ରବଳ ଜ୍ୱରରେ ପୀଡିତ ଥିବା ଯୋଗୁଁ ଶ୍ରୀମନ୍ଦିରରେ ଦୈନନ୍ଦିନ ଭଜନ, କୀର୍ତ୍ତନ, ଗୀତ, ଘଣ୍ଟ ଘଣ୍ଟା ନିଷିଦ୍ଧ କରାଯାଇଥିଲା । ଅଣସର ଘର ତାଟି ବାହାରେ ଦଇତାପତି ସେବକମାନେ ମହାପ୍ରଭୁଙ୍କ ପାଇଁ କ୍ଷୀର, ସର, ଚିନି, କର୍ପୁର, ନୈବେଦ୍ୟ ଲାଗି କରିବା ପରେ ଏହାକୁ ଘରକୁ ଆଣି ସେଥିରେ ପାଣି ମିଶାଇ ଅଣସର ପଣା ପ୍ରସ୍ତୁତ କରିଥିଲେ। ଏହି ପଣା ମାନବ ପାନ କଲେ ଶରୀର ରୋଗମୁକ୍ତ ହୋଇଥାଏ ବୋଲି ବିଶ୍ୱାସ ରହିଛି । ଗୋଟିଏ ପଟେ ଅସୁସ୍ଥ ଥିବା ମହାପ୍ରଭୁଙ୍କ ସୁସ୍ଥତା ପାଇଁ ଦଇତାପତି ସେବକମାନେ ସମସ୍ତ ପ୍ରକାର ଚେଷ୍ଟା ଚଳାଇ ଥିବାବେଳେ ଅନ୍ୟପଟେ ଶ୍ରୀମନ୍ଦିର ଦର୍ଶନରେ ଆସୁଥିବା ଭକ୍ତମାନେ ମହାପ୍ରଭୁଙ୍କ ଦର୍ଶନ ବଦଳରେ ପଟିଦିଅଁଙ୍କୁ ଦର୍ଶନ କରୁଛନ୍ତି ।

# ପ୍ରିୟ ବାଘୁଣୀ 'ସାରା' ଆଖି ବୁଜିଲା

## ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ଶୋକାକୁଳ ପରିବେଶ



**ଭୁବନେଶ୍ୱର, ୨୭/୬ ନ୍ୟୁଜ ବ୍ୟୁରୋ**
ପ୍ରିୟ ବାଘୁଣୀ 'ସାରା' ଗୁରୁବାର ଭୋରରୁ ଆଖି ବୁଜିଛି । ସମଗ୍ର ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ପ୍ରିୟ ବଣୁଆ ବାଘୁଣୀ 'ସାରା'ର ମୃତ୍ୟୁ ଏକ ଶୋକାକୁଳ ପରିବେଶ ସୃଷ୍ଟି କରିଛି ବୋଲି ନନ୍ଦନକାନନ ପ୍ରାଣୀ ଉଦ୍ୟାନର ନିର୍ଦ୍ଦେଶକ ଡ. ମନୋଜ ନାୟାର ପ୍ରକାଶ କରିଛନ୍ତି । ନନ୍ଦନକାନନ ବାଘ ପରିବାରର ଅବିଚ୍ଛେଦ୍ୟ ଅଙ୍ଗ ଭାବେ 'ସାରା' ବାଘୁଣୀ ସୁପରିଚିତ ଥିଲା । ମଧ୍ୟପ୍ରଦେଶର ବାନ୍ଧବଗଡ଼ ବ୍ୟାଘ୍ର ଅଭୟାରଣ୍ୟରୁ ୨୦୦୬ ମସିହା ଅକ୍ଟୋବର ୧୮ ତାରିଖରେ ମାତ୍ର ୫ ବର୍ଷ ବୟସରେ ଉଦ୍ଧାର କରାଯାଇ ଭୋପାଳର ବନ ବିହାର ପ୍ରାଣୀ ଉଦ୍ୟାନରେ 'ସାରା'କୁ ଲାଳନ ପାଳନ କରାଯାଇଥିଲା । ପ୍ରାଣୀ ବିନିମୟ କାର୍ଯ୍ୟକ୍ରମ ମାଧ୍ୟମରେ ୨୦୦୯ ମସିହା ଏପ୍ରିଲ ୧୮ ତାରିଖରେ ସେ ଭୁବନେଶ୍ୱରସ୍ଥିତ ନନ୍ଦନକାନନ ପ୍ରାଣୀ ଉଦ୍ୟାନକୁ ଆସିଥିଲା । ବ୍ୟାଘ୍ର ସଂରକ୍ଷଣ ଓ ପ୍ରଜନନ କାର୍ଯ୍ୟକ୍ରମରେ ବାଘୁଣୀ 'ସାରା'ର ଅବଦାନ ଥିଲା ଗୁରୁତ୍ୱପୂର୍ଣ୍ଣ । ବାଘ "ରଷି" ଓ ବାଘୁଣୀ 'ସାରା'ଙ୍କ ଔରସରେ ଜାନୁଆରୀ ୧୩, ୨୦୧୨ରେ ଆଶା, ଅଙ୍କିତା ଏବଂ ଶୁଭଶ୍ରୀ ଜନ୍ମ ହୋଇଥିଲେ । ବ୍ୟାଘ୍ର ପ୍ରଜନନ ଦୃଢ଼ ହୋଇଥିଲା ଓ ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ବ୍ୟାଘ୍ରର ବଂଶ ବୃଦ୍ଧି କରିବାରେ 'ସାରା' ଏକ ମୁଖ୍ୟ ଭୂମିକା ନେଇଥିଲା । ପରେ ଅନ୍ୟ ଏକ ପ୍ରାଣୀ ବିନିମୟ କାର୍ଯ୍ୟକ୍ରମ ଅଧୀନରେ 'ଆଶା'କୁ ହାଇଦ୍ରାବାଦର ନେହେରୁ ପ୍ରାଣୀ ଉଦ୍ୟାନକୁ ସ୍ଥାନାନ୍ତର କରାଯାଇଥିଲା । ୨୦୨୪ ଫେବୃଆରୀ ୨୯ ତାରିଖରେ 'ସାରା'କୁ ଠିଆ ହୋଇ ନ ପାରିବା, ନିଃଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ହେଉଥିବା ଓ ନିସ୍ତେଜ ଭାବେ ଦେଖିବାକୁ ମିଳିଥିଲା । ଆଣ୍ଟିବାୟୋଟିକ୍ ଓ ସପୋର୍ଟିଭ ଥେରାପିରେ ଚିକିତ୍ସା କରିବା ପରେ 'ସାରା' ୨୦୨୪ ମାର୍ଚ୍ଚ ୩ରେ ଠିଆ ହୋଇ ମାଂସ ଗ୍ରହଣ କରିଥିଲା । ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିବା 'ସାରା' କେବଳ ଆହାର ଏବଂ ଛୋଟ ଖୁଆଡ଼ ଅଞ୍ଚଳ ମଧ୍ୟରେ ଚଳାଚଳକୁ ସୀମିତ କରିଦେଇଥିଲା । ୨୦୨୪ ମସିହା ମାର୍ଚ୍ଚ ୩୧ ତାରିଖରେ ଉଭୟ ଜାନୁରେ ଡେକ୍ୟୁବିଟାଲ ଅଲସର ହୋଇଥିଲା ଏବଂ ନିରବଚ୍ଛିନ୍ନ ଭାବେ ତା'ର ଚିକିତ୍ସା କରାଯାଉଥିଲା । ଖାଦ୍ୟ ଗ୍ରହଣ କରିବା ସତ୍ତ୍ୱେ ସେ ଧୀରେ ଧୀରେ ଦୁର୍ବଳ ହୋଇଯାଇଥିଲା। ଜୁନ୍ ୨୬, ୨୦୨୪ରେ 'ସାରା'ର ଶ୍ୱାସକ୍ରିୟା ଦୁର୍ବଳ ସହିତ ପାର୍ଶ୍ୱପ୍ରତିକ୍ରିୟାରେ ଆକ୍ରାନ୍ତ ଥିବାର ଦେଖାଯାଇଥିଲା । ନନ୍ଦନକାନନ ପ୍ରାଣୀ ଉଦ୍ୟାନର ପ୍ରାଣୀ ଚିକିତ୍ସକମାନଙ୍କ ସମସ୍ତ ଉଦ୍ୟମ ସତ୍ତ୍ୱେ ସେ ଜୁନ୍ ୨୭ ଭୋର ୪ଟା ୪୨ ମିନିଟ୍‌ରେ ୧୮ ବର୍ଷ ଏକମାସ ବୟସରେ 'ସାରା' ବାର୍ଦ୍ଧକ୍ୟଜନିତ ରୋଗରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲା । ନନ୍ଦନକାନନର ପ୍ରିୟ ବାଘୁଣୀ 'ସାରା'ର ମୃତ୍ୟୁରେ ନନ୍ଦନକାନନ ପ୍ରାଣୀ ଉଦ୍ୟାନର ସମସ୍ତ ଅଧିକାରୀ ଓ କର୍ମଚାରୀ ଦୁଃଖ ପ୍ରକାଶ କରିଛନ୍ତି ।

## ଲାଞ୍ଚୁଆ ପୂର୍ବତନ ପୋଲିସ ଏଏସ୍‌ଆଇଙ୍କୁ ଜେଲ୍ ଓ ଜରିମାନା

**ଭୁବନେଶ୍ୱର, ୨୭/୬ ନ୍ୟୁଜ ବ୍ୟୁରୋ**
ଲାଞ୍ଚ ନେବା ମାମଲାରେ ଅଭିଯୁକ୍ତ କଳାହାଣ୍ଡି ଜିଲ୍ଲା କେଗାଁଓ ଥାନାର ପୂର୍ବତନ ଏଏସ୍‌ଆଇ ଟଙ୍କଧର ବୁଦ୍ଧିଆଙ୍କୁ ଲାଞ୍ଚନେବା ଅଭିଯୋଗରେ କୋରାପୁଟ ଥାନା ପକ୍ଷରୁ ରୁଜୁ ହୋଇଥିବା ଏକ ମାମଲାର ବିଚାରକରି ସ୍ୱତନ୍ତ୍ର ବିଚାରପତି ୨ବର୍ଷ ସଶ୍ରମ କାରାଦଣ୍ଡ ସହ ୨ହଜାର ଟଙ୍କା ଜରିମାନା ରାୟ ଶୁଣାଇଛନ୍ତି । ଭବାନିପାଟଣା ସ୍ଥିତ ଭିଜିଲାନ୍ସ ସ୍ୱତନ୍ତ୍ର ବିଚାରପତି ଏହି ରାୟ ଶୁଣାଇବା ସହ ଜରିମାନା ଅନାଦେୟ ଦୁଇମାସ ଅଧିକ ଜେଲ୍ ଦଣ୍ଡ ମଧ୍ୟ ଶୁଣାଇଛନ୍ତି । ସେହିପରି ଅନ୍ୟଏକ ମାମଲାରେ ଅଭିଯୁକ୍ତ ଶ୍ରୀ ବୁଦ୍ଧିଆଙ୍କୁ ସ୍ୱତନ୍ତ୍ର ଜଜ୍ ୬ମାସ ଜେଲ୍ ଦଣ୍ଡ ସହ ଏକ ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି । ଜରିମାନା ଅନାଦେୟ ଅଧିକ ଏକ ମାସ କାରାଦଣ୍ଡ ନିର୍ଦ୍ଦେଶ ଦିଆଯାଇଛି।

## ସମନ୍ୱୟ ଅଭାବରୁ ଜଳବନ୍ଦୀ ପରିସ୍ଥିତି ସୃଷ୍ଟି ହେଉଛି : ମେୟର

**ଭୁବନେଶ୍ୱର, ୨୭/୦୬ ନ୍ୟୁଜ ବ୍ୟୁରୋ**
ରାଜଧାନୀରେ ବର୍ଷା ହେବା ମାତ୍ରେ ଜଳବନ୍ଦୀ ପରିସ୍ଥିତି ସୃଷ୍ଟି ହେବା ନେଇ ପ୍ରତିକ୍ରିୟା ରଖିଛନ୍ତି ମେୟର ସୁଲୋଚନା ଦାସ । ସେ କହିଛନ୍ତି ଯେ ବିଭିନ୍ନ ବିଭାଗ ଭିତରେ ସମନ୍ୱୟ ଅଭାବ ରହିଛି । କେହି କାହା କାମ ସଠିକ୍ ଭାବେ ନକରିବାରୁ ଜଳବନ୍ଦୀ ସମସ୍ୟା ହେଉଛି । ସମ୍ବେଦନଶୀଳ ସ୍ଥାନରେ ପମ୍ପ ସେଟ୍ ରହିଥିବା ମେୟର କହିଛନ୍ତି । ପାଣି ଜମା ହେଉଥିବା ୧୨ଟି ମୁଖ୍ୟ ସ୍ଥାନ ଚିହ୍ନଟ କରାଯାଇଛି । ଜଳବନ୍ଦୀ ହେଉଥିବା କିଛି ସ୍ଥାନର ସ୍ଥାୟୀ ସମାଧାନ ଏକ ଲମ୍ବା ପ୍ରକ୍ରିୟା । ଜବରଦଖଲ ଉଚ୍ଛେଦ ସହ ନାଳ ସଫା, ୱାଲ୍ ମେଣ୍ଟନ୍ କରାଯାଉଥିବା ମେୟର କହିଛନ୍ତି ।

## ଚିଲିକା ବ୍ଲକ୍‌ର ଉନ୍ନୟନ କାର୍ଯ୍ୟ ସମୀକ୍ଷା କଲେ ଆଇନ୍ ମନ୍ତ୍ରୀ

# ବିକାଶ କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିବାକୁ ଅଧିକାରୀମାନଙ୍କୁ ପରାମର୍ଶ

**ଭୁବନେଶ୍ୱର,୨୭/୦୬ ନ୍ୟୁଜ ବ୍ୟୁରୋ**
ଏ ସରକାର ଲୋକଙ୍କ ସରକାର । ସାଧାରଣ ଲୋକଙ୍କୁ ଉପଯୁକ୍ତ ସେବା ପ୍ରଦାନ ଆମ ସରକାରଙ୍କ ମୁଖ୍ୟ ଉଦ୍ଦେଶ୍ୟ । ତେବେ ରାଜ୍ୟର ସାମଗ୍ରିକ ବିକାଶ ପାଇଁ ପ୍ରସ୍ତୁତ ସବୁଯୋଜନା ବ୍ଲକ୍ ସ୍ତରରୁ ଆରମ୍ଭ ହେବା ଉଚିତ ବୋଲି ଆଇନ, ପୂର୍ତ୍ତ, ଅବକାରୀ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଚିଲିକା ବ୍ଲକ୍ ସମ୍ମିଳନୀ କକ୍ଷରେ ଆୟୋଜିତ ପ୍ରଥମ ସମୀକ୍ଷା ବୈଠକରେ ଯୋଗଦେଇ ମତବ୍ୟକ୍ତ କରିଛନ୍ତି । ଚିଲିକା ବ୍ଲକ୍‌ର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଅଗ୍ରଗତି ନେଇ ଗୁରୁବାର ଆୟୋଜିତ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରିବା ସହ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଲେ ଯେ ବ୍ଲକ୍ ହେଉଛି ଏପରି ସ୍ଥାନ ଯେଉଁଠି ପ୍ରତ୍ୟେକ ଲୋକ ସରକାରୀ ସୁବିଧା ଓ ନ୍ୟାୟ ପାଇପାରିବେ । ତେଣୁ ଏଠାରେ କାର୍ଯ୍ୟରତ



ସମସ୍ତ ଅଧିକାରୀ ଏବଂ କର୍ମଚାରୀଙ୍କ ବେଶ୍ ଗୁରୁଦାୟିତ୍ୱ ରହିଛି । ତେଣୁ ଅଧିକାରୀ ଓ କର୍ମଚାରୀମାନେ ସେବାମନୋଭାବ ନେଇ ଦାୟିତ୍ୱ ନିର୍ବାହ କରନ୍ତୁ ବୋଲି ମନ୍ତ୍ରୀ ତାଙ୍କ ବକ୍ତବ୍ୟରେ କହିଛନ୍ତି । ସମସ୍ତ ବିକାଶମୂଳକ କାର୍ଯ୍ୟ, ଜନକଲ୍ୟାଣକାରୀ ଯୋଜନା, ବିଭିନ୍ନ ସରକାରୀ ଯୋଜନା ଓ କାର୍ଯ୍ୟକ୍ରମକୁ ପ୍ରାଧାନ୍ୟ ଦେବା ସହ ସାଧାରଣ ଲୋକଙ୍କ ମଙ୍ଗଳ ଉଦ୍ଦେଶ୍ୟରେ ନୂଆ ଯୋଜନା ଓ କାର୍ଯ୍ୟକ୍ରମ ପ୍ରଣୟନ ନେଇ ପ୍ରସ୍ତାବ ଦେବା ପାଇଁ ମଧ୍ୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି । ଏଥି ସହିତ ପ୍ରତି ତିନିମାସରେ ହେବାକୁ ଥିବା ସମୀକ୍ଷା ବୈଠକରେ କାର୍ଯ୍ୟକ୍ରମ ଏବଂ ଜାରି ରହିଥିବା ଯୋଜନାର ଅଗ୍ରଗତି ନେଇ ରିପୋର୍ଟ ପ୍ରଦାନ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି । ବ୍ଲକ୍‌ରେ ଥିବା ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକୁ ଅଧିକ କ୍ରିୟାଶୀଳ କରିବା ପାଇଁ ମନ୍ତ୍ରୀ ସିଡିପିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ବୈଠକରେ ବ୍ଲକ୍ ଅଧ୍ୟକ୍ଷା ଜ୍ୟୋତ୍ସ୍ନାମୟୀ ବେହେରା, ଉପାଧ୍ୟକ୍ଷ ଅରୁଣ କୁମାର ପଟ୍ଟନାୟକଙ୍କ ସମେତ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ବାଦଲ କୁମାର ମହାନ୍ତି, ବ୍ଲକ୍ ଉନ୍ନୟନ ଅଧିକାରୀ, ସ୍ଥାନୀୟ ତହସିଲଦାରଙ୍କ ସମେତ ସଂପୃକ୍ତ ସମସ୍ତ କ୍ଷେତ୍ର ଅଧିକାରୀ ଉପସ୍ଥିତ ଥିଲେ ।

# ବଦଳିଲା ଲକ୍ଷ୍ମୀ ବସ୍‌ର ନାମ : 'ମୁଖ୍ୟମନ୍ତ୍ରୀ ବସ୍ ସେବା' ନାମରେ ଚାଲିବ



**ପୁରୀ, ୨୭/୬ ନ୍ୟୁଜ ବ୍ୟୁରୋ**
ବଦଳିଲା ଲକ୍ଷ୍ମୀ ବସ୍‌ର ନାମ । ଲକ୍ଷ୍ମୀବସ୍ ମୁଖ୍ୟମନ୍ତ୍ରୀ ବସ୍ ସେବା ନାମରେ ଚାଲିବ ବୋଲି କହିଛନ୍ତି ରାଜ୍ୟ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା । ସେହିପରି ରଥ ଯାତ୍ରା ପାଇଁ ରାଜ୍ୟର ସବୁ ବ୍ଲକରୁ ସ୍ୱତନ୍ତ୍ର ବସ୍ ପୁରୀକୁ ଯାତାୟାତ କରିବ ବୋଲି କହିଛନ୍ତି ମନ୍ତ୍ରୀ । ରଥଯାତ୍ରା ସମନ୍ୱୟ କମିଟି ବୈଠକରେ ଯୋଗଦେବା ଅବସରରେ ପରିବହନ ମନ୍ତ୍ରୀ କହିଛନ୍ତି, "ରଥଯାତ୍ରାରେ ପୁରୀକୁ ଲକ୍ଷାଧିକ ଭକ୍ତଙ୍କ ଆଗମନ ହେବ। ଭକ୍ତମାନେ ଯେଭଳି ସୁରୁଖୁରୁରେ ଯାତାୟାତ କରିପାରିବେ, ଠକେଇର ଶିକାର ନ ହେବେ ସେ ନେଇ ବେଶ୍ ଗୁରୁତ୍ୱ ଦେଉଛି ରାଜ୍ୟ ପରିବହନ ବିଭାଗ । ପୁରୀରେ ବସ୍ ରହିବା ପାଇଁ ପାର୍କିଂ ବ୍ୟବସ୍ଥା ସହ ଭକ୍ତଙ୍କୁ ମାଗଣା ଖାଦ୍ୟ ବଣ୍ଟନର ବ୍ୟବସ୍ଥା ରହିଛି । ରଥଯାତ୍ରା ପାଇଁ ରାଜ୍ୟର ସବୁ ବ୍ଲକରୁ ସ୍ୱତନ୍ତ୍ର ବସ୍ ପୁରୀକୁ ଯାତାୟାତ କରିବ। ବସ୍‌ଗୁଡିକରେ ସବୁ ବ୍ୟବସ୍ଥା ରହିବ । ଯାତ୍ରୀମାନେ ଠକେଇର ଶିକାର ଯେଭଳି ନ ହୁଅନ୍ତି ବସ୍‌ରେ ରେଟ ଚାର୍ଟ ଲାଗିବ। ସେହିପରି ପୁରୀ ସହରରେ ଥିବା ଅଟୋଗୁଡିକରେ ମଧ ରେଟ୍ ଚାର୍ଟ ଲାଗିବ । ନିୟମ ଉଲ୍ଲଙ୍ଘନ ହେଲେ କଠୋର କାର୍ଯ୍ୟାନୁଷ୍ଠାନ ହେବ । ଲକ୍ଷ୍ମୀ ବସ୍ ସେବାରେ କିଛି ତ୍ରୁଟି ରହିଛି, ତାହାକୁ ସମାଧାନ କରାଯାଇ ଲକ୍ଷ୍ମୀ ବସ୍ ସେବାକୁ ମୁଖ୍ୟମନ୍ତ୍ରୀ ବସ୍ ସେବା ନାମରେ ଚଳାଇବା ପାଇଁ ସରକାର ପ୍ରସ୍ତୁତ ହେଉଛନ୍ତି।"

## ପାନୀୟ ଜଳ ସମ୍ପର୍କରେ ନଗର ଉନ୍ନୟନ ମନ୍ତ୍ରୀଙ୍କ ସମୀକ୍ଷା

# ପାନୀୟ ଜଳ ଏବଂ ବର୍ଜ୍ୟ ଜଳ ନିଷ୍କାସନର ସ୍ଥିତି ଓ ଅଗ୍ରଗତି ସମ୍ପର୍କରେ ଆଲୋଚନା

**ଭୁବନେଶ୍ୱର,୨୭।୬ ନ୍ୟୁଜ ବ୍ୟୁରୋ**
ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ତଥା ରାଷ୍ଟ୍ରାୟତ୍ତ ଉଦ୍ୟୋଗ ମନ୍ତ୍ରୀ ଡାଃ କୃଷ୍ଣ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଗୁରୁବାର ବାସୁଆଘାଇ ସ୍ଥିତ ଓଡ଼ିଶା ଅର୍ବାନ ଆକାଡ଼େମୀ ପରିସରରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ବୈଠକରେ ଓଡ଼ିଶାରେ ପାନୀୟ ଜଳ ଏବଂ ବର୍ଜ୍ୟ ଜଳ ନିଷ୍କାସନର ସ୍ଥିତି ଏବଂ ଅଗ୍ରଗତି ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏହି ବୈଠକରେ ଅତିରିକ୍ତ ଶାସନ ସଚିବ ଜି.ମାଥୀଭାଥନନ୍ ମନ୍ତ୍ରୀଙ୍କ ସମ୍ମୁଖରେ ଓଡ଼ିଶାରେ ଜଳର ଯାତ୍ରା ସମ୍ପର୍କିତ ଏକ ଉପସ୍ଥାପନା ପ୍ରସ୍ତୁତ କରିଥିଲେ। ଏତଦ ବ୍ୟତୀତ ୱାଟକୋର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଇଂ ପ୍ରଦୀପ୍ତ କୁମାର ସ୍ୱାଇଁ ଡ୍ରିଙ୍କ ଫ୍ରମ୍ ଟ୍ୟାପ୍ ପ୍ରକଳ୍ପର ଅଗ୍ରଗତି ସମ୍ପର୍କିତ ଏକ ଉପସ୍ଥାପନା ପ୍ରସ୍ତୁତ କରିଥିଲେ। ବୈଠକ ପରେ ମନ୍ତ୍ରୀ ଦୈନିକ ନିର୍ଗତ ତରଳ ବର୍ଜ୍ୟ ପରିଚାଳନା



ଏବଂ ବିଶୁଦ୍ଧିକରଣ ପାଇଁ ବାସୁଆଘାଇ ଠାରେ ଥିବା ଫିକଲ ସ୍ଲଜ ଟ୍ରିଟମେଣ୍ଟ ପ୍ଲାଣ୍ଟ (ଏଫଏସଟିପି) ଏବଂ ସ୍ୱେରେଜ ଟ୍ରିଟମେଣ୍ଟ ପ୍ଲାଣ୍ଟ (ଏସଟିପି) ପରିଦର୍ଶନ କରିଥିଲେ। ଏହି ଅବସରରେ ମନ୍ତ୍ରୀଙ୍କୁ ଏଫଏସଟିପିରେ ନିୟୋଜିତ ହୋଇଥିବା କିନ୍ନର ସ୍ୱୟଂ ସହାୟିକା ଗୋଷ୍ଠୀ ଏଫଏସଟିପିର ପରିଚାଳନା ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ । କିନ୍ନର ସମାଜକୁ ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ନିଆଯାଇଥିବା ଏହି ପଦକ୍ଷେପ ପାଇଁ ଅତିରିକ୍ତ ଶାସନ ସଚିବଙ୍କୁ ପ୍ରଶଂସା କରିବା ସହ ଧନ୍ୟବାଦ ଜଣାଇଛନ୍ତି । ଉକ୍ତ ବୈଠକରେ ଅତିରିକ୍ତ ଶାସନ ସଚିବ ସାରଦା ପ୍ରସାଦ ପଣ୍ଡା, ଅର୍ବାନ ଏକାଡେମୀର ନିର୍ଦ୍ଦେଶକ ଶାନ୍ତନୁ ରଥଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ ।

# ଜୁଲାଇ ୨ରେ ଦିଆଯିବ ମାଟ୍ରିକ ପ୍ରମାଣପତ୍ର




**କଟକ, ୨୭/୬ ନ୍ୟୁଜ ବ୍ୟୁରୋ**
ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ଆସନ୍ତା ଜୁଲାଇ ୨ ଏବଂ ୩ ତାରିଖରେ ଦଶମ ଶ୍ରେଣୀ ମାଟ୍ରିକ ପ୍ରମାଣପତ୍ର ପ୍ରଦାନ କରାଯିବ। ଏଥିପାଇଁ ସବୁ ଜିଲ୍ଲାର ସଦର ମହକୁମାରେ ବିତରଣ କେନ୍ଦ୍ର ଖୋଲାଯାଇଛି। ବିଦ୍ୟାଳୟର ମୁଖ୍ୟ ତଥା ପ୍ରଧାନ ଶିକ୍ଷକମାନେ ଆବଶ୍ୟକ ତଥ୍ୟ ଦେଇ କୃତୀ ବିଦ୍ୟାର୍ଥୀଙ୍କ ପ୍ରମାଣପତ୍ର ନେଇପାରିବେ। ରାଜ୍ୟର ପ୍ରତି ସ୍କୁଲରେ ଆସନ୍ତା ଜୁଲାଇ ୯ ତାରିଖ ଦିନ ଛାତ୍ରଛାତ୍ରୀଙ୍କୁ ସେମାନଙ୍କର ପ୍ରମାଣପତ୍ର ଦିଆଯିବ। ଯଦି ଏହି ପ୍ରମାଣପତ୍ରରେ କୌଣସି ତ୍ରୁଟି ଥିବ, ତାହାକୁ ବୋର୍ଡର କଟକସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଂଶୋଧନ କରାଯାଇପାରିବ। ଏଥି ନିମନ୍ତେ ବୋର୍ଡ ପକ୍ଷରୁ ୧୦ ଦିନ ଅବଧି ଦିଆଯାଇଛି। ଜୁଲାଇ ୧୨ ରୁ ୨୨ ତାରିଖ ପର୍ଯ୍ୟନ୍ତ ଏହି ସଂଶୋଧନ ପ୍ରକ୍ରିୟା ହେବାକୁ ଥିବାବେଳେ ମୁଖ୍ୟ କାର୍ଯ୍ୟାଳୟରେ ପ୍ରମାଣପତ୍ର ମୁଦ୍ରଣ ପାଇଁ ନିର୍ଦ୍ଧାରିତ ଦେୟ ଦେଇ ସଂଶୋଧନ କରିପାରିବେ। ପ୍ରମାଣପତ୍ର ବଣ୍ଟନ ପ୍ରକ୍ରିୟାକୁ ତଦାରଖ କରିବା ନିମନ୍ତେ ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ)ଙ୍କୁ କୁହାଯାଇଛି। ଯଦି କୌଣସି ବିବାଦ ବା ଅସୁବିଧା ସୃଷ୍ଟି ହୁଏ ତୁରନ୍ତ ପଦକ୍ଷେପ ନେବାକୁ ୩୦ ଜିଲ୍ଲାର ଡିଇଓଙ୍କୁ ପରାମର୍ଶ ଦିଆଯାଇଛି। ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ, ମଧ୍ୟମା ଏବଂ ରାଜ୍ୟ ମୁକ୍ତ ବିଦ୍ୟାଳୟ ପ୍ରମାଣପତ୍ର ପରୀକ୍ଷା (ପ୍ରଥମ)ରେ କୃତୀ ଦଶମ ଶ୍ରେଣୀ ଛାତ୍ରୀଙ୍କ ପ୍ରମାଣପତ୍ର ବିତରଣ ନିମନ୍ତେ ୩୦ଟି କେନ୍ଦ୍ର ବୋର୍ଡ ଦ୍ୱାରା କରାଯାଇଛି।

## ପ୍ରକାଶ ଅପେକ୍ଷାରେ...

### 'କଥାକଳିକା': ଜୁଲାଇ-୨୦୨୪ ସଂଖ୍ୟା




**ଏଥର ସଂଖ୍ୟାରେ...**

**ସ୍ମରଣୀୟ କଥା :** ଅସ୍ତରାଗ - ଭାସ୍କର ଜେନା
**ସମକାଳର କଥା :** ଜି ନେ ଅକ୍ଷୟ ମହାନ୍ତି - ଅଜୟ ସ୍ୱାଇଁ, ଅନ୍ତିମ ପ୍ରାପ୍ୟ - ସଚ୍ଚିଦାନନ୍ଦ କର, ଚାରୁଲତା - ଶୈଳେନ୍ଦ୍ର କୁମାର ଜେନା, ଖମାରୀ ମା' - ତ୍ରିନାଥ ପଟ୍ଟନାୟକ, ଭୋଜି - ଲକ୍ଷ୍ମୀ ଚାନ୍ଦ, ୩ଟି ମିନିଗଳ୍ପ - ସୀମାଞ୍ଚଳ ଦାଶ, ଅଗ୍ନିପରୀକ୍ଷା - ସୁଜାତା ମହାପାତ୍ର।
**ଅନ୍ୟ ଭାଷାର କଥା :** ମନୋଜ କୁମାର ବେହେରା।
**ଯୁବ ମାନସର କଥା :** ବୋଉ ପାଇଁ ପାଉଁଜି - ସଂଯୁକ୍ତା ତ୍ରିପାଠୀ, ପୁରୁଷର ଭାଗ୍ୟ, ନାରୀର ଚରିତ୍ର - ସରୋଜ ସାହୁ, ଗଣତନ୍ତ୍ରର ହତ୍ୟା - ବିକାଶ କାନୁନ୍‌ଗୋ, ବୋଝ - ନିରୁପମା କର, ବାଘ ସହ ଦିନେ - ରୁଦ୍ର ଚରଣ ସାମଲ, ବନ୍ଦିନୀ - ପ୍ରଦ୍ୟୁମ୍ନ ପଟ୍ଟନାୟକ।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣସ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

ଯୋଗାଯୋଗ କରନ୍ତୁ
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ - (୦୬୭୪)
୨୫୪୧୪୪୮, ୨୫୪୫୦୪୬,
ଫାକ୍ସ : ୨୫୪୫୬୬୮
E-mail: kathakalika@gmail.com

ପୃଷ୍ଠା-୬୮ ଏ ସଂଖ୍ୟାର ମୂଲ୍ୟ ୩୦ ଟଙ୍କା ମାତ୍ର ।
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ ।
କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)

# ୬୧ ରେଳ ଷ୍ଟେସନରେ ଖୋଲିବ ଜନୌଷଧି କେନ୍ଦ୍ର

**ନୂଆଦିଲ୍ଲୀ, ୨୭/୬**
ଏଣିକି ସ୍ଥାନୀୟ ରେଳ ଷ୍ଟେସନରୁ ଶସ୍ତାରେ ଔଷଧ ମିଳିପାରିବ। ରେଳ ଷ୍ଟେସନରେ ଖୋଲିବ ଜନ ଔଷଧି କେନ୍ଦ୍ର। ପ୍ରଧାନମନ୍ତ୍ରୀ ଜନ ଔଷଧି କେନ୍ଦ୍ର ଖୋଲିବାର ପରିସର ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଛି। ଏଥିପାଇଁ ୬୧ରୁ ଉର୍ଦ୍ଧ୍ୱ ରେଳ ଡିଭିଜନ୍‌ର ଷ୍ଟେସନକୁ ଚୟନ କରାଯାଇଛି। ଏଥି ମଧ୍ୟରେ ପୁରୁଣା ଦିଲ୍ଲୀ, ୟୁପିର ପ୍ରୟାଗରାଜ, ଅଲିଗଡ଼, ଗୋଣ୍ଡା, ବସ୍ତୀ, ବାଲିଆ, ବାରାଣସୀ ସିଟି, ଫରୁଖାବାଦ ଓ ଉତ୍ତରାଖଣ୍ଡ, ପଞ୍ଜାବ, ରାଜସ୍ଥାନ ସମେତ ଅନ୍ୟାନ୍ୟ ରାଜ୍ୟର ରେଳ ଷ୍ଟେସନ ମଧ୍ୟ ରହିଛି। ଅଧିକାରୀଙ୍କ କହିବାନୁସାରେ, ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଞ୍ଚିଛି।
ଏହି ଷ୍ଟେସନଗୁଡ଼ିକରେ ଖୁବ୍ ଶୀଘ୍ର ଶସ୍ତା ଔଷଧ ଦୋକାନ ଖୋଲିବ। ପ୍ରଧାନମନ୍ତ୍ରୀ ଭାରତୀୟ ଜନୌଷଧି କେନ୍ଦ୍ରରେ ପ୍ରାୟ ୧୯୬୩ ପ୍ରକାର ଔଷଧ ଓ ୨୯୩ ସର୍ଜିକାଲ ଉପକରଣ ବିକ୍ରି ହୋଇଥାଏ। ଏଲୋପାଥିକ୍? ସହ ଆୟୁର୍ବେଦିକ ଔଷଧକୁ ମଧ୍ୟ ଏହି ଯୋଜନାରେ ସାମିଲ କରାଯାଇଛି। ରେଲୱେ ବୋର୍ଡ ଏକ ସର୍କୁଲାର ଜାରି କରି କହିଛି ଯେ, ୬୧ ଷ୍ଟେସନରେ ଜନ ଔଷଧି କେନ୍ଦ୍ର ଖୋଲିବା ପ୍ରକ୍ରିୟା ତ୍ୱରାନ୍ୱିତ କରାଯାଉ। ଏହାପୂର୍ବରୁ ୫୦ଟି ରେଳ ଷ୍ଟେସନରେ ଏଭଳି କେନ୍ଦ୍ର ଖୋଲିବାକୁ ନିଷ୍ପତ୍ତି ନିଆଯାଇଥିଲା। ଷ୍ଟଲ ଖୋଲିବାକୁ ଆଗ୍ରହୀ ଲୋକଙ୍କୁ ଆବେଦନ କରିବାକୁ ରେଳବାଇ ପକ୍ଷରୁ କୁହାଯାଇଛି। ଏସବୁ ଷ୍ଟେସନରେ ଖୋଲିବ ଜନୌଷଧି କେନ୍ଦ୍ର: ଦିଲ୍ଲୀ- ପୁରୁଣା ଦିଲ୍ଲୀ ଷ୍ଟେସନ, ଉତ୍ତରପ୍ରଦେଶ- ପ୍ରୟାଗରାଜ, ଅଲିଗଡ଼, ଲଲିତପୁର, ଏଶବାଗ, ଗୋଣ୍ଡା ଜଙ୍କ୍‌ସନ୍, ବସ୍ତୀ, ଦେଓରିଆ ଜଙ୍କ୍‌ସନ୍, ବଲିଆ, ଫରୁଖାବାଦ ଜଙ୍କ୍‌ସନ୍, କାସଗଞ୍ଜ, ବରେଲୀ ସିଟି, ବାଦଶାହନଗର, ବାରାଣସୀ ସିଟି, ରାଜସ୍ଥାନ- ବାରମେର, ଦୁର୍ଗାପୁର, ଫଲନା ଉତ୍ତରାଖଣ୍ଡ- ହରିଦ୍ୱାର ଷ୍ଟେସନ, ପଞ୍ଜାବ- ପଠାନକୋଟ କେଣ୍ଟ ଷ୍ଟେସନ, ଝାଡ଼ଖଣ୍ଡ- ଜସିଡିହ ଷ୍ଟେସନ, ବିହାର- ଭାଗଲପୁର, ଆରା, ସମସ୍ତିପୁର, ହାଜୀପୁର, ଛପରା।

# ପୁଣି ଜାତିସଂଘରେ କଶ୍ମୀର ପ୍ରସଙ୍ଗ ଉଠାଇଲା ପାକିସ୍ତାନ : ଭାରତ ଦେଲା ଜବାବ

**ନ୍ୟୁୟର୍କ, ୨୭/୬**
ଜାତିସଂଘରେ ପାକିସ୍ତାନ ପୁଣି ଥରେ କଶ୍ମୀର ପ୍ରସଙ୍ଗ ଉଠାଇବା ପରେ ଭାରତ ଏଭଳି ଜବାବ ଦେଇଛି ଯେ ଇସଲାମାବାଦକୁ ଘୋର ଅପମାନିତ ହେବାକୁ ପଡ଼ିଛି। ମିଳିତ ଜାତିସଂଘର ଦୃଷ୍ଟି ହଟାଇବା ପାଇଁ ପାକିସ୍ତାନ ବାରମ୍ବାର ଏହି ପ୍ରସଙ୍ଗ ଉଠାଉଛି ବୋଲି ଭାରତ କହିଛି। ପାକିସ୍ତାନର ଏହି ଅଭିଯୋଗ ଭିତ୍ତିହୀନ, ଅଯଥା ଏବଂ ଧ୍ୟାନ ହଟାଇବା ପାଇଁ ଏକ ଅଭ୍ୟାସଗତ ପ୍ରୟାସ। ନିଜ ଦେଶରେ ଶିଶୁଙ୍କ ପ୍ରତି ହେଉଥିବା ଭୟାନକ ଅପରାଧରୁ ବିଶ୍ୱର ଦୃଷ୍ଟି ହଟାଇବା ପାଇଁ ପାକିସ୍ତାନ ଏପରି କରୁଛି । ଶିଶୁ ଏବଂ ସଶସ୍ତ୍ର ସଂଘର୍ଷ ଉପରେ ଜାତିସଂଘ ନିରାପତ୍ତା ପରିଷଦରେ ହୋଇଥିବା ବିତର୍କରେ ଜାତିସଂଘରେ ଭାରତର ଉପ ପ୍ରତିନିଧି ଆର. ରବୀନ୍ଦ୍ରନ କହିଛନ୍ତି ଯେ ଜମ୍ମୁ-କଶ୍ମୀର ଏବଂ ଲଦାଖ ଭାରତର ଏକ ଅବିଚ୍ଛେଦ୍ୟ ଅଙ୍ଗ। କଥା ହେଉଛି ଶିଶୁମାନଙ୍କ ଉପରେ ହେଉଥିବା ଅପରାଧ ପ୍ରସଙ୍ଗରେ ଜାତିସଂଘରେ ଆଲୋଚନା ଚାଲିଥିଲା । ଏହି ସମୟରେ ପାକିସ୍ତାନ କଶ୍ମୀର ପ୍ରସଙ୍ଗ ଉଠାଇଥିଲା । ପାକିସ୍ତାନର ଏହି ବୟାନ ଅଭ୍ୟାସଗତ, ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ଏବଂ ଭାରତ ବିରୋଧରେ ଏକ ଦ୍ୱେଷ ରହିଛି ବୋଲି ଭାରତୀୟ ପ୍ରତିନିଧି କହିଥିଲେ । ଭାରତ ଏହି ଭିତ୍ତିହୀନ ଏବଂ ଅଯଥା ବୟାନକୁ ସ୍ପଷ୍ଟ ଭାବେ ପ୍ରତ୍ୟାଖ୍ୟାନ କରୁଛି ବୋଲି ସେ କହିଥିଲେ । ସେ କହିଥିଲେ ଯେ ବର୍ଷ ବର୍ଷ ଧରି ୟୁଏନଏସସିରେ ଶିଶୁ ବିତର୍କ ସଶସ୍ତ୍ର ସଂଘର୍ଷ ପରିସ୍ଥିତି କାରଣରୁ ପିଲାମାନେ ସମ୍ମୁଖୀନ ହେଉଥିବା ଆହ୍ୱାନଗୁଡ଼ିକୁ ଆଲୋକପାତ କରି ଅନ୍ତର୍ଜାତୀୟ ସମୁଦାୟକୁ ସାହାଯ୍ୟ କରିଛି। ତେଣୁ ଶିଶୁମାନଙ୍କ ପ୍ରତି ହେଉଥିବା ଉଲ୍ଲଂଘନକୁ ରୋକିବା ଓ ବନ୍ଦ କରିବାର ଗୁରୁତ୍ୱକୁ ଅନ୍ତର୍ଜାତୀୟ ସମୁଦାୟ ସ୍ୱୀକାର କରିଛି।